ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୯୯
୨୬ ନଭେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 199
26th November, 2025 Wednesday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା**
**ନିର୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ। ଏହା ସେମାନଙ୍କର ସ୍ୱଭାବ ।

## ଧାର୍ଯ୍ୟ ଟାରିଫଠାରୁ ୩୬ ପଇସା ଅଧିକ ଅଦାୟ କରିଛି ଟାଟା

**ଭୁବନେଶ୍ୱର,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ୪ଟି ବିତରଣ କମ୍ପାନୀ ଯଥା ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ, ଟିପିଏସଓଡିଏଲ ଓ ଟିପିଏନଓଡିଏଲର ପରିଚାଳନା ଗତ ୫ ବର୍ଷଧରି ଟାଟା ପାୱାର କରୁଥିବା ବେଳେ ଏହାର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିଜଆଡୁ ଏକ ମାମଲା ଆରମ୍ଭ କରିଥିଲେ। ଉକ୍ତ ମାମଲାଟି ଏବେ ଆୟୋଗଙ୍କ ବିଚାରଧୀନ ଅଛି। ତେବେ ଆସନ୍ତା ନଭେମ୍ବର ୩୦ ମଧ୍ୟରେ ଓଡିଶା ବିଦ୍ୟୁତ କମ୍ପାନୀଗୁଡିକ ୨୦୨୬-୨୭ ବର୍ଷର ଟାରିଫ ନିର୍ଣ୍ଣୟ ପାଇଁ

**ଗ୍ରୀଡ୍‌କୋର ବିଦ୍ୟୁତ ବ୍ୟବସାୟ ଲାଭ ୩୪୭.୩୭ କୋଟି ଟଙ୍କା**

ନିଜନିଜର ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଇଆରସିରେ ଦାଖଲ କରିବେ। ଜନଶୁଣାଣି ମାଧ୍ୟମରେ ଆୟୋଗ ସେଗୁଡିକୁ ଫଇସଲା ଟାରିଫ ଧାର୍ଯ୍ୟ କରିବେ। ଓଇଆରସି ଅଧିନିୟମ ଅନୁସାରେ ଆସନ୍ତାବର୍ଷ ୨୦୨୬-୨୭ ପାଇଁ ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପୂର୍ବରୁ ଆୟୋଗ ବିଦ୍ୟୁତ କମ୍ପାନୀଗୁଡିକର କାର୍ଯ୍ୟଦକ୍ଷତା ସମୀକ୍ଷା କରି ଅଂଶୀଦାରମାନଙ୍କର ଅବଗତି ପାଇଁ ପ୍ରକାଶ କରିବେ। ଆୟୋଗ ଟାଟାର ୪ଟି ବିତରଣ କମ୍ପାନୀ ଓ ଗ୍ରୀଡ୍‌କୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଗତ ସପ୍ତାହରେ ପ୍ରକାଶ କରି ଥିବାବେଳେ ଓପିଟିସିଏଲ, ଏସଏଲଡିସି, ଓଏଚପିସି ଓ ଓପିଜିସିର ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି।

ଆସନ୍ତା ବର୍ଷପାଇଁ ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ପୂର୍ବବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆୟୋଗ ପ୍ରକାଶ କରିଥିବା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ବିକ୍ରୟ କରି ୧୭୪୬୧ କୋଟି ଟଙ୍କା ରାଜସ୍ୱ ଅଦାୟ କରିବା ପାଇଁ ଟାଟାକୁ ମଞ୍ଜୁର କରିଥିଲେ। କିନ୍ତୁ ଟାଟା ୨୯୫୬୯ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରିକରି ୟୁନିଟ ପିଛା ହାରାହାରି ୬ ଟଙ୍କା ୩ ପଇସା ହିସାବରେ ୧୭୮୩୬ କୋଟି ଟଙ୍କା ଅଦାୟ କରିଛି, ଯାହା ଆୟୋଗ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସପ୍ତାହେ ପର୍ଯ୍ୟନ୍ତ ବର୍ଷା ନାହିଁ

**ଭୁବନେଶ୍ୱର,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଇତିମଧ୍ୟରେ ଅବପାତର ରୂପ ନେଇସାରିଛି ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଥିବା ଲଘୁଚାପ। ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ। ତେବେ ଏହି ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟକୁ ବର୍ଷା ଭୟ ନାହିଁ। ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଥିବା ଲଘୁଚାପ ଅବପାତର ରୂପ ନେଇଛି। ଅଧିକ ଘନୀଭୂତ ହୋଇ ୨୪ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବ। ଆଣ୍ଡାମାନ ଉପରେ ଥିବା ଅବପାତ ୨୪ ଘଣ୍ଟାରେ ବାତ୍ୟାରେ ପରିଣତ ହେବ। ଏହି ବାତ୍ୟାର ସିଧାସଳଖ ପ୍ରଭାବ ଓଡିଶା ଉପରେ ରହିବ ନାହିଁ। କିଛି ସ୍ଥାନରେ ମେଘୁଆ ପାଗ ଦେଖାଯିବ, ଶୀତର ପ୍ରଭାବ ସାମାନ୍ୟ ରହିବ। କାଲିଠାରୁ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବ ଏବଂ ଶୀତ ଅନୁଭବନ ହେବ।

## ଶିମିଳିପାଳରେ ବଢ଼ିଛି ବାଘଙ୍କ ସଂଖ୍ୟା

**ଭୁବନେଶ୍ୱର,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ଚଳିତ ବର୍ଷ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ଏବେବି ସାତକୋଶିଆ ବାଘ ଶୂନ୍ୟ ହୋଇ ରହିଛି। ଏ ନେଇ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ସୂଚନା *(ଶେଷ ପୃଷ୍ଠା ଦେଖନ୍ତୁ)*

## ପ୍ରତି ୧୦ ମିନିଟରେ ଜଣେ ଝିଅକୁ ହତ୍ୟା: ଜାତିସଂଘ

**ନ୍ୟୁୟର୍କ,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ବିଶ୍ୱରେ ମହିଳା ଏବଂ ଝିଅମାନଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ଆଉ କେବଳ ଏକ ପରିସଂଖ୍ୟାନ ନୁହେଁ, ଏହା ଏକ ଆତଙ୍କରେ ପରିଣତ ହୋଇଛି। ଏହି ଆତଙ୍କ ଆହୁରି ଭୟଙ୍କର ହେବାରେ ଲାଗିଛି। ସେମାନଙ୍କ ପାଇଁ ଏକଦା ସୁରକ୍ଷିତ ବୋଲି ବିବେଚିତ ହେଉଥିବା ନିଜ ଘର ସବୁଠାରୁ ଅଧିକ ଅସୁରକ୍ଷିତ ସ୍ଥାନ ହେବାକୁ ଯାଉଛି। ଜାତିସଂଘର ଏକ ସାମ୍ପ୍ରତିକ ରିପୋର୍ଟ ଏହି ଭୟଙ୍କର ସତ୍ୟ ପ୍ରକାଶ କରିଛି।



ଗତ ବର୍ଷ, ପ୍ରତି ୧୦ ମିନିଟରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ପ୍ରେମିକ କିମ୍ବା ସମ୍ପର୍କୀୟ ଆଦି ନିକଟତର ବ୍ୟକ୍ତିଙ୍କ ଦ୍ୱାରା ହତ୍ୟା କରାଯାଇଥିଲା। ଏହାର ଅର୍ଥ ହେଉଛି ଯେଉଁମାନଙ୍କୁ ମହିଳାମାନେ ବିଶ୍ୱାସ କରୁଛନ୍ତି ସେମାନେ ସେମାନଙ୍କର ହତ୍ୟାକାରୀ ହେବା ଘଟଣା ବଢୁଛି। ମହିଳା ବିରୋଧୀ ହିଂସା ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସରେ ପ୍ରକାଶିତ ୟୁଏନଓଡିସି ଏବଂ ୟୁଏନ୍ ୱିମେନ୍ ଦ୍ୱାରା କରାଯାଇଥିବା ଏହି ରିପୋର୍ଟ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ନାରୀ ହତ୍ୟାର ବିପଦ କେବଳ ବୃଦ୍ଧି ପାଉନାହିଁ ବରଂ ଅଧିକ ଜଟିଳ ହେଉଛି। ଏହି ସଂଖ୍ୟା ୨୦୨୩ ତୁଳନାରେ ସାମାନ୍ୟ କମ୍, କିନ୍ତୁ ବିଶ୍ୱ ସୁରକ୍ଷିତ ହୋଇଥିବାରୁ ନୁହେଁ, ବରଂ ଅନେକ ଦେଶ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ନଥିବାରୁ। ଏହାର ଅର୍ଥ ହେଉଛି ବାସ୍ତବତା ଆହୁରି ଭୟଙ୍କର ହୋଇପାରେ।

ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ ମସିହାରେ, ସାରା ବିଶ୍ୱରେ ପ୍ରାୟ ୫୦ ହଜାର ମହିଳା ଏବଂ ଝିଅଙ୍କୁ ତାଙ୍କର ଘନିଷ୍ଠ ସାଥୀ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟା କରାଯାଇଥିଲା। ପ୍ରତିଦିନ ହାରାହାରି ୧୩୭ ଜଣ ମହିଳା କିମ୍ବା ପ୍ରତି ୧୦ ମିନିଟରେ ଗୋଟିଏ ହତ୍ୟା ସହିତ ସମାନ। ମହିଳାଙ୍କ ସମସ୍ତ ହତ୍ୟା ମଧ୍ୟରୁ, ୬୦% ସେମାନଙ୍କ ବିଶ୍ୱାସଯୋଗ୍ୟ ଲୋକ ସ୍ୱାମୀ, ପ୍ରେମିକ, ପିତା, ଭାଇ କିମ୍ବା ଅନ୍ୟ ସମ୍ପର୍କୀୟଙ୍କ ଦ୍ୱାରା କରାଯାଇଥିଲା,। ଏହାର ବିପରୀତରେ, ପୁରୁଷଙ୍କ ହତ୍ୟାର କେବଳ ୧୧% ସେମାନଙ୍କ ନିକଟତର ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିଲା।

କୌଣସି ମହାଦେଶ ନାରୀ ହତ୍ୟାରୁ ମୁକ୍ତ ନୁହନ୍ତି। ତଥାପି ୨୦୨୪ମସିହାରେ ଆଫ୍ରିକାରେ ବିଶ୍ୱ ସ୍ତରରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପଦ ଛାଡ଼ିଲେ ଦେବାଶିଷ ସାମନ୍ତରାୟ

## 'ବିଜେଡ଼ି ଏବେ ବ୍ୟୁରୋକ୍ରାଟିକ ଦଳ ହୋଇଯାଇଛି'




**କଟକ,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପଦ ଛାଡ଼ିଲେ ଦେବାଶିଷ ସାମନ୍ତରାୟ । ବିଜେଡ଼ିର ପଦ ଛାଡ଼ିଲେ ସାଂସଦ ଦେବାଶିଷ ସାମନ୍ତରାୟ । ଦେବାଶିଷ ମଙ୍ଗଳବାର ବିଜେଡ଼ିର ସିନିୟର ସିଟିଜେନ ସେଲ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ଶ୍ରୀ ସାମନ୍ତରାୟ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି । ପୂର୍ବରୁ ଦଳ ଉପରେ ଦେବାଶିଷ ଅସନ୍ତୋଷ ଥିଲେ। ତେବେ ଦଳ ଗୁରୁତ୍ୱ ଦେଉନଥିବାରୁ ଦର୍ଶାଇ ପଦବୀ ଛାଡ଼ିଥିବା ଇସ୍ତଫା ପତ୍ରରେ ସାଂସଦ ଶ୍ରୀ ସାମନ୍ତରାୟ ଉଲ୍ଲେଖ କରିଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ଆଉ ଦଳ ଚାଲୁନଥିବା ଶ୍ରୀ ସାମନ୍ତରାୟ ଚିଠିରେ ଦର୍ଶାଇଛନ୍ତି। ଦେବାଶିଷ କହିଛନ୍ତି, ବିଜୁ ଜନତା ଦଳ ଏବେ ବ୍ୟୁରୋକ୍ରାଟିକ ଦଳ ହୋଇଯାଇଛି। ବିଜୁବାବୁଙ୍କ ଆଦର୍ଶରେ ଆଉ ବିଜେଡ଼ି ପରିଚାଳିତ ହେଉନାହିଁ ବୋଲି ସେ କହିଛନ୍ତି । ବରିଷ୍ଠ ନାଗରିକ ସେଲ ଉପସଭାପତି ପଦରୁ ଇସ୍ତଫା ଦେବା ପରେ ଏବେ ଚର୍ଚ୍ଚା ହେଉଛି ଦେବାଶିଷଙ୍କ ଗତି କେଉଁଆଡ଼େ ରହିବ ?

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ବିଜେଡ଼ି ଆଉ ଦେବାଶିଷଙ୍କ ଭିତରେ କିଛି ବି ଠିକ ନାହିଁ । ୨୦୨୪ ନିର୍ବାଚନରେ ଦଳର ପରାଜୟ ପରେ ଦେବାଶିଷ ସାମନ୍ତରାୟ ଦଳର ପରିଚାଳନା ନେଇ ବାରମ୍ବାର ପ୍ରଶ୍ନ ଉଠାଇ ଆସିଛନ୍ତି । ଏମିତି ବି ୱାକଫ ବିଲ ସମୟରେ ମଧ୍ୟ ଦେବାଶିଷଙ୍କୁ ନେଇ ବିଜେଡ଼ି ରାଜନୀତି ସରଗରମ ହୋଇଥିଲା। ଆଉ ଆଜି ଶ୍ରୀ ସାମନ୍ତରାୟ ସିନିୟର ସିଟିଜେନ ସେଲର ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ଗତ କିଛିଦିନ ଧରି ଦଳୀୟ ଅସନ୍ତୋଷ ଜାହିର କରିଥିଲେ ଦେବାଶିଷ ସାମନ୍ତରାୟ । ନିକଟରେ ଶ୍ରୀମୟୀ ମିଶ୍ରଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ ବରିଷ୍ଠ ବିଜେଡ଼ି ନେତା ଦେବାଶିଷ ସାମନ୍ତରାୟ । ଶ୍ରୀମୟୀ ଯେତେବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

## କେରଳରେ ମୃତ ଶ୍ରମିକଙ୍କ ଶବ ଗାଁକୁ ଫେରିଲା

**ରାଜନଗର,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାତଭାୟା ପଚାଂୟତ ଥଇଥାନସ୍ଥଳୀ ବଗପାଟିଆର ଅନାଦୀ ରଣାଙ୍କ ପୁଅ ଅର୍ଜୁନ ରଣା(୨୫) ଦାଦନ ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇ ସେଠାରେ ଆତ୍ମହତ୍ୟା କରିଥିଲେ। ତିନିଦିନ ପରେ ଅର୍ଜୁନଙ୍କ ଶବ ଗାଁ ଫେରିଛି। କେରଳର ଏର୍ଣ୍ଣାକୁଲାମ (ଗ୍ରାମାଂଚଳ) ଜିଲ୍ଲାର ପେରୁମ୍ବାଭୁର ଥାନା ଅନ୍ତର୍ଗତ ଆକ୍ରାପାଡି ଗ୍ରାମରେ ଅର୍ଜୁନ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଗତ ୨୨ତାରିଖ ଶୁକ୍ରବାର ଦିନ ଅପରାହ୍ନ ୪ଟାରୁ ରାତି ୭ଟା ୪୫ ମଧ୍ୟରେ ସମୟରେ ସେ ଆତ୍ମହତ୍ୟା କରିଥିବା ନେଇ କିଟେକ୍ସ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଶବକୁ ଜବତ କରି ୨୨୫୨/୨୫ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଥିଲା। ସାତଭାୟାର କିଛି ଯୁବକ ଅର୍ଜୁନଙ୍କ ଅଭାବୀ ପରିବାର ସଂପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କମ୍ପାନୀ କର୍ତ୍ତୃପକ୍ଷ ଶବକୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ । ମଙ୍ଗଳବାର ଦିନ ଶବ ଭୁବନେଶ୍ୱରରେ ପହଂଚିବା ପରେ ତାଙ୍କ ପିତା ଅନାଦି *(ଶେଷ ପୃଷ୍ଠା ଦେଖନ୍ତୁ)*

## କୁକୁର କାମୁଡ଼ି ଛିଡ଼େଇଦେଲା ଶିଶୁର କାନ: ମାଲିକ ଗିରଫ

**ନୂଆଦିଲ୍ଲୀ,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କୁକୁର ଉପଦ୍ରବ ନେଇ ଦିଲ୍ଲୀରୁ ପୁଣି ଆସିଲା ଭୟଙ୍କର ଚିତ୍ର। ଦିଲ୍ଲୀରେ ପଡିଶାର ଘର ପୋଷା କୁକୁର ଆକ୍ରମଣରେ ୬ ବର୍ଷର ଶିଶୁ ଗୁରୁତର ଆହତ ହୋଇଛି। ଶିଶୁର ଗୋଟିଏ କାନକୁ କୁକୁର କାମୁଡି ଛିଣ୍ଡାଇ ଦେଇଛି। ଉତ୍ତର-ପଶ୍ଚିମ ଦିଲ୍ଲୀର ପ୍ରେମନଗର ଅଞ୍ଚଳରେ ଘଟିଛି ଏହି ଘଟଣା। ନିଜ ଘର ବାହାରେ ଶିଶୁଟି ଗୋଟିଏ ବଲ୍ ଧରି ଖେଳୁଥିବା ବେଳେ ବଲଟି ପଡିଶା ଘର କୁକୁର ପାଖରେ ପଡିଥିଲା। ବନ୍ଧା ଯାଇଥିବା କୁକୁରଟି ରଶି ଛିଡାଇ ଶିଶୁକୁ



ଆକ୍ରମଣ କରିଥିଲା। ଏନେଇ ଏକ ମାମଲା ରୁଜୁ କରାଯିବା ସହିତ ପୋଷା କୁକୁରର ମାଲିକ ରାଜେଶ ପାଲଙ୍କୁ ଗିରଫ କରିଛି ପୁଲିସ। କୁକୁରଟିକୁ ଏକ ଆଶ୍ରୟସ୍ଥଳରେ ରଖାଯାଇଥିବା ଜଣେ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ଶିଶୁଟି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛି। ଶିଶୁର ଡାହାଣ କାନକୁ କୁକୁର ଛିଣ୍ଡାଇ ଦେଇଥିବା ବେଳେ ମୁଣ୍ଡ ପଛପଟେ ଆଠ ଦଶଟି କ୍ଷତ ହୋଇଛି। ଆଖପାଖର ଦୁଇଜଣ ବ୍ୟକ୍ତି କୁକୁରକୁ ଟାଣି ନେଇ ଶିଶୁକୁ ଉଦ୍ଧାର କରିଥିଲେ। କିଛିଦିନ ତଳେ ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ କିଛି ନିୟମ କରିବାକୁ କହିଥିବା ବେଳେ ପୋଷା କୁକୁର ଆକ୍ରମଣରେ ଜଣେ ଶିଶୁ ଗୁରୁତର ଆହତ ହେବା ନେଇ ଉଦବେଗ ପ୍ରକାଶ ପାଇଛି।

ଏବେ କେବଳ ଦିଲ୍ଲୀରେ ନୁହେଁ ସାରା ଦେଶରେ ବୁଲା କୁକୁରଙ୍କ ସହ ପୋଷା କୁକୁର ମଧ୍ୟ ଚିନ୍ତା ବଢ଼ାଇଛନ୍ତି। ସହର, ବାଜର, ଗଳି କନ୍ଦି ସବୁଠି କୁକୁର ସମସ୍ୟା ସୃଷ୍ଟି କରୁଛନ୍ତି। କେଉଁଠି କୁକୁର ପାଇଁ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି ତ କେଉଁଠି କୁକୁର ଆକ୍ରମଣରେ ଲୋକ କ୍ଷତାକ୍ତ ହେଉଛନ୍ତି। ଏନେଇ ସରକାରଙ୍କ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଚିନ୍ତା ବ୍ୟକ୍ତ କରୁଛନ୍ତି । କୁକୁର ବନ୍ଧ୍ୟାକରଣ ଓ ବୁଲାକୁକୁରଙ୍କୁ ଉଦ୍ଧାର କରି ଗୋଟିଏ ସ୍ଥାନରେ ରଖାଯିବା ଉପରେ ସରକାରମାନେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଷ୍ଟ୍ରପତିଙ୍କ ପାଇଁ ଗୁରୁବାର ରାଜଧାନୀ ରାସ୍ତାରେ କଟକଣା

**ଭୁବନେଶ୍ୱର,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୭ ତାରିଖରେ ମହାମହିମ ରାଷ୍ଟ୍ରପତି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଓଡ଼ିଶା ବିଧାନସଭାରେ ଶୀତକାଳୀନ ଅଧିବେଶନକୁ ରାଷ୍ଟପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିବେ। ରାଷ୍ଟପତି ଗସ୍ତକୁ ଆଖି ଆଗରେ ରଖି ଭୁବନେଶ୍ୱର କମିଶେନରରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଭି.ଆଇ.ପିଙ୍କ ସୁରକ୍ଷା ସୁଗମନାଗମନକୁ ଦୃଷ୍ଟିରେ ରଖି ଆଇନ ୨୦୦୩ ର ଧାରା ୨୭ ଓ କଟକ – ଭୁବନେଶ୍ୱର କମିଶେନରରେଟ୍ ପୁଲିସର ୨୦୦୮ର ଧାରା ୩୬ ଅନୁସାରେ ରାଷ୍ଟପତିଙ୍କ ଯାତାୟାତ ପଥରେ କଟକଣା ଲାଗୁ କରାଯାଇଛି। ଆସନ୍ତା ୨୭ ତାରିଖ ତଥା ଗୁରୁବାର ଦିନ ଏୟାରପୋର୍ଟ ଛକରୁ ହସ୍ପିଟାଲ ଛକ ପରେ ଏ.ଜି.ଛକରୁ ବାମ ମୋଡ଼ ଦେଇ ରାଜ ଭବନ ଯାଏଁ ଅପରାହ୍ନ ୧.୩୦ ମିନିଟ୍‌ରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଯାତାୟତ ପଥକୁ ବନ୍ଦ କରାଯାଇଛି। ୨୮ ତଥା ଶୁକ୍ରବାର ଦିନ ରାଜଭବନ ଛକରୁ ଏ.ଜି.ଛକ ଡ଼ାହାଣ ମୋଡ଼ ନେଇ ହସ୍ପିଟାଲ ଛକରୁ ଏୟାରପୋର୍ଟ ଛକର ଟର୍ମିନାଲ-୨ ଯାଏଁ ସକାଳ ୯ ଘଟିକାରୁ ସକାଳ ୯.୩୦ ମିନିଟ୍ ପର୍ଯ୍ୟନ୍ତ ଯାତାୟତ ପଥକୁ ବନ୍ଦ କରାଯାଇଛି। କଟକଣା ଲାଗିଥିବା ସମୟରେ ଜରୁରୀ କାଳୀନ ସେବାରେ ନିୟୋଜିତ ଯାନବାହାନ (ଫାୟାର, ଆମ୍ବଲାନ୍ସ ଓ ପୁଲିସ) ଚଳାଚଳରେ ଲାଗୁ ହେବନାହିଁ।

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି। ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ବିମାନବନ୍ଦର ଠାରୁ ରାଜଭବନ ଓ ବିଧାନସଭା ପର୍ଯ୍ୟନ୍ତ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ବ୍ଲୁ ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସ ଓ ୬୪ଜଣ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଏଥିସହ ୫ଜଣ ଡିସିପି, ୬ଜଣ ଅତିରିକ୍ତ ଡିସିପି, ୨୩ ଏସିପି, ୩୧ ଇନ୍ସପେକ୍ଟର, ୧୩୧ ଏସ୍‌ଆଇ/ଏଏସ୍‌ଆଇ, ୧୮୫ ଏପିଆର କନଷ୍ଟେବଳ, ୭୫ ମହିଳା କନଷ୍ଟେବଳ, କୁଇକ୍ ରେସ୍‌ପନ୍ସ ଦଳ, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଚକ୍‌ଲେଟ୍ ଦେବା ବାହାନାରେ ୩ ଶିଶୁକନ୍ୟାଙ୍କୁ ଦୁଷ୍କର୍ମ !

**କାଳିମେଳା,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରିଜିଲ୍ଲା ଏମଭି-୭୯ ଥାନା ଅନ୍ତର୍ଗତ ଏମଭି-୭୨ ଅଂଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି। ଜଣେ ୪୭ ବର୍ଷୀୟ ବ୍ୟକ୍ତି ୩ଜଣ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଘଟଣାଟି ଗତ ରବିବାର ଅପରାହ୍ନ ୪ଟା ସମୟରେ ଏମଭି-୭୨ ଅଂଚଳରେ ଘଟିଥିଲା। ଅଭିଯୁକ୍ତ ପଡୋଶୀ ଘରର ୩ଜଣ ନାବାଳିକାଙ୍କୁ ଚକଲେଟ ଓ କୁରକୁରି ଦେବାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକିଥିଲା। ଘରେ କେହି ନଥିବାରୁ ଘରକୁ ଝାଡୁକରିବାକୁ ପ୍ରଥମେ ଶିଶୁମାନଙ୍କୁ କହିଥିଲା। ଏହାପରେ ସେମାନଙ୍କୁ ଚକଲେଟ୍ ଓ କୁରକୁରି ଖାଇବାକୁ ଦେଇଥିଲା। ତା'ପରେ ଘୃଣ୍ୟ କାମ କରିଥିବା ଅଭିଯୋଗ ହୋଇଛି।

ଅଭିଯୁକ୍ତର ଅସଲ ଉଦେଶ୍ୟ ସଂପର୍କରେ ଅଜ୍ଞ ଥିବା କୁନି ଶିଶୁମାନେ ଘର ଭିତରେ କାମ କରୁଥିବାବେଳେ ଅଭିଯୁକ୍ତ ଭିତରପଟୁ ଘରକୁ ବନ୍ଦ କରିଦେଇଥିଲା। ଏହାପରେ ଆରମ୍ଭ ହୋଇଯାଇଥିଲା ଶାରୀରିକ ନିର୍ଯାତନା। ଶିଶୁମାନଙ୍କୁ ଦୁଷ୍କର୍ମ କରିଥିଲା। ୩ଜଣ ଶିଶୁଙ୍କ ବୟସ ୫ରୁ ୭ବର୍ଷ ମଧ୍ୟରେ ହେବ। ଅପରାହ୍ନ ୪ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ନର ରାକ୍ଷାସର ଏପରି ନାରକୀୟ କାଣ୍ଡ ଘର ଭିତରେ ଚାଲିଥିଲେ ମଧ୍ୟ ବାହାର ଲୋକ କେହି ଜାଣି ପାରିନଥିଲେ। ଅଭିଯୁକ୍ତର ଘର ଚାରିପଟେ କୌଣସି ଘର ନଥିବାରୁ ଘଟଣା ସଂପର୍କରେ କେହି ସୁରାକ ପାଇପାରିନଥିଲେ। ଘଟଣା ସଂର୍ପକରେ ଘରେ ନ କହିବାକୁ ଅଭିଯୁକ୍ତ ୩ଜଣ ଶିଶୁଙ୍କୁ ଧମକାଇଥିଲା। ଫଳରେ ସେମାନେ ଆଉ ଘରେ ଘଟଣା ସଂପର୍କରେ କହିନଥିଲେ।

ତେବେ ସୋମବାର ଦିନ ଜଣେ ପୀଡିତା ପରିସ୍ରା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲାଞ୍ଚ ନେଇ ଏଆରଆଇ ଗିରଫ

**କେନ୍ଦ୍ରାପଡ଼ା,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷ ଜମିକୁ ଘରବାଡି ଜମିରେ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ୧୨ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ବେଳେ କେନ୍ଦ୍ରାପଡ଼ା ତହସିଲ ଅଧିନ ନିକିରାଇ ରାଜସ୍ୱ ସର୍କଲର ସହକାରୀ ରାଜସ୍ୱ ନିରୀକ୍ଷକ(ଏଆରଆଇ) ଅଭିମନ୍ୟୁ ବେହେରା ଭିଜିଲାନ୍ସ ହାତରେ ଧରା ପଡି ଗିରଫ ହୋଇଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ସୂଚନା ଅନୁଯାୟୀ ଡେରାବିଶ ବ୍ଲକର ଜଣେ ବ୍ୟକ୍ତି ନିଜ ଚାଷ ଜମିକୁ ଘରବାଡି ଜମିରେ ପରିଣତ କରିବା ପାଇଁ ଆବେଦନ କରିଥିଲେ। ଏ ନେଇ ସେ ଅନଲାଇନ୍‌ରେ କେନ୍ଦ୍ରାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସମସ୍ତ କାଗଜାତ ଯାଞ୍ଚ ପରେ ଏଆରଆଇ ଶ୍ରୀ ବେହେରା ଜମି ମାଲିକଙ୍କୁ କାର୍ଯ୍ୟାଳୟକୁ



ଡକାଇଥିଲେ। ଜମିର କିସମ ପରିବର୍ତ୍ତନ କରି ତାଙ୍କ ସପକ୍ଷରେ ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ ଜମି ମାଲିକ ଏତେ ଟଙ୍କା ଦେବା ପାଇଁ ସକ୍ଷମ ନୁହଁନ୍ତି ବୋଲି କହିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜୀବନ ନେବାକୁ ଅପେକ୍ଷା କରିଛି ଅସୁରକ୍ଷିତ କୋଠାବାଡ଼ି !

**କେନ୍ଦ୍ରାପଡ଼ା,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜନଗହଳିପୂର୍ଣ୍ଣ ଅଂଚଳରେ ଥିବା ଅସୁରକ୍ଷିତ କୋଠାବାଡ଼ି ଲୋକଙ୍କ ପାଇଁ ବିଭିନ୍ନ ସମୟରେ କାଳ ହୋଇଥାଏ। ଏହା କେତେବେଳେ ଯେ ଲୋକଙ୍କ ଜୀବନକୁ ଅସୁରକ୍ଷିତ କରିବ ତାହା କୁହାଯାଇନପାରେ । ଗତ ୨୦୦୩ରେ କେନ୍ଦ୍ରାପଡ଼ା ସହରର ଅନତୀ ଦୂରରେ ଥିବା ଦେପୁରା ସ୍କୁଲର ଏକ ଅସୁରକ୍ଷିତ କୋଠା ଭୁସୁଡ଼ି ଛାତ୍ରଛାତ୍ରୀଙ୍କ ଜୀବନ ନେବା ଘଟଣାକୁ ସଚେତନ ଲୋକେ ଭୁଲି ପାରି ନାହାଁନ୍ତି । ସେହିପରି ସହରର ବଳଗଣ୍ଡିରେ ଏକ ଅସୁରକ୍ଷିତ କୋଠାର ଛାଜା ଭାଙ୍ଗିପଡ଼ିବାରୁ ଜଣେ ଲୋକ ଯଦିଓ ମରୁ ମରୁ ବଂଚି ଯାଇଥିଲେ ତଥାପି ଲୋକଙ୍କ ମନରୁ ଏହା ଲିଭିନାହିଁ। ନିକଟରେ କଟକର ବର୍କ୍ସବଜାରରେ ଏକ ଆପାଟମେଣ୍ଟର ବାଲକୋନୀ ଛାତ ଭୁଶୁଡ଼ି ପଡ଼ି ଜଣେ ଶିଶୁଙ୍କ ସହିତ ୩ଜଣ ମୃତ୍ୟୁ ମୁଖରେ ପଡ଼ିବା ଘଟଣା ଆଜି ବି ତାଜା ହୋଇ ରହିଛି । ହେଲେ ଏହି ସବୁ ଘଟଣା କେନ୍ଦ୍ରାପଡ଼ା ପୌର ପ୍ରଶାସନ ହେଉ କି ଜିଲ୍ଲା ପ୍ରଶାସନ ହେଉ କାହାକୁ ବି ପ୍ରଭାବିତ କରିପାରି ନାହିଁ । ଫଳରେ କେନ୍ଦ୍ରାପଡ଼ା ସହରରେ ଅନେକ ଅସୁରକ୍ଷିତ କୋଠାବାଡ଼ି ଲୋକଙ୍କ ପାଇଁ ବିପଦ ହୋଇ ଛିଡ଼ା ହୋଇଥିବା ଅଭିଯୋଗ ହୋଇଛି ।

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ବିଭିନ୍ନ ପୌରାଂଚଳରେ ଗଠିତ ପୌର ପରିଷଦ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ନୀତି ନିର୍ଦ୍ଧାରଣ କରିବା ସହିତ ଏହାକୁ କାର୍ଯ୍ୟକାରୀ କରାଇବା ଦିଗରେ ଉତ୍ତରଦାୟୀ । କିନ୍ତୁ ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡ଼ା ପୌରାଂଚଳରେ କାହାରି କିଛି ଉତ୍ତରଦାୟୀ ଥିଲା ଭଳି ମନେ ହେଉନାହିଁ । ଏଥିସହିତ ଜିଲ୍ଲା ପ୍ରଶାସନର ଉଦାସୀନତା କାରଣରୁ ଲୋକଙ୍କ ସ୍ୱାର୍ଥ ସାଧନ ଦୂରେ ଥାଉ ସେମାନଙ୍କର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଦିନକୁ ଦିନ ଲୋକଙ୍କ ଚିନ୍ତା ବଢାଉଥିବାବେଳେ ଉଭୟ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିରବ । ଯାହାର ପରିଣାମରେ ସହର ମଧ୍ୟସ୍ଥ ଗୋବରୀ ନଦୀ ହେଉ କି ଗୋବରୀ କେନାଲ ହେଉ ପ୍ରଦୂଷଣ ବୃଦ୍ଧି କରି ଚାଲିଛି ।

ତେବେ ସବୁଠାରୁ ଦୁଃଖଦ କଥା ହେଲା ସହରରେ ଥିବା ଅସୁରକ୍ଷିତ କୋଠାବାଡ଼ିକୁ ସ୍ୱଚକ୍ଷୁରେ ଦେଖି ମଧ୍ୟ ଦୂରଦୃଷ୍ଟିହୀନ ସରକାରୀ ଅଧିକାରୀ ଓ ପଦବୀଧାରୀ ନେତା କୌଣସି ପଦକ୍ଷେପ ନେଉନାହାଁନ୍ତି । କେନ୍ଦ୍ରାପଡ଼ା ସହରରେ ଥିବା ପ୍ରାଚୀନ କୋଠାବାଡ଼ି ମଧ୍ୟରୁ ଯଦିଓ ତତ୍କାଳୀନ ଏସଡ଼ିଓଙ୍କ ଅଫିସ ଠାରୁ ଆରମ୍ଭ କରି ଫ୍ରେଜର ବାଳିକା ବିଦ୍ୟାଳୟ ଯାଏ କେତେକେ କୋଠାକୁ ଭାଙ୍ଗି ଦିଆଯାଇଛି, ତଥାପି ଆହୁରି ଅନେକ ଅସୁରକ୍ଷିତ ସରକାର ଓ ବେସରକାରୀ କୋଠାବାଡ଼ି ମୃତ୍ୟୁଦୂତ ଭାବେ ବିଭିନ୍ନ ସ୍ଥାନରେ ଦଣ୍ଡାୟମାନ ଅଛନ୍ତି । ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଜନଗହଳିପୂର୍ଣ୍ଣ କାକଟ ଗାଁ କୁ ଯିବା ପାଇଁ ରାସ୍ତା କଡ଼ରେ ଥିବା ଏକ ଅସୁରକ୍ଷିତ ଘରୋଇ କୋଠାକୁ ସମସ୍ତେ ଦେଖୁଥିଲେ ମଧ୍ୟ କାହାରିକୁ ଏହା ପ୍ରଭବିତ କରିପାରିନାହିଁ। ବହୁ ବର୍ଷ ତଳର ଏହି ଭଗ୍ନ କୋଠାଟିର ଛାତ ଭୁଶୁଡ଼ି ପଡ଼ିବା ପରେ ଏହାର କାନ୍ଥ ସବୁ କେଉଁମୁହୂର୍ତ୍ତରେ ଭୁଶୁଡ଼ି ଧନ ଜୀବନ ହାନି କରିବ ତା'ର ଠିକଠିକଣା ନାହିଁ।

ଖୋଦ୍ ପୌରସଂସ୍ଥାର କୋଠା ମଧ୍ୟ ସୁରକ୍ଷିତ ନୁହେଁ। ତେବେ କାକଟ କୁ ଯିବା ରାସ୍ତା କଡ଼ରେ ଥିବା ସଂପୂର୍ଣ୍ଣ ଅସୁରକ୍ଷିତ କୋଠାଟିର କାନ୍ଥ ସବୁକୁ ଦେଖିଲେ ଯେକେହି ବିଚଳିତ ହେବା ସ୍ୱାଭାବିକ। ହେଲେ ସ୍ଥାନୀୟ ପୌର ପାରିଷଦ ହୁଅନ୍ତୁ କି ପୌର ପ୍ରଶାସନ ହେଉ ଅଥବା ଜିଲ୍ଲା ପ୍ରଶାସନ ହେଉ କାହାରି ଏଥିପ୍ରତି ନିଘା ନାହିଁ । ଲୋକଙ୍କ ସୁରକ୍ଷା ଗୌଣ ହୋଇ ପଡ଼ିଛି। ଏହି କୋଠା ଭୁଷୁଡ଼ି ଜୀବନ ହାନୀ ନହେବା ଯାଏ ସମସ୍ତେ ଏକ ପ୍ରକାର ଚୁପ୍ ହୋଇ ବସିଛନ୍ତି। କେହି ମୃତ୍ୟୁ ମୁଖରେ ପଡ଼ିଲେ ଯାଇଁ ପ୍ରଶାସନର ଚେତା ପଶିବ। ତା'ହୋଇ ନଥିଲେ ଉକ୍ତ ଅସୁରକ୍ଷିତ କୋଠାଟିର ମାଲିକ ଅଂଶୀଦାର କେନ୍ଦ୍ରାପଡ଼ା ପୌରସଂସ୍ଥାରେ ଚାକିରୀ କରି ବି ଅସୁରକ୍ଷିତ କୋଠାଟି ଉଚ୍ଛେଦ ନହୋଇ ଆଜିଯାଏ ରହିନଥାନ୍ତା । ଯେଉଁଠି ବଡ଼ବଡ଼ିଆ ବାବୁମାନେ ଲୋକଙ୍କ ସୁରକ୍ଷାକୁ ଅଣଦେଖା କରି ଚୁପ୍ ରହୁଛନ୍ତି ସେଠାରେ ଅସୁରକ୍ଷିତ କୋଠାବାଡ଼ିର ସମୀକ୍ଷା କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ନେବ କି'ଏ ? ତେବେ ଏହି ସମ୍ବେଦନଶୀଳ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୬ ନଭେମ୍ବର ୨୦୨୫ । ବୁଧବାର




## ନଡାଗଦାରେ ନିଆଁ ଲଗାକୁ କେନ୍ଦ୍ର କରି ଚାଞ୍ଚିପଦା ଆଦିବାସୀଙ୍କ ଅସନ୍ତୋଷ

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଚାଞ୍ଚିପଦା ଗ୍ରାମରେ ଏକ ନଡା ଗଦାରେ ନିଆଁ ଲଗାକୁ କେନ୍ଦ୍ର କରି ଆଦିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଘଟଣାରୁ ପ୍ରକାଶ ସେହି ଗ୍ରାମର ରବୀନ୍ଦ୍ର ବେହେରା ଙ୍କ ପୁଅ ପ୍ରତାପ ବେହେରା ଏକ କୁକୁଡା ଦୋକାନ କରିଥିବା ବେଳେ ଲେବା ସରେନ୍‌ଙ୍କ ପୁଅ ଭାଟୁ ସରେନ(୩୫) ଗତ ବୁଧବାର ଦିନ ଏକ କୁକୁଡ଼ା କିଣି ବାକୁ ଯାଇ ବାକି ନେବାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ଭାଟୁ ରାଗିଯାଇ ପଳାଇ ଯାଇଥିଲା । ଦୈବାତ ସେହି ଦିନ ରାତିରେ ବିଲରେ ଧାନ କାଟିବା ପରେ ଯେଉଁ ନଡା ପଡ଼ିଥିଲା ସେଥିରେ ନିଆଁ ଲାଗିଯାଇଥିଲା । ଗୁରୁବାର ଦିନ ଏହା ଦେଖି ପ୍ରତାପ ବେହେରା ସେହି ନଡା ଗଦାରେ ଭାଟୁ ନିଆଁ ଲଗାଇଥିବା ସନ୍ଦେହ କରି ତା' ବିରୁଦ୍ଧରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲା । ବୈଶିଙ୍ଗା ଥାନା ପକ୍ଷରୁ ଶୁକ୍ରବାର ଏହାର ତଦନ୍ତ କରି ପ୍ରକୃତରେ ଭାଟୁ ନିଆଁ ଲଗାଇ ନ ଥିବାର ପ୍ରମାଣ ମିଳିଥିଲା । ତଥାପି ବୈଶିଙ୍ଗା ପୋଲିସ ଭାଟୁକୁ ସୋମବାର ଥାନାକୁ ଡକାଇ ଅଟକ ରଖିଥିଲା । ଏହି ଖବର ପାଇ ପୁରା ଗ୍ରାମବାସୀ ଥାନାରେ ହାଜର ହୋଇ ଭାଟୁ ନିର୍ଦ୍ଦୋଷ ସତ୍ତ୍ୱେ ତାକୁ କାହିଁକି ଅଟକ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ । ଖବର ଲେଖା ହେବା ବେଳକୁ ବ୍ୟକ୍ତିଗତ ମୁଚାଲିକ ରେ ଭାଟୁକୁ ଛାଡି ଦିଆଯାଇଥିବାର ଖବର ମିଳିଥିଲା । ମାତ୍ର ଏହି ମିଥ୍ୟା ଅଭିଯୋଗ ବିରୁଦ୍ଧରେ ପାଲଟା ଏତାଲା ଦିଆଯିବ ବୋଲି ଶୁଣିବାକୁ ମିଳିଥିଲା ।

## ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

**କୁଚିଣ୍ଡା : ଏକ୍ସପ୍ରେସ୍ ନ୍ୟୁଜ୍**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ଗ୍ରାମ ପଞ୍ଚାୟତର ଜନକଡିହି ଠାରେ ରାସ୍ତାକଡ଼ରେ ଅତି ବିପଦ ସଂକୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମରଟି ରହିଛି, ଏହାକୁ ସେଠାରୁ ସ୍ଥାନାନ୍ତରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଜନକଡିହି ଠାରେ ରାସ୍ତା କଡ଼ରେ ଦୀର୍ଘ ବର୍ଷ ହେବ ଦୁଇଟି ବିଦ୍ୟୁତ ଖୁଣ୍ଟରେ ସଂଯୋଗ ହୋଇ ଏକ ଟ୍ରାନ୍ସଫରମର ରହିଛି । ଭୂମି ଠାରୁ ଏହାର ଉଚ୍ଚତା ବହୁତ କମ ହୋଇଥିବାରୁ ଏହା ଗୃହ ପାଳିତ ପଶୁ ଏବଂ ଛୋଟ ଛୁଆଙ୍କ ପାଇଁ ବିପଦ ସୃଷ୍ଟି କରୁଛି, ଏଣୁ ଏହି ଏହାକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଅନେକ ଥର ଅନୁରୋଧ କରିଥିଲେ ମଧ୍ୟ ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ତେବେ ଏ ବାବଦରେ ମତାମତ ପାଇଁ ଟିପିଡବ୍ଲୁଏଲର ସହକାରୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କର ମତାମତ ମିଳିପାରି ନାହିଁ ।

## ଅପରେସନ ଧରପଗଡ : ୧୧ ଗିରଫ

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ପକ୍ଷରୁ ଅପରେସନ ଧରପକଡ କାର୍ଯ୍ୟକ୍ରମ ମାଧ୍ୟମରେ ଗତ ତିନି ଦିନ ଭିତରେ ଏଯାଏ ବିଭିନ୍ନ ମାମଲାରେ ମୋଟ ୧୫ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଛି। ଥାନାଧିକାରୀ ବାରିଣୀ ଦାସଙ୍କ ସୂଚନା ମୁତାବକ ଅଦାଲତଙ୍କ ନିର୍ଦ୍ଦେଶ ଅବମାନନା କରି ଫେରାର ଥିବା ୧୧ ଜଣଙ୍କୁ ଗିରଫ କରାଯିବା ଫଳରେ ଛାନିଆରେ ଅନ୍ୟ ଚାରି ଜଣ ନିଜ ପକ୍ଷରୁ ଯାଇ ଅଦାଲତରେ ଆତ୍ମସମର୍ପଣ କରିସାରିଛନ୍ତି । ଏସ୍ ପି ବରୁଣ ଗୁଣ୍ଟୁପାଲି ଓ ବେତନଟୀ ଉପଖଣ୍ଡ ପୋଲିସ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ବୈଶିଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ ପ୍ରକ୍ରିୟା ବ୍ୟାପକ କରାଯାଇଥିବା ବେଳେ ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି ।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭଶିଳାନ୍ୟାସ



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାହାଙ୍ଗା ଅଞ୍ଚଳ ଗସ୍ତ କରି ମାହାଙ୍ଗା ପଞ୍ଚାୟତର ନୂତନ ଗ୍ରାମୀଣ ହାଟ ଓ ନୂତନ କଲ୍ୟାଣ ମଣ୍ଡପର ଶୁଭ ଶିଳାନ୍ୟାସ କରିଥିଲେ। ପରେ ମାହାଙ୍ଗା ଜଗମୋହନ ଲାଲଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ ସ୍ୱର୍ଗତ ଲାଲଙ୍କ ଜୀବନାଦର୍ଶୀ ଉପରେ ଆଲୋଚ଼ନା କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଗୋକନ ପଞ୍ଚାୟତ ଗସ୍ତ କରି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ବିଡ଼ିଓ ସୁଭାଶିଷ ପାଲଟା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚ଼ିକିତ୍ସା ଅଧିକାରୀ ରଶ୍ମି ରଞ୍ଜନ ଦାଶ, ଏସଡିଭିଓ ଡକ୍ଟର ଅଭିମନ୍ୟୁ ସାହୁ, ଜିଲ୍ଲା ମତ୍ସ୍ୟ ଉପନିର୍ଦ୍ଦେଶିକା ବବିତା ମହାନ୍ତି, ମାହାଙ୍ଗା ପ୍ରାଣୀ ଚ଼ିକିତ୍ସା ଅଧିକାରୀ ମୀନକେତନ ପଣ୍ଡା, ଅଶୋକ ରାଉତ, ଗୌତମ ଲାଲ, ଜିତେନ୍ଦ୍ର ଶତପଥି, ସମିତିସଭ୍ୟ ମନୋରଞ୍ଜନ ନାୟକ, ସୁରେନ୍ଦ୍ର ମହାନ୍ତି, ଧ୍ରୁବ ଚ଼ରଣ ସାମଲ, ମଣ୍ଡଳ ସଭାପତି ଭକ୍ତ ଚ଼ରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, କିଶୋର ରାଉତ, ଗୌତମ ଶତପଥିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

## ଡାକ୍ତରଙ୍କ ଦାବି ଯୁକ୍ତି ଯୁକ୍ତ, ସରକାର କରନ୍ତୁ ପୂରଣ: ନରସିଂହ



**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟର ଆୟୁଷ ଡାକ୍ତର ଦୀର୍ଘ ବର୍ଷ ହେଲା ଆନ୍ଦୋଳନ କରୁଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତାଙ୍କର ସେବା ଓ ସେଥି ପାଇଁ ଦରକାର ହେଉଥିବା ଆନୁସଙ୍ଗିକ ବୈବସ୍ଥା ଉପରେ ସରକାର କ୍ରମାଗତ ଅବହେଳା ଜାରି ରଖିଛି । ଏମିତି ବି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡିଶା ରାଜ୍ୟ ବହୁତ ପଛୁଆ । ଯଦି ଆୟୁଷ ଡାକ୍ତରଙ୍କ ପ୍ରତି ଏପରି ଅବହେଳା ଜାରି ରହେ ତେବେ ସ୍ୱାସ୍ଥ୍ୟସେବା ଅବସ୍ଥା ଖରାପ ଆଡକୁ ଗତି କରିବ । ସରକାର ଏଥି ପ୍ରତି ସମ୍ବେଦନଶିଳ ହୁଅନ୍ତୁ । ଡାକ୍ତରଙ୍କ ଦାବି ଯୁକ୍ତିଯୁକ୍ତ ଅଟେ । ସେ ସବୁକୁ ଶୀଘ୍ର ପୁରଣ କରନ୍ତୁ ବୋଲି ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମୁଖରେ ସରକାରୀ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ସ୍ଥଳରେ ପହଞ୍ଚି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆୟୁଷ ଡାକ୍ତରଙ୍କ ସମସ୍ତ ଦାବିକୁ ସେ ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସରକାର ଏ ସବୁକୁ ଅଣଦେଖା କରନ୍ତୁ ନାହିଁ । ଏମାନେ ବହୁଦିନରୁ ଦାବି କରୁଛନ୍ତି । ଗତ ସରକାରର ବିଧାନସଭା ଚ଼ଳିଥିବା ବେଳେ ମଧ୍ୟ ଏମାନେ ଏହି ଦାବି ଗୁଡିକୁ ନେଇ ଭୁବନେଶ୍ୱରରେ ଆନ୍ଦୋଳନରତ ଥିଲେ । ତତ୍କାଳିକ ଶାସନ ସଚିବ ଆନ୍ଦୋଳନ ସ୍ଥଳିକୁ ଯାଇ ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ । ଏପରି କି ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀ ସେ ସମୟର ଲୋଇସିଂହା ବିଧାୟକ ବିଧାନସଭା ଭିତରେ ଏମାନଙ୍କ ସମସ୍ତ ଦାବିକୁ ଯୁକ୍ତିଯୁକ୍ତ କହିବା ସହ ସେସବୁ ପୁରଣ ପାଇଁ ତତ୍କାଳିନ ସରକାରଙ୍କୁ ଅନୁରୋଧ କରିଥିଲେ। ଯେହେତୁ ସରକାର ଗୋଟିଏ ନିରନ୍ତର ପ୍ରକ୍ରିୟା ତେଣୁ ଡାକ୍ତରଙ୍କ ସମସ୍ତ ଦାବି ପୁରଣ କରି ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ନିହାତି ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି। ଡାକ୍ତରଙ୍କ ଦାବି ଯଥା ଓପିଏସ୍‌ସି ଜରିଆରେ ନୂତନ ଆୟୁଷ ଡାକ୍ତର ପଦବି ସୃଷ୍ଟି, ଆୟୁଷ ଚିକିତ୍ସା କ୍ଷେତ୍ରରେ ଉଚ୍ଚ ଶିକ୍ଷାର ସୁଯୋଗ ସୃଷ୍ଟି କରାଯିବା, ହାଇ ସର୍ଜନମାନଙ୍କର ବୃତ୍ତି ଡାଇନାମନିକ ପଦ୍ଧତିରେ ବୃଦ୍ଧି କରାଯିବା, ଆୟୁଷ କଲେଜର ପରିଚ଼ଳନା କମିଟି ପୁନଃ ଗଠନ, ଆୟୁଷ ମନ୍ତ୍ରଣାଳୟର ନିୟମାବଳିକୁ ଓଡିଶା ସରକାର ପାଳନ କରିବା, ରାଜ୍ୟ ସରକାରଙ୍କ ସମସ୍ତ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷ ବିଭାଗକୁ ଅନ୍ତର୍ଭୁକ୍ତ କରିବା ଏବଂ ଏହାର ପ୍ରଚାର ପ୍ରସାର କରିବା, ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ କରିବା । ଯେହେତୁ ଆୟୁର୍ବେଦ ଚିକିତ୍ସା ବର୍ତ୍ତମାନ ସାରା ଦେଶ, ରାଜ୍ୟ ତଥା ଗ୍ରାମାଂଚଳମାନଙ୍କରେ ବେଶ ଆଦୃତ ହେବା ଦେଖାଯାଉଛି । ଅନେକ ଛାତ୍ର ଛାତ୍ରୀ ଆୟୁର୍ବେଦ ଚିକିତ୍ସା ଉପରେ ପାଠ ପଢିବା ତଥା ଗବେଷଣା କରିବା ପାଇଁ ଉତ୍ସାହ ଦେଖାଉଛନ୍ତି । ତେଣୁ ରାଜ୍ୟସରକାର ଏକ ଆୟୁର୍ବେଦ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରନ୍ତୁ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ଶ୍ରୀ ମିଶ୍ର ଦାବି କରିଛନ୍ତି ।

## ସବ୍‌ଟ୍ରେଜେରୀରେ ଦକ୍ଷ କର୍ମଚ଼ାରୀ ଅଭାବ: ଜିଲ୍ଲାପାଳଙ୍କୁ ପତ୍ର



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଅବସରପ୍ରାପ୍ତ ସରକାରୀ କର୍ମଚ଼ାରୀ ଶିକ୍ଷକ ସଂଘ ପକ୍ଷରୁ ସବଟ୍ରେଜେରୀରେ କର୍ମଚ଼ାରୀ ଅଭାବ ସମସ୍ୟା ସମାଧାନ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନ ଶୁଣାଣି, ଜଳେଶ୍ୱର ସବ୍‌ଟ୍ରେଜେରୀରେ ଦକ୍ଷ କର୍ମଚ଼ାରୀଙ୍କ ସଂଖ୍ୟା ଯୋଗାଇ ଦେବା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଦକ୍ଷ କର୍ମଚ଼ାରୀ ଅଭାବରୁ ବରିଷ୍ଠ ପେନସନଧାରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଅବସର ପ୍ରାପ୍ତ ସରକାରୀ କର୍ମଚ଼ାରୀ ଶିକ୍ଷକ ସଂଘର ସମ୍ପାଦକ କପିଳେଶ୍ୱର ମହାନ୍ତି, ବିଷ୍ଣୁ ପଦ ମହାନ୍ତି, ଡଃ ଅଜିତ କୁମାର ମହାନ୍ତି, ବନମାଳୀ ଧଳ, ଡଃ ଲଳିତ ରଞ୍ଜନ ସେନାପତି, କମଳ ଚ଼କ୍ରବର୍ତ୍ତୀ, ଅଶୋକ କୁମାର ଦାସ, ଶଶୀ କାନ୍ତ ପ୍ରଧାନ, ରବିନ୍ଦ୍ରନାଥ ଦାସ ମନୋରଞ୍ଜନ ଦାସ ଭାଗବତ ପରିଡ଼ା, କମଳଲୋଚ଼ନ ମହାପାତ୍ର, ଶରତ ଚ଼ନ୍ଦ୍ର ପରିଡା, ଇଂ ଶ୍ରୀମନ୍ତ ଘୋଷ, ବିଶ୍ୱନାଥ ଘୋଷ, ରଜତ ଚ଼ନ୍ଦ୍ର ଦାସ, ରାଜାରାମ କର ଶର୍ମା, ମହେଶ୍ୱର ଦାସ, ମଦନମୋହନ ମହାନ୍ତି, ଜ୍ୟୋତିଶ କର, ପୂର୍ଣ୍ଣଚ଼ନ୍ଦ୍ର ଓଝା, ଅଧିର ପ୍ରମାଣିକ, ଗୁଣାଧର ଭୂୟାଁ, ଦେବେନ୍ଦ୍ର ପାଳ, ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ରେ ଉପସ୍ଥିତ ଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ପଦଯାତ୍ରା

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ଜାତୀୟ ସଂହତି ଓ ଭାଇଚ଼ାରା ର ବାର୍ତ୍ତା ନେଇ ଏକ ପଦଯାତ୍ରା ଶେରଗଡ ବ୍ଲକ ସଦର ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚବିଦ୍ୟାଳୟ ଠାରୁ ବାହାରି ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଏକତା ଓ ଅଖଣ୍ଡତାର ପୁରୋଧା ଲୌହ ମାନବ ସର୍ଦ୍ଦାର ପଟେଲଙ୍କୁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚ଼ନ୍ଦ୍ର ନାୟକ, ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର, ଘୁମୁସର ଆସିକା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ବିଶିଷ୍ଟ ସମାଜସେବୀ ନିରଞ୍ଜନ ଜେନା, ଶେରଗଡ ମଣ୍ଡଳ ସଭାପତି ସଞ୍ଜୟ କୁମାର ଜେନା, ଧବଳପୁର ମଣ୍ଡଳ ସଭାପତି ଜିତେନ୍ଦ୍ର ମହାରଣା, ପିତଳ ମଣ୍ଡଳ ସଭାପତି ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଡଜାତ ରାଜ୍ୟ ଗୁଡ଼ିକୁ ଭାରତ ସହିତ ମିଶ୍ରଣ କରିବାରେ ବଲ୍ଲଭ ଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଯୁବପିଢ଼ୀ ସର୍ଦ୍ଦାର ପଟେଲଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବା ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢି ତୋଳିବାକୁ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚ଼ନ୍ଦ୍ର ନାୟକ ପ୍ରକାଶ କରିଥିଲେ। ପଦଯାତ୍ରା କାର୍ଯ୍ୟ ପୂର୍ବରୁ ମହାତ୍ମାଗାନ୍ଧୀ ମିନି ଷ୍ଟାଡିୟମ ପରିସରରେ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିରେ ଏକ ସଭାର ଆୟୋଜନ ହୋଇଥିଲା। ସ୍ଥାନୀୟ ବିଡିଓ ମିସ ତୃପ୍ତିମୟୀ ଜେନା ନିଜ ବକ୍ତବ୍ୟରେ ବନ୍ଦେ ମାତରମ କେବଳ ଗୀତ ନୁହେଁ, ରାଷ୍ଟ୍ର ପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା, ପରେ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ଲାଗି ଶପଥ ପାଠ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଆସିକା ସଂସଦୀୟ କ୍ଷେତ୍ରର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପଦଯାତ୍ରାରେ ଏଡିଏମ ସୁନୀଲ କେରକେଟା, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଚ଼ରଣ ବେହେରା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀ ପ୍ରିୟା ନାୟକ, ସିଡିପିଓ ମମତାଞ୍ଜଳି ପଣ୍ଡା, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, କର୍ମଚ଼ାରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ମହିଳା, ଛାତ୍ରଛାତ୍ରୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

## ଓଁକାରେଶ୍ୱର ଅଭିମୁଖେ ୧୬୯ ତୀର୍ଥ ଯାତ୍ରୀ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**



ସୋମବାର ଅପରାହ୍ଣରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ସଦର ମହକୁମାର ଜିଲ୍ଲା ସଂସ୍କୃତି ଓ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିସରରୁ ୧୬୯ ତୀର୍ଥ ଯାତ୍ରୀ ଉଜ୍ଜୟିନୀ ଓ ଓଙ୍କାରେଶ୍ୱର୍ ତୀର୍ଥ ଭ୍ରମଣ ନିମନ୍ତେ ସ୍ୱତନ୍ତ୍ର ବସରେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନରେ ସେମାନେ ଉଜ୍ଜୟିନୀ ଓ ଓଙ୍କାରେଶ୍ୱର ତୀର୍ଥ ଭ୍ରମଣରେ ଯିବେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶୁଭାରମ୍ଭ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶାଫଲ୍ୟ ମଣ୍ଡିତ ପ୍ରଧାନ ଯୋଗଦେଇ କହିଲେ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭବ ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ସରକାରଙ୍କ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଯୋଜନା ଦ୍ୱାରା ଭାରତର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବରିଷ୍ଠ ନାଗରିକ ମାନେ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭବ ଓ ଜାତୀୟ ସଂହତି, ଭାଷା ଆଦାନ ପ୍ରଦାନ ସଂସ୍କୃତି ବିତରଣରେ ପରିଚ଼ୟ ପ୍ରଦାନ କରିବ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଯାତ୍ରାରେ ତୀର୍ଥ ଯାତ୍ରୀମାନଙ୍କ ଯତ୍ନ ନେବାପାଇଁ ତଦାରଖ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତି କରାଯାଇଛି। ତୀର୍ଥ ଯାତ୍ରୀମାନେ ୬ ଦିନ ୫ ରାତ୍ରୀ ତୀର୍ଥ ଯାତ୍ରାରେ ଭ୍ରମଣ କରି ଆସନ୍ତା ୩୦ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୀରା ବେହେରା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୂଚ଼ନା ଦେଇଛନ୍ତି।

### ବାଣିଜ୍ୟ

## 'ଏଓଆଇବିଇଏ'ର ତ୍ରୈବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଅଖିଳ ଓଡିଶା ଭାରତୀୟ ବ୍ୟାଙ୍କ କର୍ମଚ଼ାରୀ ସଂଘ (ଏଓଆଇବିଇଏ)ର ୧୮ତମ ତ୍ରୈବାର୍ଷିକ ସମ୍ମିଳନୀ କିଟ୍ ବିଶ୍ୱବିଦ୍ୟାଳୟର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ବିଭିନ୍ନ ଶାଖାରୁ ୧୫୦ରୁ ଅଧିକ ପ୍ରତିନିଧି ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଏଫ୍‌ଆଇବିଇୟୁର ସଭାପତି ଦୀପକ ଶର୍ମା ଓ ସାଧାରଣ ସମ୍ପାଦକ ଇ ଅରୁଣାଚ଼ଲମ ଅତିଥି ଭାବେ ଯୋଗଦେଇଥିଲେ।

ବ୍ୟାଙ୍କ ପାଇଁ ଶ୍ରମ ନିୟମରେ ଆବଶ୍ୟକ ସଂଶୋଧନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଘରୋଇକରଣ ଓ ମିଶ୍ରଣ, ବ୍ୟାଙ୍କ କାର୍ଯ୍ୟକୁ ଆଉଟ୍‌ସୋର୍ସ କରିବାକୁ ବିରୋଧ କରିବା ପାଇଁ ଏବଂ ବ୍ୟାଙ୍କରେ ଆବଶ୍ୟକ ପରିମାଣର ଷ୍ଟାଫ୍ ମୂତୟନ କରିବା ସମ୍ପର୍କିତ ସଂକଳ୍ପ ସମ୍ମିଳନୀରେ ଗୃହୀତ ହୋଇଥିଲା। ଓଡିଶା ସମେତ ଝାଡଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ବକ୍ତାମାନେ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଅଖିଳ ଓଡିଶା ବ୍ୟାଙ୍କ କର୍ମଚ଼ାରୀ ସଂଘର ସଭାପତି ସଞ୍ଜୀବ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟାଙ୍କ କର୍ମଚ଼ାରୀମାନେ ସାମ୍ନା କରୁଥିବା ସମସ୍ୟାଗୁଡିକ ଉପରେ ଆଲୋକପାତ କରିଥିଲେ। ଏଆଇବିଇଏର ବିଭିନ୍ନ ଆନ୍ଦୋଳନମୂଳକ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ସେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ।

କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପରବର୍ତ୍ତୀ ତିନି ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚ଼ୟନ କରାଯାଇଥିଲା। ଶ୍ୟାମା ପ୍ରସାଦ ମହାନ୍ତି ସଭାପତି, ସଂଗ୍ରାମ କେଶରୀ ମିଶ୍ର ସାଧାରଣ ସମ୍ପାଦକ, ଅଶୋକ କୁମାର ମଲ୍ଲିକ କୋଷାଧ୍ୟକ୍ଷ ଓ ନିରଞ୍ଜନ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ନିର୍ବାଚ଼ିତ କରାଯାଇଥିଲା। ଡିଜିଏସ୍ ଅମୃତ ଚ଼ନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବଟେଶ୍ୱର ପୀଠ ପରିଦର୍ଶନ କଲେ ଜିଲ୍ଲାପାଳ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ବ୍ଲକଅନ୍ତର୍ଗତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ଥିବା ପ୍ରସିଦ୍ଧ ବଟେଶ୍ୱର ପୀଠକୁ ସୋମବାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରିଦର୍ଶନ କରିବା ସହ ଠାକୁର ଦର୍ଶନ କରିଥିଲେ। ଦର୍ଶନ ପରେ ମନ୍ଦିର ବିଭିନ୍ନ ଉନ୍ନୟନ କିଭଳି ହୋଇଛି। ପୀଠରେ କ'ଣ ସମସ୍ୟା ରହିଛି ଉପସ୍ଥିତ କମିଟି ସହ ଆଲୋଚ଼ନା କରିଥିଲେ। ଏହା ଏକ ପ୍ରଯ୍ୟାଟନ ହୋଇଥିବାରୁ ବହୁ ସଂଖ୍ୟକ ପ୍ରଯ୍ୟଟକ ଆସିଥାନ୍ତି ତେଣୁ ମନ୍ଦିର ନିକଟରେ ରହିଥିବା ପାର୍କର ଉନ୍ନତି କରଣ ପାଇଁ ପ୍ରତିଶୃତି ଦେଇଥିବା ବେଳେ ସେଠାରେ ଥିବା ବେଳାଭୂମି ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବା ପାଇଁ ଏକ ଡିପିଆର କରିବାକୁ ଉପସ୍ଥିତ ଥିବା ଗଞ୍ଜାମ ବିଡ଼ିଓଙ୍କୁ କହିଥିଲେ। ଉପଜିଲ୍ଲାପାଳ ଶିବାଶିଷ ବରାଳ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ପରିଚ଼ାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ଶିବରାମ ପଲେଇ, ନିରାକାର ଜେନାଙ୍କ ସହ ଜିଲ୍ଲାପାଳ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚ଼ନା କରିଥିଲେ। ଏଥିସହ ପାର୍କ, ରାସ୍ତାଘାଟ ଉନ୍ନତି କରଣ ଉପରେ ମଧ୍ୟ ଆଲୋଚ଼ନା କରିଥିଲେ ଜିଲ୍ଲାପାଳ। ପରେ ବଟେଶ୍ୱର ପୀଠ ନିକଟରେ ଥିବା ବଙ୍ଗୋପ ସାଗର ବେଳାଭୂମି ବୁଲି ଦେଖିଥିଲେ। ବେଳାଭୂମି କିଭଳି ଡେଭଲେମେଣ୍ଟ ହୋଇ ପାରିବ ତାର ଡିପିଆର ପ୍ରସ୍ତୁତ କରିବା ପାଇଁ ବିଡ଼ିଓଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକ କେମିତି ଆକୃଷ୍ଟ ହେବେ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ କହିଥିଲେ। ଏପରିକି ଜିଲ୍ଲାପାଳ ମନ୍ଦିର ପ୍ରସାଦ ସେବନ ମଧ୍ୟ କରିଥିଲେ। କମିଟି ପକ୍ଷରୁ ଗଞ୍ଜାମ ବ୍ଲକ ହେଉଥିବା ଅଭିଯୋଗ ଶୁଣାଣିରେ ଏହି ମନ୍ଦିର ଉନ୍ନତି ସମ୍ପର୍କରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ଏହାର କିଛି ସମୟ ମଧ୍ୟରେ ନିଜେ ଜିଲ୍ଲାପାଳ ଉକ୍ତ ସ୍ଥାନ ପରିଦର୍ଶନ କରିଥିବାରୁ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାପରେ ଜିଲ୍ଲାପାଳ ଛତ୍ରପୁର ବ୍ଲକ ନୋଳିଆ ନୁଆଁ ଗାଁ ସ୍ଥିତ ବିଜୁ ପଟ୍ଟନାୟକ ବେଳାଭୂମି ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ଛତ୍ରପୁର ବିଡ଼ିଓ ସମ୍ମିତ ସଂଗ୍ରାମଜିତ ସାହୁ ଉପସ୍ଥିତ ଥିଲେ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପସ୍ତରୀୟ ବୈଠକ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଦରବାରହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚ଼ନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପୀନାଥ ରାମ ଏହି ବୈଠକରେ ଯୋଗଦେଇ ଆଦିବାସୀ ବିକାଶ ପ୍ରକଳ୍ପର ସମୀକ୍ଷା କରିବା ସହ ନୂତନ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ। ପ୍ରାରମ୍ଭରେ, ପୂର୍ବ ବୈଠକର ବିବରଣୀ ଗୃହ ସମ୍ମୁଖରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ପରେ ୨୦୨୧-୨୨ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଅଧୀନରେ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା। ସଦସ୍ୟମାନେ ବିନିଯୋଗ କରାଯାଇଥିବା ଅର୍ଥ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଚ଼ାଲୁଥିବା ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମ୍ବିଧାନର ଧାରା ୨୭୫(୧) ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନାର ରୂପରେଖକୁ ଅନୁମୋଦିତ କରାଯାଥିଲା। ଯୋଜନା ଅନୁଯାୟୀ କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଏବଂ ଜୀବିକା ବିକାଶ କାର୍ଯ୍ୟ କରିବା ପାଇଁ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ୨୨୨୬୬.୫୦ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୮୧୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ। ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସାଂସଦ ଏବଂ ବିଧାୟକମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅନେକ ପ୍ରସ୍ତାବ ଉପରେ ଆଲୋଚ଼ନା କରାଯାଇ ସେଗୁଡିକକୁ ଅନୁମୋଦନ କରାଯାଇଥିଲା। ବୈଠକ ଶେଷରେ ସମସ୍ତ ସଦସ୍ୟ ମଞ୍ଜୁର କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପାଦିତ କରାଯିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ କେନ୍ଦୁଝରର ଆଦିବାସୀ ଜନସଂଖ୍ୟାକୁ ସ୍ଥାୟୀ ବିକାଶ ଏବଂ ଲାଭ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

### ସିନେମାଫିନେମା ଟିଭିଫିବି

## ଜୁବିନ୍ ଗର୍ଗଙ୍କୁ ହତ୍ୟା: ଆସାମ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆସାମର ପ୍ରଖ୍ୟାତ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଏବେ ଆସାମରେ ଅନେକ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି। ଏହାରି ଭିତରେ ଖୁଲାସା କରିଛନ୍ତି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା। ସେ କହିଛନ୍ତି ଜୁବିନଙ୍କ ମୃତ୍ୟୁ ହୋଇନି ତାଙ୍କୁ ହତ୍ୟା କରାଯାଇଛି। ଆଉ ଏହି ଘଟଣାରେ ଯେ କେହି ବି ଦାୟୀ ଥିବେ ସେମାନେ ଆଇନ ହାତରୁ ଖସିଯିବେ ନାହିଁ।

ପ୍ରାରମ୍ଭରେ, ସିଙ୍ଗାପୁର ପ୍ରଶାସନ ଏହାକୁ ଏକ ପ୍ରାକୃତିକ ଦୁର୍ଘଟଣା ଭାବରେ ବର୍ଣ୍ଣନା କରିଥିଲା। ସରକାରୀ ପୋଷ୍ଟମର୍ଟମ ରିପୋର୍ଟରେ ବୁଡ଼ି ମୃତ୍ୟୁ ହୋଇଥିବା କାରଣ ସ୍ପଷ୍ଟ ହୋଇଥିଲା। ତଥାପି, ଆସାମ ସରକାର ଏହାକୁ ଏକ ହତ୍ୟାକାଣ୍ଡ ବୋଲି ବିଚ଼ାର କରି ଏବେ ତଦନ୍ତ ଆରମ୍ଭ କରିଛି। ଆସାମ ବିଧାନସଭାରେ ଭାଷଣ ଦେଇ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତ ପରେ ଆସାମ ପୋଲିସ ନିଶ୍ଚିତ ଯେ ଏହା ଏକ ଦୋଷୀ ହତ୍ୟା ମାମଲା ନୁହେଁ। ବରଂ ଏକ ସରଳ ହତ୍ୟା।



ସିଏମ୍ ଶର୍ମା ଦାବି କରିଛନ୍ତି, 'ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଗର୍ଗଙ୍କୁ ହତ୍ୟା କରିଛି। ଅନ୍ୟମାନେ ତାଙ୍କୁ ସହାୟତା କରିଛନ୍ତି। ହତ୍ୟା ମାମଲାରେ ଚ଼ାରିରୁ ପାଞ୍ଚ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ଆସାମ ଓ ଉତ୍ତର-ପୂର୍ବ ଭାରତର ସ୍ୱର ଭାବରେ ବିବେଚ଼ିତ ପ୍ରସିଦ୍ଧ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଏକ ଗମ୍ଭୀର ରହସ୍ୟ ହୋଇ ରହିଛି। ଜୁବିନ୍ ଗର୍ଗଙ୍କ ମୃତ୍ୟୁ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ହୋଇଥିଲା।

୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୨୬ ନଭେମ୍ବର ୨୦୨୫ । ବୁଧବାର

କୋରାପୁଟ

# ମକାର ବଜାରୀକରଣର ଅବ୍ୟବସ୍ଥାକୁ ନେଇ ଚିନ୍ତାରେ ଚାଷୀ



**୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲ୍ଲା ମକା ଚାଷରେ ଅଗ୍ରଣୀ ଲାଭ କରିଥିବା ବେଳେ, ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ବ୍ଲକରେ ମକାର ଅଭାବୀ ବିକ୍ରୀକୁ ନେଇ ଚାଷୀ ହତାଶ ଚ ଲକ୍ଷ୍ମୀପୁର ବ୍ଲକର ଚମ୍ପି, କୁସୁମଗୁଡା ଓ ତୁନପାର ପଞ୍ଚାୟତରେ ଚଳିତ ବର୍ଷ ପ୍ରଚୁର ମାତ୍ରାରେ ମକା ଚାଷ ହେଇଥିବା ଦେଖିବାକୁ ମିଳିଛି । ପରିଶ୍ରମ ଅନୁଯାୟୀ ଲାଭ କମ ଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ମକା ଅମଳ ସମୟ ଆସିଗଲେ ଗାଁ ଗାଁରେ ଦଲାଲଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ । ସ୍ଥାନୀୟ ଦଲାଲଙ୍କ ସାହାର୍ଯ୍ୟରେ ବାହାର ବ୍ୟବସାୟୀ ମକା ଦର ୧୫ ରୁ ୧୭ ଟଙ୍କାରେ କିଣି ନେଇ ଚଢା ଦରରେ ବାହାରେ ବିକ୍ରୀ କରି ମାଲାମାଲ ହେଉଥିବା ବେଳେ ମକା ଚାଷୀ ହତାଶ ହେବାର ଦେଖିବାକୁ ମିଳିଛି । ଚଳିତ ବର୍ଷ ଲକ୍ଷ୍ମୀପୁର ବ୍ଲକରେ ୭୨୩ ହେକ୍ଟର ଚାଷ ଜମିରେ ମକା ଚାଷ କରାଯାଇଥିବା କୃଷି ବିଭାଗ ତରଫରୁ ସୂଚନା ମିଳିଛି, ହେଲେ ଚାଷକୁ ନେଇ ଚାଷୀ ଖୁସି ହେବା ପରିବର୍ତ୍ତେ ମକା ବିକ୍ରୀକୁ ନେଇ ନିରାଶ ହେବାକୁ ପଡିଛି । ଏହାର ମୁଖ୍ୟ କାରଣ ବ୍ଲକରେ ମକା ମଣ୍ଡି ନଥିବାରୁ ଚାଷୀ ବାହାର ବ୍ୟବସାୟୀଙ୍କୁ ବିକିବା ପାଇଁ ବାଧ ହେଉଛନ୍ତି । ବ୍ଲକରେ ଏତେ ପରିମାଣର ମକା ଚାଷ ହେଉଥିବା ଦେଖି କୃଷି ବିଭାଗ ଅନେକ ଥର ଜିଲ୍ଲା ପ୍ରଶାସନକୁ ଏକ ମଣ୍ଡି ନିମନ୍ତେ ଜଣାଇଥିଲେ ମଧ ଜିଲ୍ଲା ପ୍ରଶାସନ ଏଯାଏଁ ନୂତନ ମକା ମଣ୍ଡି ଖୋଲିବା ଦିଗରେ ଦୃଷ୍ଟି ଦେଇନି । ଯାହା ଫଳରେ କି ଚାଷୀ ମାନେ କମ ଦରରେ ବାହାର ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ଯଦି ବ୍ଲକରେ ଏକ ମକା ମଣ୍ଡି ଖୋଲା ଯାଏ ତେବେ ମକା ଚାଷୀ ତା'ର ଉଚିତ ମୂଲ୍ୟ ପାଇପାରିବ ବୋଲି ଚାଷୀ ମାନେ କହିଛନ୍ତି । ଏନେଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏଥି ପ୍ରତି ମୁଁ ଆଗରୁ କୃଷି ଅଧିକାରୀଙ୍କ ସହ ଏକ ନୂତନ ମଣ୍ଡି ପାଇଁ କଥା ହେଇଥିଲି ହେଲେ ପ୍ରଶାସନର ଉଦାସୀନତା ପାଇଁ ତାହା କାର୍ଯ୍ୟକାରୀ ହେଇ ପାରୁନଥିବା କହିଛନ୍ତି । ତଥାପି ଚଳିତ ବର୍ଷ ଯାହା ଯେମିତି ମକା ଚାଷୀ ଲସ ସହିଲେ ହେଲେ ଆସନ୍ତା ବର୍ଷ କିନ୍ତୁ ତାହା ହେବାକୁ ଦେବିନି । ଯେମିତି ବି ହେଉ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦରକାର ଥିବା ସ୍ଥାନରେ ମକା ମଣ୍ଡି ଖୋଲାଇବା ଦିଗରେ ନିଶ୍ଚିତ ଚେଷ୍ଟା କରିବି ବୋଲି କହିଛନ୍ତି । ବର୍ତ୍ତମାନ ମକା ମଣ୍ଡି ଖୋଲିବା ଦିଗରେ ବିଧାୟକଙ୍କ ପ୍ରତିଶ୍ରୁତି ଆଗକୁ କେତେ ଦୂର କାର୍ଯ୍ୟକାରୀ ହେଉଛି ନା ସେମିତି ରହିଯାଉଛି ତାହା ଦେଖିବାକୁ ବାକି ରହିଲା ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ଷଷ୍ଠୀ |
|---|---|
| ୨୬.୧୧.୨୦୨୫ | ନକ୍ଷତ୍ର– ଶ୍ରବଣା, ମକରଚନ୍ଦ୍ର |

| | |
|---|---|
| ମେଷ | : ଶତ୍ରୁ ପରାଜୟ ହେବେ । |
| ବୃଷ | : ପେଟରୋଗରେ କଷ୍ଟ ପାଇବେ । |
| ମିଥୁନ | : ଅବଦା ଭୟ ରହିଛି । |
| କର୍କଟ | : ସାଙ୍ଗସାଥୀରେ ହସଖୁସିରେ ଦିନ କଟିବ । |
| ସିଂହ | : ବନ୍ଧୁମିଳନ ହେବ । |
| କନ୍ୟା | : ଖୁସିକର୍ମରେ ମାତିବେ । |
| ତୁଳା | : ଗୁରୁଜନଙ୍କ କିଛି କଥା କଷ୍ଟ ଦେବ । |
| ବିଛା | : ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| ଧନୁ | : ଉପହାସର ପାତ୍ର ହେବେ । |
| ମକର | : ସୁଖାଦ୍ୟ ପ୍ରାପ୍ତି ହେବେ । |
| କୁମ୍ଭ | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ମୀନ | : ସୁସମାଚାର ପ୍ରାପ୍ତ ହେବେ । |

## ୬ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି ଗଣେଶୀ ଲାଲ୍

**ଭୁବନେଶ୍ୱର, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



ନଭେମ୍ବର ୨୯ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ୬ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍। ବିଭିନ୍ନ କାର୍ଯ୍ୟକ୍ରମ ଓ ସାମାଜିକ ଉତ୍ସବରେ ଯୋଗଦେଇ ସେ ୪ ତାରିଖରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ତାଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀରୁ ଜଣାପଡ଼ିଛି ।

# ଯାଜପୁରରେ ବାଂଲାଦେଶୀ ଅଦୃଶ୍ୟ ଉପସ୍ଥିତି

**କଳିଙ୍ଗନଗର, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପଡ଼ୋଶ ଜଗତସିଂହପୁରରେ ସନ୍ଦିଗ୍ଧ ବାଂଲାଦେଶୀ ଧରାପଡ଼ିବା ପରେ ସମଗ୍ର ରାଜ୍ୟ ଆଲର୍ଟ । ଏହାର ପ୍ରଭାବ ଏବେ ଯାଜପୁର ଓ କଳିଙ୍ଗନଗରରେ ସ୍ପଷ୍ଟ । ଅଞ୍ଚଳବାସୀଙ୍କ ଅଭିଯୋଗ–ସନ୍ଦିଗ୍ଧ ବାଂଲାଦେଶୀ ଶ୍ରମିକମାନେ ଶିଳ୍ପାଞ୍ଚଳକୁ ପହଞ୍ଚୁଥିବା ସୂଚନା ଥିଲେମଧ ପୋଲିସ୍‌ଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖାଯାଉନାହିଁ । କେନ୍ଦ୍ରାପଡ଼ା, ଭଦ୍ରକ, କଟକରେ ସ୍ପେସିଆଲ୍ ଚେକିଂ ଏବଂ ଅଟକ ହେଉଥିବାବେଳେ–ଯାଜପୁରରେ ପ୍ରକ୍ରିୟା ଧୀର, ସାଇଲେଣ୍ଟ ଏବଂ ଅସ୍ପଷ୍ଟ ବୋଲି ଅଭିଯୋଗ । ଯାଜପୁର ରୋଡ଼, ଦାନଗଦି, ସୁକିନ୍ଦା–କାଳିଆପାଣି ଅଞ୍ଚଳରେ ବର୍ଷରୁ ବର୍ଷ ବାହାର ରାଜ୍ୟ ଓ ପଡ଼ୋଶ ରାଜ୍ୟରୁ ଶ୍ରମିକ ଆସୁଛନ୍ତି । ଏହି ଭିଡ଼ରେ ସନ୍ଦିଗ୍ଧ ବାଂଲାଦେଶୀ ଥିବା ଶଙ୍କା ସନ୍ଦେହ ହୋଇଛି । ଅନେକଙ୍କ ପାଖରେ ଡୁପ୍ଲିକେଟ୍ ଆଧାର, ଭୁଲ୍ ଠିକଣା ଓ ଅପୂର୍ଣ୍ଣ ଡକ୍ୟୁମେଣ୍ଟ ଥିବା ସୂଚନା ମିଳୁଛି । ନୂଆ ଭଡାଘର, ଗୋଦାମ, ଅସ୍ଥାୟୀ ରେଣ୍ଟ ହାଉସ୍, ଖଣି ଅଞ୍ଚଳ–ସବୁଠି ପରିଚୟପତ୍ର ଛଡ଼ା ବେଆଇନ ଭାବରେ ବସବାସ କରୁଥିବା ଅଭିଯୋଗ ବଢ଼ିଛି । ଅଞ୍ଚଳବାସୀଙ୍କ ମତ–ଏହି ସ୍ଥାନଗୁଡ଼ିକ 'ହାଇ ରିସ୍କ ଜୋନ୍' ହୋଇଥିବାରୁ ଶିଳ୍ପାଞ୍ଚଳରେ ନୂଆ ଆଶଙ୍କା ସୃଷ୍ଟି ହୋଇଛି । ଯାଜପୁରରେ କେଉଁଠି ହେଉନାହିଁ ମେଜର ଚେକିଂ? ଭଦ୍ରକରେ ୧୭ ସନ୍ଦିଗ୍ଧ ଅଟକ, କେନ୍ଦ୍ରାପଡ଼ାରେ ବ୍ଲକିଂ ଚେକିଂ–କିନ୍ତୁ ଯାଜପୁରରେ ମାତ୍ର ନାମକୁ ମାତ୍ର ପଦକ୍ଷେପ । ଅନ୍ୟ ଜିଲ୍ଲାରେ ପୋଲିସ୍ ତୁରନ୍ତ ଆକ୍ସନ ନେଉଛି, ତେବେ ଯାଜପୁରରେ ବିଳମ୍ବ କାହିଁକି? ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ ଲୋକାଲ ଶ୍ରମିକମାନେ ଖଣି–କାରଖାନାରେ ନିଯୁକ୍ତି ପୂର୍ବରୁ ପୋଲିସ୍ ଭେରିଫିକେସନ୍ ଦେଉଛନ୍ତି, କିନ୍ତୁ ବାହାର ରାଜ୍ୟର ଶ୍ରମିକମାନଙ୍କ ପାଇଁ ସେଇ ପ୍ରକ୍ରିୟା କାହିଁକି ହେଉନାହିଁ –ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଜୋରଦାର । କଳିଙ୍ଗନଗରରେ ସ୍ପେସିଆଲ୍ ଭେରିଫିକେସନ୍ ଅଭିଯାନ କରାଯାଉ । ଭଡାଘର ରେଜିଷ୍ଟର ନିୟମ କଠୋର କାର୍ଯ୍ୟକରୀ ହେଉଛକମ୍ପାନୀ କଣ୍ଟ୍ରାକ୍ଟରଙ୍କୁ ସରକାରୀ ନିୟମ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ମିଳୁ ନିର୍ଦ୍ଦେଶ । ପୋଲିସ୍–ଇଣ୍ଡଷ୍ଟ୍ରି ଯୁକ୍ତ ଟିମ୍ ଦ୍ୱାରା ନିଯୁକ୍ତି ପାଉଥିବା ଶ୍ରମିକ, କର୍ମଚାରୀ, ଠିକାଦାର ଙ୍କ ଡକୁମେଣ୍ଟ ଭେରିଫିକେସନ୍ କଡ଼ା କଡ଼ି ନିରୀକ୍ଷଣ କରାଯାଉଛସନ୍ଦିଗ୍ଧ ବ୍ୟକ୍ତିଙ୍କ ସୂଚନା ପାଇଁ ସ୍ପେସିଆଲ୍ ସେଲ୍/ହେଲ୍ପଲାଇନ୍ ସାହାଯ୍ୟ ନିଆଯାଉ । ସନ୍ଦିଗ୍ଧ ବାଂଲାଦେଶୀମାନଙ୍କୁ କିଏ ଦେଉଛି ସୁରକ୍ଷା? ଶିଳ୍ପାଞ୍ଚଳ ସତ୍ତ୍ୱେ କଠୋର ଚେକିଂ କାହିଁ ହେଉନାହିଁ ? ପୋଲିସ୍ କେବେ ଆସିବ ଆକ୍ସନ ମୁଡ୍‌ରେ? ଅଘଟଣ ଘଟିବା ପୂର୍ବରୁ କଠୋର କାର୍ଯ୍ୟାନୁଷ୍ଠାନ ଅତ୍ୟାବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ସ୍ପଷ୍ଟ ଦାବି ହେଉଛି ।

## ଗୋରୁ ବୋଝେଇ କଣ୍ଟେନର ଜବତ, ଦୁଇ ଗିରଫ

**ଖୋର୍ଦ୍ଧା, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ୍ ଦ୍ୱାରା ଏକ କଣ୍ଟେନରରେ ଅବୈଧ ଭାବେ ପରିବହନ ହେଉଥିବା ୧୦ଟି ବଳଦ, ୧୨ଟି ଗାଈ ଓ ଗୋଟିଏ ମଈଁଷିକୁ ଉଦ୍ଧାର କରାଯାଇଛି । ଏହି କଣ୍ଟେନର୍‌ର ଆନ୍ଧ୍ରପ୍ରଦେଶର ରାଜମଣ୍ଡ୍ରି ଠାରୁ କୋଲକାତାକୁ ଗୋରୁ ନେଇ ଯାଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରେ ପ୍ରକାଶ ପାଇଛି । ଯାଞ୍ଚ ସମୟରେ ଚାଳକ ଗାଈ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିବାରୁ ଚାଳକ ସହିତ ଅନ୍ୟ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏବଂ ଉକ୍ତ ଟ୍ରକଟି ମଧ ଜବତ କରାଯାଇଛି । ଉଦ୍ଧାର ହୋଇଥିବା ଗାଈମାନଙ୍କୁ ଆଇନଗତ ଓ ପଶୁ–ଚିକିତ୍ସା ନୀତିକ୍ରମ ପୂରଣ କରି ବୋଲାଗଡ଼ ଗୋଶାଳାକୁ ପଠାଯିବାର ସୂଚନା ମିଳିଛିଛ ଶିଳ୍ପାଞ୍ଚଳ ପୋଲିସ ଦ୍ୱାରା ଏହି ଘଟଣାର ସଂପୃକ୍ତ ନେଟୱର୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ।

## ସାମାନ୍ୟ କଥାକୁ କେନ୍ଦ୍ର କରି ଛୁରା ମାଡରେ ଜଣେ ଗୁରୁତର

**ଶେରଗଡ଼, ୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାମାନ୍ୟ କଥାକୁ ନେଇ ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ବଚସା ଏବଂ ବଚସାରୁ ଜଣେ ବ୍ୟକ୍ତି ଜଣେ ବ୍ୟକ୍ତିଙ୍କ ଛୁରୀରେ ତଣ୍ଟି କାଟିଥିବା ଦେଖିବାକୁ ମିଳିଛି ଶେରଗଡ ବଜାରରେ । ଘଟଣାକ୍ରମେ, ଶେରଗଡ ବଜାରରେ ଟୁନା ପ୍ରଧାନ (୫୨) ଜଣେ ଖାଲାସୀ ଭାବେ କାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାନ୍ତି । ସବୁ ଦିନ ଭଳି ଆଜି ସକାଳୁ ଟୁନା ବାହାରୁ ଆସୁଥିବା ପରିବା ବୋଝେଇ ଗାଡିରୁ ପରିବା ଓହ୍ଲାଇ ଦୋକାନମାନଙ୍କରେ ପ୍ରଦାନ କରୁଥିଲେ । ଠିକ ଏହି ସମୟରେ ଆଜି ଟୁନା ଗାଡିରୁ ଆଳୁ ଓହ୍ଲାଇବା ସମୟରେ ଅନ୍ୟ ଜଣେ ଖାଲାସୀ ସନ୍ତୋଷ ଗୌଡ (୫୫) ସେହି ଗାଡି ନିକଟରେ ପହଞ୍ଚି ଗାଡିରୁ ଆଳୁ ବାହାର କରି ଘରକୁ ନେବା ଲାଗି ଚାହୁଁଥିଲା ବେଳେ ଟୁନା ତାକୁ ବାରଣ କରିଥିଲେ । ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ପରମୁହୂର୍ତ୍ତରେ ସନ୍ତୋଷ ଏକ ଧାରୁଆ ଛୁରୀ ସାହାଯ୍ୟରେ ଟୁନାର ଗଳାକୁ କାଟି ଦେଇଥିଲେ । ଗଳା କଟିବା ପରେ ଟୁନା ଗୁରୁତର ହୋଇ ପଡିଥିଲେ । ଗୁରୁତର ଟୁନାଙ୍କୁ ଅନ୍ୟ ଖାଲାସୀ ମାନେ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିଲେଛ ସେଠାରେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣାକୁ ନେଇ ଶେରଗଡ ଥାନାରେ ଟୁନାଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗ କୁ ଆଧାର କରି ୪୬୩/୨୫ ରେ ମାମଲା ରୁଜୁ କରି ଆସାମୀ ଅଟକ ରଖାଯାଇଥିବା ଶେରଗଡ ଥାନା ଅଧିକାରୀ ବରେନ୍ଦ୍ର ଶିଅଳ ପ୍ରକାଶ କରିଛନ୍ତି ।

## ନାବାଳିକା ଅନ୍ତଃସତ୍ତ୍ୱାକାରୀକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜନୈକା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଗର୍ଭବତୀ କରିବାର ମାମଲା ସୋମବାର ରାୟ ପ୍ରକାଶ ପାଇଛି । ଯାଜପୁର ଆଡହକ ଏଡିଜେ, ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତ କାଳିଆ ଓରଫ କାଳନ୍ଦୀ ନାୟକକୁ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ଦେବା ସହ ୧୦ ହଜାର ଜରିମାନା ଅନାଦେୟରେ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ମଇ ୨୪ ତାରିଖରେ ଜନୈକା ୧୭ ବର୍ଷୀୟା ନାବାଳିକା ଜିଲାର ଏକ ବାଳିକା ହଷ୍ଟେଲରେ କାର୍ଯ୍ୟ କରୁଥିବା ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମର ଗୟାଧର ନାୟକଙ୍କ ପୁଅ କାଳିଆ ଓରଫ କାଳନ୍ଦୀ ନାୟକ(୩୨) ସଂପୃକ୍ତ ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରି ଆସୁଥିଲେ। ନାବାଳିକା ୫ ମାସର ଗର୍ଭବତୀ ହେବାର ପରିବାର ଲୋକେ ଜାଣିବା ପରେ ନାବାଳିକାର ବାପା ଧର୍ମଶାଳା ଥାନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଧର୍ମଶାଳା ପୁଲିସ ଥାନାରେ କେଶ ନଂ.୩୨୩/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି ।

## ଷ୍ଟୋନ କ୍ରସରରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

**ଢେଙ୍କାନାଳ, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ମୋଟଙ୍ଗା ଥାନା ଅନ୍ତର୍ଗତ ଗୁଡ଼ିଆକାଟେଣି ଅଞ୍ଚଳର ଏକ ଷ୍ଟୋନ କ୍ରସରରେ ଘଟିଛି ଦୁର୍ଘଟଣା । କ୍ରସର ମେସିନରେ ବଡ଼ ବଡ଼ ସ୍ଲଲ ବା ପଥର ଖଣ୍ଡ ବୋଝେଇ କରୁଥିବାବେଳେ ଜଣେ ଶ୍ରମିକଙ୍କ ଉପରେ ବଡ଼ ପଥର ଖଣ୍ଡ ଖସି ପଡିଛି। ଘଟଣା ସ୍ଥଳରେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗୁଡ଼ିଆ କାଟେଣି ରାଣୀବଣିଆ ସ୍ଥିତ ସନ୍ତୋଷ ପରିଡାଙ୍କ ଷ୍ଟୋନ କ୍ରସରରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ମୃତ ଶ୍ରମିକ କେନ୍ଦୁଝର ତେଲକୋଇ ଅଞ୍ଚଳର ଗଣେଶ ମୁଣ୍ଡା ବୋଲି ଜଣାପଡିଛି। ତେବେ କ୍ରସର ମାଲିକ ଘଟଣାକୁ ଚପାଇବା ପାଇଁ ଅପଚେଷ୍ଟା କରିବାରୁ ବେଶ ଉତ୍ତେଜନା ପ୍ରକାଶ ପାଇଛି। ଏପରିକି ମୃତଦେହକୁ ଲୁଚାଇ ଦେଉଥିବା ନେଇ ତୀବ୍ର ପ୍ରତିବାଦ କରିଛନ୍ତି ଶ୍ରମିକ। ମୋଟଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା ହ୍ରାସ ପାଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ମୋଟଙ୍ଗା ପୁଲିସ ।

## ଜଗନ୍ନାଥଙ୍କ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

**ଅସ୍ତରଙ୍ଗ, ୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଅଠତିରା ମୌଜାରେ ମହାପ୍ରଭୁଙ୍କ ଜମିରେ ନିର୍ମିତ ପକ୍କା ଗୃହକୁ ଉଚ୍ଛେଦ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚ ନ୍ୟାୟାଳୟ ସମ୍ପର୍କରେ ଆବେଦନକାରୀ ବାବୁରାମ ମଲ୍ଲିକଙ୍କ ଆବେଦନକୁ ଗୁରୁତର ଭାବେ ଗ୍ରହଣ କରି ମାନ୍ୟବର କୋର୍ଟ ଆବେଦନକାରୀଙ୍କ ସମସ୍ତ ତଥ୍ୟ ଭିତ୍ତିକରି ଏହି ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଘଟଣାକୁ ମାନ୍ୟବର କୋର୍ଟ୧୩/୧୧/୨୦୨୫ ଶୁଣାଣି କରିଥିଲେଛଏହାର ପରବର୍ତ୍ତୀ ଶୁଣାଣି ୫/୨ ୨୦୨୬ ପର୍ଯ୍ୟନ୍ତ ରଖିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ତହସିଲଦାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପୋଲିସ ଫୋର୍ସ ମୃତୟନ ପାଇଁ ଆବେଦନ କରିଛନ୍ତି । ଅନ୍ୟ ଏକ ଚିଠି ରେ ଉଚ୍ଛେଦ କାର୍ଯ୍ୟରେ ନିଯୁକ୍ତି ପାଇଁ ଏକଯୁକୁଟିଭି ମାଜିଷ୍ଟ୍ରେଟ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି । ଜିଲ୍ଲା ପ୍ରଶାସନ ତହସିଲଦାର ଙ୍କ ପକ୍ଷରୁ ଆବେଦନକାରୀ ଓ ଜବରଦଖଲକାରୀଙ୍କୁ ଉଚ୍ଛେଦ ପ୍ରକ୍ରିୟା ସମ୍ପର୍କରେ ନୋଟିସ ଜାରି କରାଯାଇଛି । ଏ ସମ୍ପର୍କରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ପଚାରିବାରେ ସେ କହିଥିଲେ ଯେ ଜଗନ୍ନାଥଙ୍କ ଖାତା ନଂ୫୪୮, ୫୪୯ରେ ଜଳାଶୟ ଜମିରେ ନିର୍ମାଣ ହୋଇଥିବା ବେଆଇନ ଗୃହକୁ ଜିଲ୍ଲା ପ୍ରଶାସନ ସହାୟତାରେ ଡିସେମ୍ବର ପ୍ରଥମ ସପ୍ତାହ ବା ୩ ତାରିଖରେ ଭାଙ୍ଗିବା ପାଇଁ ନିର୍ମାଣ କାରୀଙ୍କୁ ନୋଟିସ କରାଯାଇଛି ।

ଏଠାରେ ସୂଚନାଯୋଗ୍ୟ କି କାକଟପୁର ତହସିଲ ଅନ୍ତର୍ଗତ ବାଉରିଆକଣ ଗ୍ରାମର ଦେବଦତ୍ତ ଜେନା ବେଆଇନ ଭାବେ ପକ୍କା ଗୃହ ନିର୍ମାଣ କରିଛନ୍ତି । ଏ ସମ୍ପର୍କରେ ବାବୁରାମ ମଲ୍ଲିକ ଜିଲ୍ଲା ପ୍ରଶାସନ, ମନ୍ଦିର ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ।

## ସଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ପୌରାଞ୍ଚଳ ଭାଗବତପୁର ଗ୍ରାମରେ ମଧୁସୂଦନ ନାଥଙ୍କ ଘରେ ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଘଟଣାରୁ ପ୍ରକାଶ, ସୋମବାର ସକାଳେ ମଧୁସୂଦନ ତାଙ୍କ ଗାଧୁଆ ଘରେ ପାଣି ଗରମ କରିବା ପାଇଁ ବାଲ୍ଟିରେ ୱାଟର ହିଟର ଲଗାଇଥିଲେ। ଏହି ୱାଟର ହିଟରରୁ ସଟ୍ ସର୍କଟ୍ ହୋଇ ପାଖରେ ଥିବା ୱାସିଂମେସିନରେ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରଭାବ ଏତେ ଥିଲା ଯେ ଗାଧୁଆଘର ପାର୍ଶ୍ୱରେ ଥିବା ବେଡରୁମରେ ମଧ ଆଂଶିକ ନିଆଁ ଲାଗିଯିବାରୁ ଘରର ଏସି, ଟିଭି ପୋଡ଼ି ଯାଇଥିଲା। ଖବର ପାଇ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବେଆଇନ ବାଲି ବୋଝେଇ ଟ୍ରକ ଜବତ

**ନିଆଳି, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ନିଆଳି ଅଞ୍ଚଳରେ ଏବେ ବିଚିତ୍ର ବ୍ୟବସ୍ଥା ଚାଲିଛ । ରାଜସ୍ୱ ଲୁଟ ଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟକଳାପ ବୃଦ୍ଧି ଘଟିଛି । ବାରମ୍ବାର ଖବର ପ୍ରସାରଣ ଓ ମୁଖ୍ୟମନ୍ତ୍ରୀ ବେଆଇନ ବାଲିଘାଟ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏସପିଙ୍କ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ କ୍ରମେ ଗତକାଲି ରାତିରେ ନିଆଳି ପ୍ରଶାସନ ଜଲ୍ଲାରପୁର ନିକଟରୁ ବେଆଇନ ଭାବରେ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ନେଇ ସୂଚନା ମିଳିଛି । ବାଲି ଗାଡି ଜବତର କିଛି ସମୟ ପରେ ଜୈନିକ ଜଣେ କୁଜି ନେତା ତଥା ବିଧାୟକଙ୍କ ଅନୁଗତ ପ୍ରଶାସନକୁ ଚାପ ପକାଇ ବେଆଇନ ବାଲି ଗାଡିକୁ ଖସାଇବା ପାଇଁ ଉଦ୍ୟମ ଫେଲ ମାରିଥିବା ନେଇ ନିଆଳି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ନିଆଳି ଅଞ୍ଚଳରେ ଯେଉଁ ବେଆଇନ କାର୍ଯ୍ୟ ଚାଲିଛି ସେଥିରୁ ସିଂହ ଭାଗ ଜୈନିକ କୁଜି ନେତା ପକେଟକୁ ଯାଉଥିବା ନେଇ ଆଲୋଚନା ହେଉଛି ।



ଖାଲି ସେତିକି ନୁହେଁ କାଲଖ ନିକଟବର୍ତ୍ତୀ ବିବାଦୀୟ ବେଆଇନ ବାଲିଘାଟ ନିକଟରୁ ଅଞ୍ଚଳବାସୀ ଏକ ୨୨୦ ଜେସିବ ମେସିନକୁ ଜବତ କରି ପୋଲିସ ହସ୍ତାନ୍ତର କରିଥିବା ନେଇ ସୂଚନା ମିଳିଛି । କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଜେସିବ ମେସିନକୁ ପୋଲିସ କୌଣସି ଫାଇନ କିମ୍ବା କେସ ରୁଜୁ ନକରି ଜେସିବ ମେସିନକୁ ଛାଡି ଦେଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ଏ ସମ୍ପର୍କରେ କଟକ ଜିଲ୍ଲାପାଳ ଓ ଏସପି ଦୃଷ୍ଟି ଦେବା ପାଇଁ ନିଆଳିବାସୀ ଦାବି କରିଛନ୍ତି ।

## ଡାଲ୍‌ମିଆ ସିମେଣ୍ଟ ନିର୍ଦ୍ଦେଶକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ମହାନଗର ନିଗମରୁ ପରିବହନ ହୋଉଥିବା ଅଳିଆ ଆବର୍ଜନ ଢେଙ୍କାନାଳ–କାମାକ୍ଷାନଗର ଦେଇ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗ ପୁର ମେସର୍ସ ଡାଲ୍‌ମିଆଁ ସିମେଣ୍ଟ (ଭାରତ) ଲିମିଟେଡ୍‌କୁ ପରିବହନ ସମୟରେ ଢେଙ୍କାନାଳ ଓ କାମାକ୍ଷାନଗର ମୁଖ୍ୟ ରାସ୍ତା ଉପରେ ଛିଟିକ୍ ପଡିବାରୁ ଗୁରୁତର ପରିବେଶ ଗତ ଏବଂ କାର୍ଯ୍ୟକ୍ଷମତା କ୍ଷତି ପହଞ୍ଚାଇଥିଲା । ଏହି ଖବର ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବିଏମ୍‌ସି କମିଶନର ଡାଲମିଆ କମ୍ପାନୀର ବର୍ଯ୍ୟବସ୍ତୁ ପରିବହନ କରୁଥିବା ଗାଡିକୁ ୧ ଲକ୍ଷ ଟଙ୍କା ଜରିମନା କରିବା ସହ ୩ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ଲାଗୁ କରିଛନ୍ତି । ଏହି ଗାଡି ନିର୍ଦ୍ଦିଷ୍ଟ ରାସ୍ତାରେ ନ ଆସି ଅନୁମୋଦିତ ବହନ କ୍ଷମତା ଠାରୁ ଅଧିକ ଓଭର ଲୋଡିଂ ଫଳରେ ପରିବହନ ସମୟରେ ଲିକେଜ୍ ହୋଇ ରାସ୍ତାରେ ପଡିବାରୁ କାର୍ଯ୍ୟକ୍ଷମ ପ୍ରୋଟୋକଲ ଏବଂ ସୁରକ୍ଷା ମାନଦଣ୍ଡର ଏକ ଗୁରୁତର ଉଲଘଂନ କରିଛି । ପରିବହନ ସମୟରେ ସତର୍କତା ଅବଲମ୍ବନ ନ କରିବା ଫଳରେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି । ଏଣୁ ଏ ସଂପର୍କରେ ନିର୍ଦ୍ଧାରିତ ସମୟରେ ସନ୍ତୋଷ ଜନକ ସ୍ୱଷ୍ଟୀକରଣ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଟ୍ରେଜେରୀ କଲୋନୀରୁ ବେଆଇନ ପାହାଡ଼ମାଟି ଓ ଜେସିବି ଜବତ

**ସୋର, ୨୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରାଞ୍ଚଳ ଟ୍ରେଜେରୀ କଲୋନୀରେ ଜଣେ ବ୍ୟକ୍ତି ବେଆଇନ ଭାବେ ପାହାଡ ମାଟିକୁ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଏକ ଜେସିବିକୁ ଜବତ କରାଯାଇଛି। ସୂଚନା ଅନୁସାରେ ସୋର



ବ୍ଲକ ମହୁମୁହାଣ ପଞ୍ଚାୟତର ଖଞ୍ଜାମହାଲ ପଥର ଖାଦାନ ଦୀର୍ଘ ଚାରିବର୍ଷରୁ ଅଧିକ ହେବ ସରକାରୀ ଭାବେ ବନ୍ଦ ହୋଇଛି। ମାତ୍ର ଦିନ ରାତି ସବୁ ସମୟରେ ଏଠାରେ ପଥର ଲୁଟ୍ ଚାଲିଛି। ଏହି ପାହାଡରୁ ବାହାରୁ ଥିବା ପାହାଡ ମାଟିକୁ ମଧ ମାଫିଆ ମାନେ ଲୁଟି ନେଉଛନ୍ତି । ଫଳରେ ସରାକାର ରାଜସ୍ୱ ହରାଉଛନ୍ତି ଓ ମାଫିଆମାନେ ଖଣି ଅଧିକାରୀଙ୍କୁ ହାତ କରି ଲକ୍ଷପତି ହେଉଛନ୍ତି । ଏହି ପାହାଡ ମାଟିକୁ ସୋର ଟ୍ରେଜେରୀ କଲୋନିରେ ଜଣେ ବ୍ୟକ୍ତି ବହୁ ମାତ୍ରାରେ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ବେଳେ ସୋମବାର ମଧାହ୍ନରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସୋର ତହସିଲଦାର ଚଢାଉ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଟ୍ରାକ୍ଟର ଓ ଟ୍ରକଗୁଡିକ ଛତ୍ରଭଙ୍ଗ ଦେଇଥିବା ବେଳେ ଏକ ଜେସିବି ମେସିନକୁ ତହସିଲଦାର ଜବତ କରିଥିଲେ । ଜବତ ଜେସିବିକୁ ସୋର ତହସିଲ ପରିସରରେ ରଖାଯାଇଥିବା ବେଳେ ଖଣି ବିଭାଗର ନିୟମ ଅନୁସାରେ ଫାଇନ ଆଦାୟ କରାଯିବା ପରେ ଜେସିବିକୁ ଛଡାଯିବ ବୋଲି ସୂଚନା ମିଳିଛି । ପୁର୍ବରୁ ପଥର ଲୁଟ ଚାଲିଥିବା ବେଳେ ଏବେ ଦିନ ରାତି ସବୁ ସମୟରେ ପାହାଡ ମାଟି ଲୁଟ ହେଉଥିବାରୁ ଜିଲ୍ଲା ପ୍ରଶାସନ ଚଢାଉ କରି ମାଫିଆମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

# ମଣ୍ଡି ଖୋଲିନି : ମାତିଲେଣି ଧାନ ବେପାରୀ

**ବରଗଡ଼, ୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲାରେ ଖରିଫ୍ ଧାନ ଅମଳ କାର୍ଯ୍ୟ ଜୋରଦାର ଚାଲିଛି । ହେଲେ ଏପର୍ଯ୍ୟନ୍ତ ଜିଲାରେ ଧାନବିକ୍ରି ତ ଦୂରର କଥା, ମଣ୍ଡିଗୁଡ଼ିକ ମଧ ଖୋଲି ନାହିଁ । ନଭେମ୍ବର ମାସ ୨୦ତାରିଖରୁ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ତାହା ହେଲା ନାହିଁ । ପରେ ଚଳିତ ମାସ ୨୫ତାରିଖ ରାଜ୍ୟରେ ଧାନ କିଣାବିକା ଆରମ୍ଭ ହେବ ବୋଲି ସମବାୟ ମନ୍ତ୍ରୀ କହିଥିଲେ । ଅନ୍ୟପଟେ ବରଗଡ଼ ଜିଲାରେ ନଭେମ୍ବର ମାସ ୨୮ତାରିଖ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । କେବଳ ସେତିକି ନୁହେଁ, ଏପର୍ଯ୍ୟନ୍ତ ଚାଷୀଙ୍କ ପାଖକୁ ଧାନବିକ୍ରି ଟୋକନ ମଧ ପହଞ୍ଚି ନ ଥିବା ଚାଷୀମାନେ କହିଛନ୍ତି । ସେହିପରି ପୂର୍ବବର୍ଷ ଭଳି ଏଥର ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ସଚେତନତା କାର୍ଯ୍ୟକ୍ରମ ମଧ ହୋଇପାରି ନାହିଁ । ଏପରି କି ଏଥର ଧାନ କୁଇଣ୍ଟାଲ ପ୍ରତି ୬୯ଟଙ୍କା ବୃଦ୍ଧି ହୋଇଥିବାରୁ ଚାଷୀମାନେ ବୋନସ ରାଶି ସହିତ ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପାଇବେ ନା ପୂର୍ବଭଳି ତାହା କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ସୀମିତ ରହିଯିବ, ସେ ନେଇ ମଧ ଚାଷୀମାନେ ଅନିଶ୍ଚିତତାରେ ରହିଛନ୍ତି । ଏଥିରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ପ୍ରଶାସନ କେତେ ପ୍ରସ୍ତୁତ, ତାହା ସହଜରେ ବାରି ହୋଇପଡୁ ଥିବାବେଳେ ଧାନବିକ୍ରି ନେଇ ଚାଷୀମାନେ ମଧ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ଏଭଳିସ୍ଥଳେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଅତାବିରା, ଗୋଡ଼ଭଗା, କଲାପାଣି ଭଳି କେତେକ ମଣ୍ଡିରେ ଚାଷୀମାନେ ବାଧ ହୋଇ ଧାନ ପୂରାଇଛନ୍ତି । ତେବେ ଚାଷୀମାନେ ମଣ୍ଡିରେ ଧାନ ସିନା ଭର୍ତ୍ତି କରିଛନ୍ତି, ତାକୁ କେବେ କିଣାଯିବ, ସେହି ଚିନ୍ତା ଚାଷୀଙ୍କୁ ଘାରିଛି ।

ନୂଆ ସରକାର ଆସିବା ପରେ ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ନିଶ୍ଚିତ ଭାବେ ଚାଷୀଙ୍କ ମନରେ ଖୁସି ଆଣିଛି । ମାତ୍ର ପଞ୍ଜୀକରଣର ନୂଆନୀତିଠାରୁ ଆରମ୍ଭ କରି ମଣ୍ଡିରେ ଗ୍ରେନ ଆନାଲାଇଜର ଦ୍ୱାରା ଧାନର ଗୁଣମାନ ନିର୍ଦ୍ଧାରଣ, ଅନେକ ଚାଷୀ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିବା ଏବଂ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଯୋଗୁ ଚାଷୀଙ୍କ ଦୁଃଖ ବଢ଼ି ଯାଇଛି । ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଚାଷୀମାନେ ନିଜର ହକ୍ ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୀର୍ଘ ୧୧ଦିନ ଧରି ଶୀତ, କାକରରେ ଦିନରାତି ଧାରଣାରେ ବସିଥିଲେ । ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ସେମାନଙ୍କୁ ପଞ୍ଜୀକୃତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣାକୁ ସ୍ଥଗିତ ରଖି ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଅପେକ୍ଷାରେ ଅଛନ୍ତି । ସେହିପରି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ଧାନବିକ୍ରି ଟୋକନ ମିଳିଥାଏ । ମାତ୍ର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଆଉମାତ୍ର ୪ଦିନ ବାକି ଥିବାବେଳେ ଚାଷୀମାନଙ୍କୁ ଧାନବିକ୍ରି ଟୋକନ ମିଳିପାରି ନାହିଁ ।



ଅନ୍ୟପଟେ ଜିଲାର ସମସ୍ତ ବ୍ଲକରେ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳାରେ ପଡ଼ି ରହିଛି । ଅନେକ ଅଞ୍ଚଳରେ ରାସ୍ତା ଉପରେ ମଧ ଚାଷୀମାନେ ଧାନ ଶୁଖାଇ ରଖିଛନ୍ତି । ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ସେହି ଅମଳ ଧାନକୁ ଶୀତ, କାକର ସହି ଜଗି ରହିଛନ୍ତି । ସେହିପରି ଧାନବିକ୍ରି କରି ପାରି ନ ଥିବାରୁ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେବାରେ ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି । ଅପରପକ୍ଷେ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି । ବେପାରୀମାନଙ୍କ ଦ୍ୱାରା କମ୍ ଦରରେ ବିଭିନ୍ନ ସ୍ଥାନରେ ଧାନକିଣା ଆରମ୍ଭ ହୋଇଯାଇଥିବା ଅଭିଯୋଗ ହୋଇଛି । ସେହିପରି ରାଇସ୍ ମିଲ୍ ଗୋଦାମରେ ଭର୍ତ୍ତି ହୋଇଥିବା ଚାଉଳ ଖାଲି ସହିତ ବିଭିନ୍ନ ଦାବି ପୂରଣ କରା ନ ଗଲେ ମିଲର୍ସମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବେ ନାହିଁ ବୋଲି ପୂର୍ବରୁ ଖବରଦାତା ସମ୍ମିଳନୀରେ ଘୋଷଣା କରିଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ କମ୍ ଦରରେ କିଣାଯାଇଥିବା ଧାନ ବିଭିନ୍ନ ରାଇସ୍ ମିଲକୁ ଯାଉଥିବା ସଂଯୁକ୍ତ କୃଷକ ସଂଗଠନ ଅଭିଯୋଗ କରିଛି । ବେଆଇନ ଭାବେ ଧାନକିଣା ବନ୍ଦ କରିବା ସହିତ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରାଇସ୍ ମିଲଗୁଡ଼ିକର ଧାନ, ଚାଉଳ ଷ୍ଟକ ଯାଞ୍ଚ କରିବା ପାଇଁ ସଂଗଠନ ଦାବି କରିଛି । ଏହି ଦାବି ନେଇ ସୋମବାର ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ । ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ସୁରେଶ ନେକାଣ୍ଟି ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

**ଲୋକଙ୍କ ସନ୍ତୁଷ୍ଟି ହିଁ ଶାସନ ଏବଂ ପ୍ରଶାସନର ସଫଳତାର ମାପକାଠି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଭିଡ଼ ସୂଚାଉଛି– ପ୍ରଶାସନର ସେବାରେ ଲୋକେ ସନ୍ତୁଷ୍ଟ ନୁହନ୍ତି । ପ୍ରତିଟି ଅଭିଯୋଗର ଫଇସଲା ପାଇଁ ଯଦି ଜଣଙ୍କୁ ମାସ ମାସ ଏବଂ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼େ ସିଏ ଅନ୍ୟ କାମ ପାଇଁ ସମୟ ପାଇବ କୁଆଡୁ? ସରକାରୀ ଦପ୍ତରକୁ ଦଉଡୁଥିବା ବ୍ୟକ୍ତିଜଣକ ମଧ୍ୟ ଆଉ ଅନ୍ୟ କୌଣସି ଦପ୍ତରରେ କାମ କରୁଥାଇପାରନ୍ତି, ତେଣୁ ଏଇ କାରଣରୁ ତାଙ୍କ ଅଫିସ୍‌ର କାର୍ଯ୍ୟ ଯେ ବାଧାପ୍ରାପ୍ତ ହେଉଥିବ ଏକଥା ପ୍ରଶାସନିକ କର୍ମଚାରୀମାନେ ଜାଣିବା ଉଚିତ୍ ।**


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୬ ନଭେମ୍ବର, ୨୦୨୫ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍


## ଅଭିଯୋଗ ପ୍ରକୋଷ୍ଠର ଭିଡ଼ କ'ଣ ସୂଚାଉଛି?

**ମୁ**ଖ୍ୟମନ୍ତ୍ରୀ ନିୟମିତ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ। ତତ୍କାଳ ସମାଧାନ ମଧ୍ୟ ହେଉଛି । ପ୍ରଶ୍ନ ଉଠୁଛି– ଯେଉଁସବୁ ସମସ୍ୟାର ସମାଧାନ ମୁଖ୍ୟମନ୍ତ୍ରୀ ଅଳ୍ପ ସମୟ ଭିତରେ କରିପାରୁଛନ୍ତି ସେସବୁ ଯେ ନିୟମ ବହିର୍ଭୂତ ନୁହେଁ ଏକଥା ଖୁବ୍ ସ୍ପଷ୍ଟ । ତେଣୁ ସେ କାମ ଜିଲ୍ଲାସ୍ତରରେ ସମାଧାନ ହେବା କଥା । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଭିଡ଼ ସୂଚାଉଛି ଲୋକଙ୍କ ଆସ୍ଥା ରହୁନି ସରକାରୀ ଅଧିକାରୀଙ୍କ ଉପରେ । ଅନେକେ ବାଧ ହୋଇ ଆସୁଛନ୍ତି, ଯେତେବେଳେ ଜିଲ୍ଲା ଓ ବ୍ଲକ୍ ସ୍ତରର ଅଫିସ୍‌ରେ ସେସବୁ କାମ ହୋଇପାରୁନି । ତୃଣମୂଳ ସ୍ତରରେ ଲୋକେ ସେବା ପାଇପାରୁନାହାନ୍ତି ବୋଲି ହିଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ପଡୁଛି । ଯେଉଁଦିନ ସରକାରୀ ଦପ୍ତରରେ ସେସବୁ କାମ ହୋଇଯିବ ସେଦିନ ଜାଣିବା ଲୋକେ ସନ୍ତୁଷ୍ଟ ଅଛନ୍ତି । ତତ୍କାଳ ଲୋକଙ୍କର କାମ ଯଦି ହୋଇଯାଉଥାନ୍ତା ଏବଂ ଅଭିଯୋଗର ପାହାଡ଼ ସୃଷ୍ଟି ହେଉନଥାନ୍ତା ତା'ହେଲେ କର୍ମଚାରୀ ଅଭାବର ପ୍ରଭାବ ସେତେଟା ପଡ଼ନ୍ତା ନାହିଁ । ବାକିଆ କାମ ଜମିରହୁଥିବା ଫଳରେ ହିଁ ଅଭିଯୋଗର ସ୍ତୂପ ସୃଷ୍ଟି ହେଉଛି ପ୍ରତିଟି ସରକାରୀ ଅଫିସ୍‌ରେ ।

ମନ୍ତ୍ରୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ନିକଟରେ ଯେଉଁ ଅଭିଯୋଗ ଶୁଣାଣି କରିଥିଲେ ସେଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସଲ କଥାଟି କହିଛନ୍ତି । ସେ କହିଛନ୍ତି– ଜିଲ୍ଲାସ୍ତରରେ ଅଫିସରମାନେ ଲୋକଙ୍କ ସମସ୍ୟା ବୁଝି କାହିଁକି ପଦକ୍ଷେପ ନେଉନାହାନ୍ତି? ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନେ ଏ ଦିଗରେ ଯତ୍ନବାନ ହେବା ଦରକାର । ଜିଲ୍ଲାସ୍ତରରେ ଯେଉଁସବୁ ସମସ୍ୟାର ସମାଧାନ ହୋଇପାରନ୍ତା ସେଗୁଡ଼ିକୁ ଠିକ୍ ଭାବେ ପରିଚାଳନା କରାଯାଉନଥିବାରୁ ସେ ଅଭିଯୋଗକାରୀମାନେ ବାଧ ହୋଇ ଦୂରଦୂରାନ୍ତରୁ ବହୁ କଷ୍ଟ ସ୍ୱୀକାର କରି ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି । ସେସବୁ ଅଭିଯୋଗ ଏଠାକୁ କାହିଁକି ଆସୁଛି ବୋଲି ମନ୍ତ୍ରୀ କ୍ଷୋଭ ବ୍ୟକ୍ତି କରିବା ସହ ବିଭାଗୀୟ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ ।

ଲୋକେ ଯେତେବେଳେ ତଳସ୍ତରରେ ସେବା ପାଆନ୍ତି ନାହିଁ କିମ୍ବା ଅନ୍ୟାୟର ଶିକାର ହୁଅନ୍ତି ସେତିକିବେଳେ ସେମାନଙ୍କୁ ସର୍ବୋଚ୍ଚ ଅଧିକାରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ପଡ଼େ। ଯଦି ପ୍ରତିଟି ଛୋଟ ଛୋଟ ସମସ୍ୟା ପାଇଁ ଲୋକଙ୍କୁ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ପଡ଼େ ତା'ହେଲେ ଲୋକେ ଉପଯୁକ୍ତ ସେବା ପାଉଛନ୍ତି ବୋଲି ଆମେ କେମିତି କହିବା?

ଷ୍ଟ୍ରିଟ୍ ଲାଇଟ୍ ଜଳୁନି, ଡ୍ରେନ୍ ସଫା ହେଉନି, ଡ୍ରେନ୍‌ରେ ନିୟମିତ ମଶା ତେଲ ସିଞ୍ଚନ କରାଯାଉନି– ଏସବୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ମାସ ମାସ ଅପେକ୍ଷା କରିବାକୁ ପଡ଼େ, ନହେଲେ ଉଚ୍ଚ ଅଧିକାରୀମାନଙ୍କୁ ଅଭିଯୋଗ କରିବାକୁ ପଡ଼ିଥାଏ। ଏସବୁ ସମସ୍ୟା ସମାଧାନର ଦାୟିତ୍ୱ ନଗରପାଳିକାର ହେବା ଉଚିତ୍ । ଅତି ଛୋଟ ଛୋଟ ସମସ୍ୟା ଯଦି ମୁଣ୍ଡବ୍ୟଥାର କାରଣ ପାଲଟିବ ଲୋକଙ୍କ ସନ୍ତୁଷ୍ଟି ଆସିବ କୁଆଡୁ, ଲୋକେ ଖୁସି ହୋଇପାରିବେ କେମିତି? ଏହି କାରଣରୁ ଆମ ଦେଶରେ ଖୁସିର ଅଭାବ ରହିଛି ଲୋକଙ୍କ ପାଖରେ ।

ଲୋକଙ୍କ ସନ୍ତୁଷ୍ଟି ହିଁ ଶାସନ ଏବଂ ପ୍ରଶାସନର ସଫଳତାର ମାପକାଠି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଭିଡ଼ ସୂଚାଉଛି– ପ୍ରଶାସନର ସେବାରେ ଲୋକେ ସନ୍ତୁଷ୍ଟ ନୁହନ୍ତି । ପ୍ରତିଟି ଅଭିଯୋଗର ଫଇସଲା ପାଇଁ ଯଦି ଜଣଙ୍କୁ ମାସ ମାସ ଏବଂ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡ଼େ ସିଏ ଅନ୍ୟ କାମ ପାଇଁ ସମୟ ପାଇବ କୁଆଡୁ? ସରକାରୀ ଦପ୍ତରକୁ ଦଉଡୁଥିବା ବ୍ୟକ୍ତିଜଣକ ମଧ୍ୟ ଆଉ ଅନ୍ୟ କୌଣସି ଦପ୍ତରରେ କାମ କରୁଥାଇପାରନ୍ତି, ତେଣୁ ଏଇ କାରଣରୁ ତାଙ୍କ ଅଫିସ୍‌ର କାର୍ଯ୍ୟ ଯେ ବାଧାପ୍ରାପ୍ତ ହେଉଥିବ ଏକଥା ପ୍ରଶାସନିକ କର୍ମଚାରୀମାନେ ଜାଣିବା ଉଚିତ୍ ।

ଅସନ୍ତୋଷ ମାନସିକ ଚାପ ସୃଷ୍ଟି କରିଥାଏ, ପରବର୍ତ୍ତୀ କାଳରେ ଏହା ଶାରୀରିକ ସମସ୍ୟା ମଧ୍ୟ ସୃଷ୍ଟି କରେ । ବୈଧ କାମ ପାଇଁ ସମୟ ଲାଗୁଛି ଅଥଚ ଅବୈଧ କାର୍ଯ୍ୟ ଶୀଘ୍ର ହୋଇପାରୁଛି ଏଇ କାରଣରୁ ହିଁ ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଛନ୍ତି ସରକାରୀ କର୍ମଚାରୀ ଏବଂ ଅଧିକାରୀମାନେ ।

# ବଣୁଆ ଶାସନର ଭିତିରି କଥା- (୧)



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

**ସ**ମୟ ଗଡ଼ିଚାଲିଛି। ସେଇ ସମୟର ସ୍ରୋତରେ ଏଭଳି କିଛି ଲୋମହର୍ଷଣକାରୀ ଘଟଣାର ଛାପ ରହିଯାଇଛି, ଯାହା କେବେ ଭୁଲିବାର ନୁହେଁ । ଏକଦା ଗଡ଼ଜାତର ରାଜାମାନେ ପଲିଟିକାଲ୍ ଏଜେଣ୍ଟମାନଙ୍କୁ ହାତବାରିସୀ କରି ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରୁଥିଲେ। ରାଜା, ପ୍ରଜାର ଭାଗ୍ୟବିଧାତା ଓ ସର୍ବମୟକର୍ତ୍ତା ଥିଲେ। ପ୍ରଜାମାନେ କଥାକଥାକେ ରାଜାଙ୍କୁ ଧନ ଜୀବନ ଗୋସେଇଁଙ୍କର ବୋଲି ସମ୍ବୋଧନ କରୁଥିଲେ। ରାଜାର ଇଚ୍ଛା ହିଁ ରାଜ୍ୟର ଆଇନ୍ ଥିଲା। ରାଜାଙ୍କ ମୁଖନିଃସୃତ ବାଣୀ ଜଜ୍‌ମେଣ୍ଟ ରୂପେ ଗଣ୍ୟ ହେଉଥିଲା। ଯଥାର୍ଥରେ ଓ "I am the State", ଅର୍ଥାତ୍ ରାଜ୍ୟ କହିଲେ ମୁଁ ନିଜେ। ଏ ଉକ୍ତି ରାଜାଙ୍କ ଠାରେ ପ୍ରଯୁଜ୍ୟ ଥିଲା । ରାଜାଙ୍କର ଅନୁଗ୍ରହ ହେଲେ ପ୍ରଜାର ପ୍ରଭୂତ ଉନ୍ନତି ଘଟୁଥିଲା। କିନ୍ତୁ କୋପଦୃଷ୍ଟି ହେଲେ ତା'ର ସର୍ବନାଶ ଘଟୁଥିଲା। ତେବେ କେତେକ ଚାଟୁକାର ରଣପୁର ରାଜା କୃଷ୍ଣଚନ୍ଦ୍ର ସିଂହଦେଓଙ୍କ ଅନୁଗ୍ରହ ଲାଭ କରି ରାଜ୍ୟର ପ୍ରଧାନ ଧନୀ ତଥା ପ୍ରଭାବଶାଳୀ ବ୍ୟକ୍ତି ହୋଇପାରିଥିଲେ। ଏମାନେ ରାଜାଙ୍କର ଅନୁଗୃହୀତ ପ୍ରଜାଭାବରେ ଯଥେଷ୍ଟ ଲାଭବାନ ହେଉଥିଲେ ଓ ସେମାନଙ୍କ ଚିନ୍ତାଧାରାରେ ରାଜାଙ୍କୁ ପ୍ରଭାବିତ କରୁଥିଲେ। ସମୟେ ସମୟେ କେତେକ ସାଧାରଣ ପ୍ରଜାଙ୍କ ପାଇଁ ରାଜଦରବାରରୁ କିଛି ସୁବିଧା କରାଇ ସେମାନଙ୍କ ଠାରୁ ଅର୍ଥ ଲାଭ କରୁଥିଲେ। ସାଧାରଣ ପ୍ରଜା ଏମାନଙ୍କୁ ଅଧିକ ଭୟ କରୁଥିଲେ। କିନ୍ତୁ ରାଜାଙ୍କ ଅନ୍ୟାୟ ଆଚରଣର ପ୍ରତିବାଦ କରି କେତେ ଜଣ ପ୍ରଜା ରାଜାଙ୍କର କୋପଦୃଷ୍ଟିର ଶିକାର ହୋଇଥିଲେ। ଫଳତଃ ରଣପୁର ରାଜ୍ୟରେ ଥିବା ନିଜ ନିଜର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ପରିତ୍ୟାଗ କରି ରାଜ୍ୟ ଛାଡ଼ି ଖାସମାହାଲରେ ବସବାସ କରିବାକୁ ବାଧ୍ୟ ହୋଇଥିଲେ। ସେମାନଙ୍କୁ ରାଜ୍ୟ ଛାଡ଼ି ବା ଜିଲାପାରି (Exodus) ନିର୍ଦ୍ଦେଶନାମା ଦିଆଯାଇଥିଲା।

ରାଜାଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିବାର ଶକ୍ତି କାହାର ନ ଥିଲା। ରାଜାଙ୍କ ହୁକୁମ୍ ଅମାନ୍ୟ କରି ରଣପୁର ପ୍ରଜାମାନଙ୍କୁ ଜେଲ, ଜରିମାନା ଓ ବେତ୍ରାଘାତ ଆଦି ଦଣ୍ଡ ଦିଆଯାଉଥିଲା। ରାଜାଙ୍କର ମେରୀରାୟ ଶାସନ ଚାଲିଥିଲା। ଅବଶ୍ୟ ରଣପୁରରେ ରାଜକର୍ମଚାରୀମାନଙ୍କର ଅନ୍ୟାୟ–ଅତ୍ୟାଚାର ରାଜାଙ୍କ ଠାରୁ ବରଂ ଅଧିକ ଥିଲା। ସେମାନେ ଅତ୍ୟାଚାର, ଦମନ ଓ ଶୋଷଣ ଏସବୁଥିରେ ପାରଙ୍ଗମ ଥିଲେ। ଏହି ଯୋଗ୍ୟତା ହିଁ ଥିଲା କର୍ମଚାରୀମାନଙ୍କର କର୍ମକ୍ଷେତ୍ରର ପଦୋନ୍ନତିର ମୁଖ୍ୟ ସହାୟକ। ଶୋଷଣ ଓ କଷଣରେ ପାରଙ୍ଗମ ହେତୁ ରାଜାଙ୍କର ଜନୈକ ନବମ ଶ୍ରେଣୀ ଯୋଗ୍ୟତାସମ୍ପନ୍ନ କିରାଣି ଜଗନ୍ନାଥ ମହାନ୍ତି ରାଜାଙ୍କର ଦେୱାନ୍ ପଦରେ ନିଯୁକ୍ତି ପାଇପାରିଥିଲେ। ଏସବୁ ଅନୁଧ୍ୟାନ କଲେ ଜଣାଯାଏ, ରଣପୁରରେ ଏକ ପ୍ରକାର 'ବଣୁଆ ଶାସନ' ଚାଲିଥିଲା। ଅନ୍ଧାରି ମୂଳକ ରଣପୁରରେ କିଭଳି 'ଅନ୍ଧାରି ଶାସନ' ଚାଲିଥିଲା, ତାହାର କେତେକ ନଜିର ଦେଉଛି। ସେ ସମୟରେ, ଅତ୍ୟାଚାରିତ ଶୋଷିତ ତଥା ନିଷ୍ପେଷିତ ପ୍ରଜା କରଜ ଶୁଝିବାକୁ ବା ପେଟ ପୋଷିବାକୁ ଯାଏ ରେଙ୍ଗୁନ୍ ବା କାଳିମାଟି । ସେଠାରୁ ଟଙ୍କା ଡାକରେ ମନିଅର୍ଡ଼ର କରି ପଠାଏ । ରଣପୁରଗଡ଼ର ପୋଷ୍ଟମାଷ୍ଟର ତତ୍‌କ୍ଷଣାତ୍ ସେତେବେଳର ପୋଲିସ୍ ଦାରୋଗା ଓ ଦେୱାନ୍‌ଙ୍କୁ ଖବର ଦିଅନ୍ତି। ପ୍ରବାସୀର ଘରେ ମନିଅର୍ଡ଼ର ଆସିଥିବା ଖବର ପହଞ୍ଚିବା ପୂର୍ବରୁ ତା' ବାଡ଼ିରେ ଗଞ୍ଜେଇ ଗଛ ପୋତି ଦିଆଯାଏ ଓ ଘର ପୁଲିସ ଦ୍ୱାରା ଘେରାଉ ହୋଇ ଗଞ୍ଜେଇ ଗଛ ଜବତ୍ ହୁଏ। ଘରବାଲା ଗିରଫ ହୋଇ ଥାନାକୁ ଚାଲାଣ ହୁଏ । ପୋଷ୍ଟ ଅଫିସରେ ଟଙ୍କା ପ୍ରାପ୍ତିର ଦସ୍ତଖତ ନିଆଯାଏ ମାତ୍ର ଟଙ୍କା ପୋଲିସ୍ ଓ ଦେୱାନ୍‌ଙ୍କର ଘରକୁ ଯାଏ। ଏଥିରେ ପୋଷ୍ଟମାଷ୍ଟରଙ୍କର କମିସନି ମଧ୍ୟ ଥାଏ । ସବୁ ଚିଠି ଖୋଲା ହୋଇ ପଢାହୁଏ।

୧୯୭୫ ମସିହାରେ ଘଟିଯାଇଥିବା ଭାରତର ଜରୁରିକାଳୀନ ଅବସ୍ଥାରେ କେତେକ ବିରୋଧୀ ରାଜନୈତିକ ନେତାଙ୍କର ଚିଠିପତ୍ର ଯାଞ୍ଚ କରାଯାଇଥିବାର ଅଭିଯୋଗ ଶୁଣାଯାଇଥିଲା । କିନ୍ତୁ ରଣପୁରରେ କେବଳ ରାଜବିରୋଧୀ ଲୋକ ନୁହଁନ୍ତି, ସାଧାରଣ ପ୍ରଜାଙ୍କର ଆସୁଥିବା ଚିଠିପତ୍ର ଖୋଲାଯାଇ ପଢାହେବା ପରେ ଉକ୍ତ ପତ୍ର ଗ୍ରାହକଙ୍କୁ ଦିଆଯାଉଥିଲା । ଅନେକ ପ୍ରଜା ପ୍ରବାସରେ ରହୁଥିବା ଅତ୍ମୀୟସ୍ୱଜନଙ୍କ ଚିଠିପତ୍ର, ଖାସମାହାଲରେ ଥିବା ସେମାନଙ୍କ ବନ୍ଧୁବାନ୍ଧବଙ୍କ ଠିକଣାରେ ପାଉଥିଲେ। ଏହା ଫଳରେ ଚିଠିପତ୍ର ବହୁ ବିଳମ୍ବରେ ମିଳୁଥିଲେ ମଧ୍ୟ ରାଜତନ୍ତ୍ରର ଯାଞ୍ଚ ବ୍ୟବସ୍ଥାଠାରୁ ଅଧିକ ନିରାପଦ ଥିଲା। ଏହି ଯାଞ୍ଚ ବ୍ୟବସ୍ଥା ରାଜାଙ୍କ ଅଜ୍ଞାତରେ କର୍ମଚାରୀମାନେ ହିଁ କରୁଥିଲେ। ରାଜା ଏହା ଜାଣିପାରୁନଥିଲେ । କେହି କେବେ ଏଥିପ୍ରତି ଦୃଷ୍ଟି ଆକର୍ଷଣ କଲେ, ଚିଠି ଖୋଲାଯିବାର ଉପଯୁକ୍ତ ପ୍ରମାଣ ଦେଇପାରୁ ନଥିଲେ । ଫଳତଃ ରାଜାଙ୍କର ଉଦାସୀନତା ହିଁ କର୍ମଚାରୀମାନଙ୍କୁ ସ୍ୱେଚ୍ଛାଚାରୀରୂପେ ଗଢିତୋଳିଥିଲା। ପ୍ରଜାମାନେ ବଡ଼ ମାଛ ଲୁଚାଇ ତରକାରୀ କରି ଖାଇବାପରେ ତାହାର କଣ୍ଟାସବୁ ବାଡ଼ିରେ ପୋତି ଦେଉଥିଲେ। କାରଣ ମାଛ, ମାଂସ, ଆମ୍ବ ଓ କାଠ ସବୁ ରାଜାଙ୍କର । କେହି ତାକୁ ଖାଇଲେ, ଯଦି ରାଜାଙ୍କ କାନକୁ ବେନାମୀ ଚିଠିରେ ଖବର ଯାଏ, ତା'ର ଘର ଖାନ୍‌ତଲାସ ହୋଇ ଦଣ୍ଡବିଧାନ ହେଉଥିଲା । ସମୟେ ସମୟେ ପୋଲିସ୍‌ବାଲା ଧନୀପ୍ରଜାର ବାଡ଼ିରେ ମାଛକଣ୍ଟା ପୋତି ଉତ୍କୋଚ ଆଦାୟ କରୁଥିଲେ। ଦେୱାନ୍ ଜଗନ୍ନାଥ ମହାନ୍ତି ଓ ଦାରୋଗା ଦୀନବନ୍ଧୁ ମହାନ୍ତିଙ୍କ ଅତ୍ୟାଚାର ରଣପୁରରେ ସାଂଘାତିକ ରୂପ ନେଇଥିଲା ।

ରଣପୁର ରାଜ୍ୟରେ ଦେୱାନ୍ ଓ ଦାରୋଗାଙ୍କ ଅତ୍ୟାଚାରର କାହାଣୀ ତତ୍କାଳୀନ ଜନୈକ ପ୍ରଜା ରାଜ ସୁନାଖଳା ନିବାସୀ ଅରକ୍ଷିତ ମହାରଣାଙ୍କର ରଣପୁର ପ୍ରଜାଙ୍କ ଦୁଃଖକାହାଣୀ ଶୀର୍ଷକ ଏକ ପୁସ୍ତିକାରେ ୧୯୩୮ ମସିହାରେ ପ୍ରକାଶ କରିଥିଲେ । ଏହା ପ୍ରଜାଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା। ପୁସ୍ତିକାଟି ପ୍ରକାଶ ପାଇବା ପରେ ରାଜା କର୍ମଚାରୀମାନଙ୍କର ଦୋଷଦୁର୍ବଳତାର ପ୍ରକୃତ ତଥ୍ୟ ଜାଣିବାକୁ ଚାହିଁଲେ । ସେ ନିଜେ ପଙ୍ଗୁ ଥିବାରୁ କୌଣସି ସ୍ଥାନକୁ ଏକାକୀ ଯାଇ ପ୍ରଜାଙ୍କ ଠାରୁ ପ୍ରକୃତ ତଥ୍ୟ ଆଦାୟ କରିବା ସମ୍ଭବ ନ ଥିଲା। କୌଣସି ସ୍ଥାନକୁ ଯିବାକୁ ହେଲେ ପାଲିଙ୍କିରେ ବସି ପାରିଷଦଙ୍କ ଗହଣରେ ଯିବାକୁ ହେଉଥିଲା । ଏଣୁ ରାଜାଙ୍କ ଆଗମନପୂର୍ବରୁ ଷଡ଼ଯନ୍ତ୍ରକାରୀ ଅମଲାମାନେ ପ୍ରକୃତ ତଥ୍ୟକୁ ବିକୃତ କରି କ୍ଷେତ୍ର ପ୍ରସ୍ତୁତ କରୁଥିଲେ ଓ ରାଜାଙ୍କୁ ସେହି ଅନୁସାରେ ପ୍ରଭାବିତ କରୁଥିଲେ। ରାଜାଙ୍କ ନିକଟରେ କେତେକ ଅମଲାଙ୍କ ବିରୋଧରେ ଅଭିଯୋଗ ହୋଇଥିଲେ ମଧ୍ୟ କେବଳ କୋର୍ଟବାବୁଙ୍କ (ନରସିଂହ ମହାପାତ୍ର) ବିରୋଧରେ ହୋଇଥିବା ଅଭିଯୋଗ ସତ୍ୟ ବୋଲି ମନେକରି ତାଙ୍କୁ ଚାକିରୀରୁ ବହିଷ୍କାର କରିଥିଲେ। ଅନ୍ୟ ଦୁର୍ନୀତିଗ୍ରସ୍ତ ଅମଲାମାନେ ରକ୍ଷା ପାଇଯାଇଥିଲେ। ରଣପୁର ରାଜ୍ୟର କେତେକ ସ୍ୱାଧୀନଚେତା ପ୍ରଜା ଅମଲାମାନଙ୍କ ଚକ୍ଷୁଶୂଳ ହୋଇ ରାଜାଙ୍କ ଆଦେଶନାମାବଳରେ ନିର୍ଯାତିତ ହେଉଥିଲେ । କ୍ଷମତାଶାଳୀ ଅମଲାଗଣ ରାଜାଙ୍କୁ ମିଥ୍ୟା କହି ପୂର୍ବରୁ ଆକ୍ରୋଶଥିବା ପ୍ରଜା ଉପରେ ଦାଉ ସାଧୁଥିଲେ। ରଣପୁର ଗଡ଼ ଲିଙ୍ଗରାଜ ଷଡ଼ଙ୍ଗୀ ଏଭଳି ପ୍ରଜାଙ୍କ ମଧ୍ୟରୁ ଥିଲେ ଜଣେ। ରାଜାଙ୍କ ଆଦେଶ ବଳରେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ବାଜ୍ୟାପ୍ତି କରଗଲା। ସେ ସମ୍ବଲପୁର ଯାଇ ପଲିଟିକାଲ୍ ଏଜେଣ୍ଟଙ୍କୁ ଭେଟି ସବୁକଥା ବର୍ଣ୍ଣନା କଲେ । ଫଳରେ ସାହେବ ନିର୍ଦ୍ଦେଶ ଦେଲେ ରଣପୁର ରାଜା ତାଙ୍କ ବିରୋଧରେ କୌଣସି ଅଭିଯୋଗ ଆଣି ହଇରାଣ କରିପାରିବେ ନାହିଁ। ରାଜ୍ୟର ସମସ୍ତ ପ୍ରଜା ଶିକ୍ଷିତ ନ ଥିଲେ କି ପଲିଟିକାଲ୍ ଏଜେଣ୍ଟଙ୍କୁ ସାକ୍ଷାତ କରି ରାଜାଙ୍କ ଅନ୍ୟାୟ ଆଚରଣର ପ୍ରତିବାଦ କରିପାରୁ ନ ଥିଲେ। ଫଳରେ କର୍ମଚାରୀମାନଙ୍କର ମନମୁଖୀ ଶାସନ ଚାଲୁଥିଲା । ରାଜାଙ୍କର ନିର୍ଦ୍ଦେଶ ଅଛି କହି ପ୍ରଜାମାନଙ୍କୁ ନାନାଭାବରେ ଶୋଷଣ କରିବା। ପୁଲିସ କର୍ମଚାରୀମାନଙ୍କର ଏକ ଅସ୍ଥିମଜ୍ଜାଗତ ଅଭ୍ୟାସ ଥିଲା । ସ୍ୱେଚ୍ଛାଚାରୀ ପୁଲିସ୍‌ର ଅନ୍ୟାୟ–ଅନୀତି ବ୍ୟତୀତ ରଣପୁର କୋର୍ଟ କଚେରୀରେ ବିଚାର ଅଦ୍ଭୁତ ପ୍ରକାରର ଥିଲା। ଦେୱାନ୍‌ଙ୍କ କୋର୍ଟ ରାତିରେ ହୁଏ । ସେତେବେଳର ରଣପୁରୀ ଯୋଡ଼ ଓ ପଞ୍ଜାବୀ ପିନ୍ଧି, ମଲ୍ଲୀଫୁଲମାଳ ବେକରେ ପକାଇ ଓ ହାତରେ ବାନ୍ଧି ଦେୱାନ୍ ସାହେବ ତାଙ୍କ ଇଜ୍‌ଲାସରେ ସାକ୍ଷ୍ୟ ପ୍ରମାଣ ନିଅନ୍ତି । ପୂର୍ବରୁ ମୁଦାଲା ପାଖରୁ ଉତ୍କୋଚ ଗ୍ରହଣ କରିଥିବା ଦେୱାନ୍‌ଙ୍କ ନିର୍ଦ୍ଦେଶମତେ ଖୋଲା କଚେରୀ ଇଜ୍‌ଲାସରେ ମୁଦେଇ ଓ ସାକ୍ଷୀମାନଙ୍କୁ ଭୀଷଣ ମାଡ଼ ହୁଏ । ସେ ଦୃଶ୍ୟ ଦେଖି ଅପେକ୍ଷା କରିଥିବା ଅନ୍ୟାନ୍ୟ ସାକ୍ଷୀମାନେ ଲୁଚି ପଳେଇ ଯାଆନ୍ତି। ଜମାନବନ୍ଦୀ ଲେଖା ନ ହୋଇ ତୁଣ୍ଡେ ତୁଣ୍ଡେ ରାୟ ଶୁଣାହୁଏ। ଫଳରେ ପ୍ରକୃତ ନ୍ୟାୟ– ବିଚାରରୁ ପ୍ରଜାମାନେ ବଂଚିତ ହେଉଥିଲେ। ପ୍ରଜାମାନଙ୍କର ଗଛ ଓ ମାଛଉପରେ ଅଧିକାର ନ ଥିଲା। କିନ୍ତୁ ସମସ୍ତ ସରକାରୀ ଜାଗାରେ ଥିବା ଫଳନ୍ତି ଗଛ ଯଥା– ଆମ୍ବ, ପଣସ, ନଡ଼ିଆ ଏବଂ ପୋଖରୀମାନଙ୍କର ରକ୍ଷଣାବେକ୍ଷଣ ଗ୍ରାମବାସୀଙ୍କ ଉପରେ ନ୍ୟସ୍ତ ଥିଲା। ଗାଁ ତୋଟାର ସମସ୍ତ ଆମ୍ବ ରାଜାଙ୍କ ଉଆସ ପର୍ଯ୍ୟନ୍ତ ଆସୁଥିଲା। ତାହା ରାଜାଙ୍କର ଅନୁଗୃହୀତ ପ୍ରଜା ଓ ରାଜକର୍ମଚାରୀମାନେ ବାଣ୍ଟି ନେଉଥିଲେ। ବିଭିନ୍ନ ଗାଁ ପୋଖରୀର, ମାଛ ରାଜାଙ୍କ ନାମରେ ଉଆସ ପର୍ଯ୍ୟନ୍ତ ଆସି କର୍ମଚାରୀମାନଙ୍କ ଘରକୁ ମଧ୍ୟ ଯାଉଥିଲା। ରାଜା ପ୍ରତିଦିନ ପାରିଧିକୁ ଯାଇ ଏକାଧିକ ହରିଣ, ସମ୍ବର ପ୍ରଭୃତି ବନ୍ୟଜନ୍ତୁ ଶିକାର କରି ଆଣୁଥିଲେ ମଧ୍ୟ ନିଜ ପାଇଁ ଦୁଇ ତିନି କେ.ଜି. ମାଂସରୁ ଅଧିକ ଆବଶ୍ୟକ କରୁନଥିଲେ ଏବଂ ଅବଶିଷ୍ଟ ମାଂସ କେବଳ ବାଣ୍ଟିବାରେ ଯାଉଥିଲା। ପ୍ରଜାମାନେ ଘର ତିଆରି ନିମନ୍ତେ ନିଜ କୋବଲିୟତ୍ ଜାଗାରୁ ପଥର କାଟି ବ୍ୟବହାର କରିବା ନିଷିଦ୍ଧ ଥିଲା। ନିଜ ରୁଚି ଅନୁସାରେ ଗୃହନିର୍ମାଣ, କୋଠାଘର, ଘୋଷରା ପାହାଚ, ଯାଉଁଳି କବାଟ ଓ ଚାନ୍ଦିନୀମଣ୍ଡପ ଇତ୍ୟାଦି କରିବା ବାରଣ ଥିଲା। ରାଜାଙ୍କ ଭୟରେ ଅଧିକାଂଶ ପ୍ରଜା ଦାଣ୍ଡଘରେ ତାଟି କବାଟ ଲଗାଉଥିଲେ। ସେଥିପାଇଁ ସେତେବେଳେ ପ୍ରବାଦ ଥିଲା, ଯେବେ ଗଡ଼ଜାତେ କରିବୁ ଘର, ଦାଣ୍ଡଘର ଖଣ୍ଡି ଅଛୁଆ କର।

ରଣପୁରରେ ନରବଳି ଏକ ଜଘନ୍ୟ ପ୍ରଥା ଥିଲା। ପ୍ରତିବର୍ଷ ମାଘ ମାସରେ ମଣିନାଗ ଠାକୁରାଣୀଙ୍କ ପାଇଁ ନରବଳି ଦିଆଯାଉଥିଲା। ଏଥିପାଇଁ ରାଜା ଅଣୀଗୋଟି ପରିବାରକୁ ରକ୍ତପଟା ଜାଗିର ଦେଇଥିଲେ। ସେମାନଙ୍କୁ ତଣ୍ଟିକଟା କୁହାଯାଉଥିଲା। ପୌଷ ପୂର୍ଣ୍ଣିମା ଦିନ ଠାକୁରାଣୀଙ୍କ ଠାରେ ଭୋଗ ହୋଇଥିବା ମଣ୍ଡା ଖାଇ ତଣ୍ଟିକଟାମାନେ ଆଉ ଘରକୁ ଫେରନ୍ତି ନାହିଁ। ତଣ୍ଟିକଟାମାନେ ଲୁଚି ଲୁଚି ବଣ ଜଙ୍ଗଲରେ ବୁଲୁଥାନ୍ତି। ଏକୁଟିଆ ଲୋକ ଦେଖିଲେ ତା'ର ତଣ୍ଟି କଣାକରି ଏବଂ ତା'କୁ କୁଦି ଦଳି ତଣ୍ଟିପଟୁ ରକ୍ତ ସଂଗ୍ରହ କରନ୍ତି। ତପ୍ପରେ ସଂଗୃହୀତ ରକ୍ତକୁ ଏକ ବାଉଁଶ ନଳୀ ସାହାଯ୍ୟରେ ନେଇ ଠାକୁରାଣୀଙ୍କୁ ସମର୍ପଣ କରନ୍ତି। ନରବଳି ପ୍ରଥା ଯୋଗୁଁ ମାଘ ମାସ ରଣପୁର ପ୍ରଜାଙ୍କ ମନରେ ଆତଙ୍କସୃଷ୍ଟି କରୁଥିଲା। ଅନ୍ୟ ରାଜ୍ୟ ବା ଖାସମାହାଲର କୌଣସି ଲୋକ ମାଘମାସରେ ରଣପୁର ରାଜ୍ୟରେ ଥିବା ସେମାନଙ୍କ ବନ୍ଧୁବାନ୍ଧବଙ୍କ ଘରକୁ ଆସୁ ନ ଥିଲେ। ଏହି ମାସରେ ଏକାକୀ ଯାତାୟାତ ପ୍ରାୟ ବନ୍ଦ ହୋଇଯାଉଥିଲା। ସମୟ ସମୟରେ ଏଭଳି କେହି କେହି ରାଜାଙ୍କର ଅନୁଗୃହୀତ ପ୍ରଜା ଉକ୍ତ ନରବଳିର ଶିକାର ହେଉଥିଲେ ମଧ୍ୟ ଏହି ଘୃଣ୍ୟ ପ୍ରଥା ୧୯୩୮ ମସିହାରେ ପଲିଟିକାଲ୍ ଏଜେଣ୍ଟ ମେଜର ବେଜଲଗେଟ୍ ମର୍ଡର ପର୍ଯ୍ୟନ୍ତ ପୂରାମାତ୍ରାରେ ଚାଲୁଥିଲା। ଅଦ୍ୟାପି ରଣପୁର ଅଞ୍ଚଳରେ ମା'ମାନେ ପିଲା କାନ୍ଦିଲେ ମାଘମାସିଆ ଆସିଲାଣି ବୋଲି କହି ପିଲାଙ୍କୁ ଡରାଇଥାଆନ୍ତି। ଏହି ତଣ୍ଟିକଟା ବା ମାଘମାସିଆମାନେ ରାତିରେ କୌଣସି ଲୋକର ବାଡ଼ିପଟେ ଟିପା ଖଡ୍ ଖଡ୍ ଶବ୍ଦ କରିଥାନ୍ତି । ଫଳରେ ଗୃହସ୍ଥ କିମ୍ବା ଘରର କେହି ବ୍ୟକ୍ତି, ଅନ୍ୟଲୋକର ଗୋରୁଗାଈ ତାଙ୍କ ବାଡ଼ିରେ ଫସଲ ନଷ୍ଟ କରୁଛି ଭାବି ବ୍ୟକ୍ତ ବାହାରକୁ ଆସିଥାଏ । ବାହାରେ ଲୁଚି ରହିଥିବା ଏହି ତଣ୍ଟିକଟାମାନେ ତା'ର ମୁହଁ ବନ୍ଦ କରି ଜଙ୍ଗଲ ଭିତରକୁ ନେଇଯାନ୍ତି ଏବଂ ତା'ର ତଂଟି କଣାକରି ରକ୍ତ ନେଇ ଠାକୁରାଣୀଙ୍କୁ ସମର୍ପଣ କରିଥାନ୍ତି।


*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*


# ସ୍ମୃତିର ଆଇନାରେ ପ୍ରଃ ପ୍ରଦୀପ୍ତ କିଶୋର ଦାଶ

**■ ପ୍ରଃ ପ୍ରଭାତ କୁମାର ପାଢ଼ୀ ■**

**ଆ**ମ ରାଜ୍ୟ ଓ ଦେଶର ଜଣେ ଅତି ବିଶିଷ୍ଟ ଗବେଷକ, ପ୍ରଶାସକ ଓ ପ୍ରାଧ୍ୟାପକ, ପ୍ରଃ ପ୍ରଦୀପ୍ତ କିଶୋର ଦାଶଙ୍କର ଜୀବନ ଦୀପ ଲିଭିଗଲା ନଭେମ୍ବର୧୮, ୨୦୨୫ରେ । ଆମ ଦେଶର ଶୀର୍ଷ ସ୍ଥାନରେ ଥିବା ବୈଷୟିକ ଅନୁଷ୍ଠାନ, ଏନ୍‌ଆଇଟି ରାଉରକେଲାରେ ସେ ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱକାଳ ପ୍ରଶାସନ, ଅଧ୍ୟାପନା ଓ ଗବେଷଣାରେ ନିମଗ୍ନ ଥାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁପ୍ରତିଷ୍ଠିତ ଗବେଷକ ରୂପେ ଉତ୍କର୍ଷତା ଲାଭ କରିଥିଲେ । ୧୯୬୦ ଦଶକରେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ବାଙ୍ଗାଲୋରରୁ ବୈଦ୍ୟୁତିକ ଇଞ୍ଜିନିୟରିଂରେ ବିଇଏଚ୍‌ଏମ୍‌ଇ ଡିଗ୍ରୀ ଲାଭ କରି ସେ ଆର୍‌ଇସି, ରାଉରକେଲାରେ ଅଧ୍ୟାପନା ଆରମ୍ଭ କରିଥିଲେ । ତାଙ୍କର ଆର୍‌ଇସି, ରାଉରକେଲା ଓ ସୋଆ ବିଶ୍ୱବିଦ୍ୟାଳୟରେ ୬୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଅଧ୍ୟାପନା ଓ ଗବେଷଣାତ୍ମକ ଜୀବନ ମଧ୍ୟରେ, ସେ ଶତାଧିକ ଯୋଗ୍ୟ ଛାତ୍ରଛାତ୍ରୀ ତିଆରି କରିପାରିଥିଲେ, ଯେଉଁମାନେ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଛନ୍ତି । ୭୫ରୁ ଉର୍ଦ୍ଧ୍ୱ ଗବେଷକଙ୍କୁ ପିଏଚ୍‌ଡି ମାର୍ଗଦର୍ଶନ କରି ସେ ଆମ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରୟୋଗାତ୍ମକ କୃତ୍ରିମ ବୁଦ୍ଧିମତାରେ ଉତ୍କଳ ୟୁନିଭରସିଟିରୁ ୨୦୦୩ରେ ସେ ଡି.ଏସ୍‌ସି ଉପାଧି ଲାଭ କରିଥିଲେ ଓ ଆମେରିକା, ୟୁରୋପ, କାନାଡା, ସିଙ୍ଗାପୁର, ମାଲେସିଆରେ ଦଶଟିରୁ ଉର୍ଦ୍ଧ୍ୱ ବିଦେଶୀ ବିଶ୍ୱବିଦ୍ୟାଳୟରେ ପରିଦର୍ଶକ ପ୍ରଫେସର ରୂପେ କାର୍ଯ୍ୟ କରିବାର ସୁଯୋଗ ପାଇବାରେ ସେ ଥିଲେ ପ୍ରଥମ ଓଡିଆ ବୈଜ୍ଞାନିକ ।



୧୮.୭.୨୦୦୭ରୁ ୨୯.୨.୨୦୦୮ ପର୍ଯ୍ୟନ୍ତ ଆମ ରାଜ୍ୟର ବିଶିଷ୍ଟ ଶିକ୍ଷା ପ୍ରେମୀ ଓ ଉଦ୍ୟୋଗୀ, ପ୍ରଃ ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ରୂପେ ଅଧିଷ୍ଠିତ ହୋଇ ଜଣେ ସଫଳ ପ୍ରଶାସକର ପରିଚୟ ସେ ସୃଷ୍ଟି କରିପାରିଥିଲେ । ଆର୍‌ଇସି, ରାଉରକେଲାରେ ନିଜର ଅନୁଜ ପ୍ରତିମ ପ୍ରାଧ୍ୟାପକ, ପ୍ରଃ ଗଣପତି ପଣ୍ଡାଙ୍କ ସହିତ ଯୁଗ୍ମ ଗବେଷକ ରୂପେ, ସେ ପଚାଶରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶ କରିଛନ୍ତି । ୫୨୦ରୁ ଉର୍ଦ୍ଧ୍ୱ ଗବେଷଣା ପତ୍ର ପ୍ରକାଶ କରି ସେ ଆମ ରାଜ୍ୟରେ ରେକର୍ଡ ପ୍ରତିଷ୍ଠା କରିଛନ୍ତି, ଯାହାକି ଭବିଷ୍ୟତରେ ଏହି ରେକର୍ଡ ଭାଙ୍ଗିବା ସମ୍ଭବ ହୋଇନପାରେ । ଜାତୀୟ ଇଂଜିନିୟରିଂ ଏକାଡେମୀର ଜଣେ ବରିଷ୍ଠ ସହଯୋଗୀ, ପ୍ରଃ ଦାଶ ଓଡିଶା ସରକାରଙ୍କ ତରଫରୁ ନିଜର ଉଚ୍ଚତମ ଗବେଷଣା ପାଇଁ ସାମନ୍ତ ଚନ୍ଦ୍ରଶେଖର ଆୱାର୍ଡ ଓ ବିଜୁ ପଟ୍ଟନାୟକ ଆୱାର୍ଡ ଲାଭ କରିଥିଲେ । ପ୍ରଃ ଦାଶଙ୍କ ସହିତ ମୋର ସମ୍ପର୍କ ୧୯୮୭ ରେ ଆରମ୍ଭ ହୋଇଥିଲା ଆର୍‌ଇସି ରାଉରକେଲାରେ ମୋର ଛାତ୍ର ଜୀବନରୁ ଓ ତାହା ଶେଷ ପର୍ଯ୍ୟନ୍ତ ଅତୁଟ ରହିଥିଲା । ଜଣେ ପ୍ରଖ୍ୟାତ ପ୍ରାଧ୍ୟାପକ , ଗବେଷକ, ପ୍ରଶାସକ ଓ ସୁଲେଖକ ରୂପେ ସେ ତାଙ୍କର ଛାତ୍ରଛାତ୍ରୀ, ଶୁଭେଚ୍ଛୁ ଓ ବନ୍ଧୁ ପରିଜନଙ୍କ ସ୍ମୃତିର ଆଇନାରେ ଚିରଦିନ ପାଇଁ ଅବସ୍ଥାନ କରି ନିଜର ପ୍ରେରଣା ଓ ଶୁଭେଚ୍ଛା ଜାରି ରଖିବେ, ଏଥିରେ ସନ୍ଦେହ ନାହିଁ । ପ୍ରଃ ଦାଶଙ୍କର ଅମର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଲୀନ ହେଉ, ଏହାହିଁ ଆଜି ଦିନରେ ମୋର ଶ୍ରଦ୍ଧାଞ୍ଜଳି ।


*ମୋ. ୯୪୩୭୧୭୬୮୮୯*


# ଆମ୍ବେଦକର ନା ବିଏନ୍ ରାୟ? ସମ୍ବିଧାନର ଭିତର କଥା

**■ ଗୋପାଳ ମହାପାତ୍ର ■**

**ଭା**ରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହେଉଛି ନଭେମ୍ବର ୨୬ ତାରିଖ। ୧୯୪୯ ମସିହାର ଏହି ଦିନରେ ସମ୍ବିଧାନ ସଭା ଭାରତର ସମ୍ବିଧାନକୁ ଅଙ୍ଗୀକୃତ କରିଥିଲା। ସମ୍ବିଧାନର ଏହି ଦସ୍ତାବେଜ କେବଳ ଏକ ଆଇନ୍ ଢାଞ୍ଚା ନୁହେଁ ବରଂ ଏହା ଏକ ଜୀବନ୍ତ ଦର୍ଶନ ଅଟେ ଯାହା ସ୍ୱତନ୍ତ୍ରତା, ସମାନତା ଏବଂ ନ୍ୟାୟର ପ୍ରତୀକ। ଏ ପ୍ରସଙ୍ଗରେ ସମୟ ସହ ତାଳ ମିଳାଇ ଅନେକ କଥାକୁ ନେଇ ବିମର୍ଷ ଆରମ୍ଭ ହୋଇଯାଇଛି। ବିମର୍ଷ ହେଉଛି ଏହି ସମ୍ବିଧାନର ବାସ୍ତବିକ ପ୍ରଣେତା କିଏ? ସମ୍ବିଧାନ କ'ଣ କେବଳ ଡ଼କ୍ଟର ଭୀମରାଓ ଆମ୍ବେଦକରଙ୍କର ରଚନା ଥିଲା ନା ଏହା ପଛରେ ବି.ଏନ୍.ରାଓଙ୍କ ଭଳି ମୌନ ପରନ୍ତୁ ନିର୍ଣ୍ଣୟକ ବ୍ୟକ୍ତିତ୍ୱଙ୍କ ଭୂମିକା ଅଧିକ ଥିଲା? ସମ୍ବିଧାନ ପ୍ରଣୟନର କାହାଣୀ ୧୯୪୭ରେ ଆରମ୍ଭ ହୋଇ ନଥିଲା। ଏହାର ମୂଳ ଅତି ଗଭୀର ଅଟେ। ଏଥିରେ ୧୯୧୯ରେ ମଣ୍ଟେଗ୍ୟୁ ଚେମ୍ସଫୋର୍ଡଙ୍କ ବ୍ୟବସ୍ଥା ଠାରୁ ନେଇ ୧୯୩୫ର ଭାରତ ସରକାର ଅଧିନିୟମ ପର୍ଯ୍ୟନ୍ତର କଥା ରହିଛି। ଏସବୁ କାରଣରୁ ପ୍ରଥମେ ଭାରତରେ ସଂଘୀୟ ଶାସନର ଅବଧାରଣା ଜନ୍ମ ନେଇଥିଲା।

ସେ ସମୟରେ ଜଣଙ୍କ ନାମ ଶୁଣାଯାଉଥିଲା– ସାର ବିନୋଦ ବିହାରୀ ନାରାୟଣ ରାଓ ଯାହାଙ୍କୁ ପରେ ବିଏନ୍ ରାଓ ଭାବେ ସମସ୍ତେ ଜାଣିଥିଲେ। ବ୍ରିଟିଶ ପ୍ରଶାସନରେ ଉଚ୍ଚ ନ୍ୟାୟିକ ଏବଂ ସାମ୍ବିଧାନୀକ ପଦରେ କାର୍ଯ୍ୟ କରିଥିବା ବିଏନ୍ ରାଓ ଭାରତୀୟ ପ୍ରଶାସନିକ ଢାଞ୍ଚାକୁ ବିକଶିତ କରିଥିଲେ। ୧୯୩୦ ଦଶକରେ ଯେତେବେଳେ ଦ୍ୱିତୀୟ ଗୋଲଟେବୁଲ ବୈଠକ ହୋଇଥିଲା। ସେତେବେଳେ ଭାରତରେ ସ୍ୱଶାସନର ଦିଗ ସ୍ପଷ୍ଟ ହୋଇଯାଇଥିଲା। ୧୦୩୨ ମସିହାରେ ବିଏନ୍‌ରାଓଙ୍କୁ ଔପଚାରିକ ଭାବେ ସମ୍ବିଧାନ ପ୍ରଣୟନର ପ୍ରାରମ୍ଭିକ ପ୍ରସ୍ତୁତିରେ ସାମିଲ କରାଯାଇଥିଲା। ଦିଲ୍ଲୀରେ ତାଙ୍କ ନେତୃତ୍ୱରେ 'ସମ୍ବିଧାନ ପ୍ରଣୟନ ବା ନିର୍ମାଣ କାର୍ଯ୍ୟାଳୟ' ସ୍ଥାପନ କରାଯାଇଥିଲା। ୧୯୪୪ରେ ତାଙ୍କୁ ସମ୍ବିଧାନ ପରାମର୍ଶଦାତା ଏବଂ ୧୯୪୬ରେ ତାଙ୍କୁ ମୁଖ୍ୟ ସାମ୍ବିଧାନିକ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କର କାର୍ଯ୍ୟଥିଲା ସେ ପର୍ଯ୍ୟନ୍ତ ହୋଇଥିବା ସବୁ ସାମ୍ବିଧାନିକ ବୁଝାମଣା, ବ୍ରିଟିଶ ଆଇନ୍, ପ୍ରାନ୍ତିୟ ବିଧାନମଣ୍ଡଳର ରିପୋର୍ଟ ଏବଂ ଭାରତୀୟ ନେତା ମାନଙ୍କ ପରାମର୍ଶକୁ ସଙ୍କଳିତ କରି ଏକ ଆଧାରଭୂତ ପ୍ରାରପ ପ୍ରସ୍ତୁତ କରିବା ।

୧୯୪୬ ମସିହା ଜୁଲାଇ ୧୪ ତାରିଖରେ ଯେତେବେଳେ ସମ୍ବିଧାନ ସଭାର ଗଠନ ପାଇଁ ବିଧିବଦ୍ଧ ଘୋଷଣା କରାଗଲା। ସେତେବେଳକୁ ବିଏନ୍ ରାୟ ତାଙ୍କ କାର୍ଯ୍ୟାଳୟରେ ସମ୍ବିଧାନର ଅନେକ ବ୍ୟବସ୍ଥା ଏବଂ ଆଇନ୍ ପରାମର୍ଶ ସବୁକୁ ଏକାଠି କରି ସାରିଥିଲେ। ଏହାର ପରିଣାମ ସ୍ୱରପ ଶ୍ରୀ ରାୟ ୧୯୪୭ ମସିହା ଅକ୍ଟୋବର ୩୦ ତାରିଖରେ ସମ୍ବିଧାନର ପ୍ରାରମ୍ଭିକ ସ୍ୱରପ ପ୍ରସ୍ତୁତ କରି ସମ୍ବିଧାନ ସଭାକୁ ଦେଇଥିଲେ। ଶ୍ରୀ ରାୟ ପ୍ରସ୍ତୁତ କରିଥିବା ପ୍ରାରମ୍ଭିକ ସ୍ୱରପ ପରବର୍ତ୍ତୀ ସମୟରେ ସମ୍ବିଧାନର ଆଧାର ପାଲଟିଥିଲା। ଇତି ମଧ୍ୟରେ ରାଜନୈତିକ ଘଟଣାକ୍ରମ ବଦଳିଯାଇଥିଲା। ୧୯୪୬ ସମ୍ବିଧାନ ସଭାର ନିର୍ବାଚନ ହୋଇଥିଲା। ଡ଼କ୍ଟର ଆମ୍ବେଦକର ସେ ସମୟରେ ଜଣେ ପ୍ରସିଦ୍ଧ ଓକିଲ ଏବଂ ଦଳିତ ଅଧିକାରର ସମର୍ଥକ ଭାବେ ପରିଚିତ ଥିଲେ କିନ୍ତୁ ମହାରାଷ୍ଟ୍ରରେ ନିର୍ବାଚନ ହାରି ଯାଇଥିଲେ। କିନ୍ତୁ ଲର୍ଡ ବାବେନଲ ଓ ପରେ ଲର୍ଡ ମାଉଣ୍ଟବାଟେନଙ୍କ ପରାମର୍ଶ ପରେ ନେହେରୁ ଏବଂ କଂଗ୍ରେସ ନେତୃତ୍ୱ ଆମ୍ବେଦକରଙ୍କ ଭଳି ବିଦ୍ୱାନଙ୍କୁ ସମ୍ବିଧାନ ସଭାରେ ସାମିଲ କରିବା ପାଇଁ ରାଜି ହୋଇଥିଲେ। ବଙ୍ଗଳାର ମୁସଲିମ ଲିଗ୍ ମଧ୍ୟ ଆମ୍ବେଦକରଙ୍କୁ ସମର୍ଥନ କରିଥିଲା ଫଳରେ ୧୯୪୭ ଜୁଲାଇ ମାସରେ ସମ୍ବିଧାନ ସଭାରେ ତାଙ୍କୁ ସାମିଲ କରାଯାଇଥିଲା। ୧୯୪୭ ମସିହା ଅଗଷ୍ଟ ୨୯ ତାରିଖରେ ସମ୍ବିଧାନ ସଭା ଏକ ଡ୍ରାଫ୍ଟିଙ୍ଗ୍ କମିଟି ଗଠନ କରିଥିଲେ ଓ ଆମ୍ବେଦକରଙ୍କୁ ଏହି କମିଟିର ଅଧକ୍ଷ କରାଯାଇଥିଲା। ବିଏନ୍ ରାୟଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାରପର ପୁନଃ ନୀରିକ୍ଷଣ କରି ତାକୁ ଅନ୍ତିମ ରୂପ ଦେବା ଥିଲା ଡ୍ରାଫ୍ଟିଙ୍ଗ କମିଟିର କାର୍ଯ୍ୟ । ବିଏନ୍ ରାୟ ସେ ସମୟରେ କମିଟିର ପରାମର୍ଶ ଦାତା ଥିଲେ। ଏହାହିଁ ହେଉଛି ସେଇ ବିନ୍ଦୁ ଯେଉଁଠାରୁ ଆମ୍ବେଦକରଙ୍କ ଭୂମିକା ନିର୍ଣ୍ଣାୟକ ଭାବେ ସାମନାକୁ ଆସିଥିଲା ।

ଡ଼କ୍ଟର ଆମ୍ବେଦକରଙ୍କର ସବୁଠାରୁ ବଡ଼ ଯୋଗଦାନ ହେଉଛି ଯେ ସେ ବିଏନ୍ ରାୟଙ୍କ ପ୍ରାରପକୁ କେବଳ ଆଇନ୍‌ର ଦସ୍ତାବେଜ୍ ଭାବେ ରହିବାକୁ ନଦେଇ ସେଥିରେ ସାମାଜିକ ନ୍ୟାୟ ଏବଂ ମାନବଧିକାର ଭାବନାକୁ ମିଶାଇ ଦେଇଥିଲେ । ସମ୍ବିଧାନର ଅନୁଚ୍ଛେଦ ୧୨ ରୁ ୩୫ ପର୍ଯ୍ୟନ୍ତର ସ୍ୱରପ ଆମ୍ବେଦକରଙ୍କ ଦୃଷ୍ଟିକୋଣର ପ୍ରଭାବ। ସମାନତା, ସ୍ୱତନ୍ତ୍ରତା, ଶୋଷଣକୁ ବିରୋଧ କରିବାର ଅଧିକାର ଧାର୍ମିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ଉପଚାର ଭଳି ପ୍ରାବଧାନ ଆମ୍ବେଦକଙ୍କ ସମାଜବାଦୀ ଦୃଷ୍ଟିକୋଣ ସହ ଜଡିତ। ଯଦିଓ କେତେକ ମୌଳିକ ବିଚାର ଏବଂ ସଂସ୍ଥାଗତ ଢାଞ୍ଚା ଯଥା– ସୁପ୍ରିମ୍‌କୋର୍ଟ, ହାଇକୋର୍ଟ, ସଂଘୀୟ ଢାଞ୍ଚା, ନୀତି ନିର୍ଦ୍ଦେଶକ ତତ୍ୱ ଆଦି ପୂର୍ବରୁ ସମ୍ବିଧାନ ସଭାରେ ଚର୍ଚ୍ଚା ପାଇଁ ଉପସ୍ଥାପନ କରାଯାଇଥିଲା କିନ୍ତୁ ଆମ୍ବେଦକର ସେ ସବୁକୁ ବ୍ୟବହାରିକ ଏବଂ ଭାରତୀୟ ସାମାଜିକ ସଂରଚନାର ଅନୁରୂପ ପ୍ରସ୍ତୁତ କରିଥିଲେ। ଏହି କାରଣରୁ ସମ୍ବିଧାନକୁ ଏକ ଜୀବନ୍ତ ଦସ୍ତାବେଜ କୁହାଯାଏ ।

ବିଏନ୍ ରାଓ ଏବଂ ଆମ୍ବେଦକରଙ୍କ ଭୂମିକା ପରସ୍ପର ପୂରକ ଥିଲା କିନ୍ତୁ ଆମ୍ବେଦକରଙ୍କ ଦୃଷ୍ଟିଭଙ୍ଗୀ ସାମାଜିକ ଏବଂ ସୁଧାବାଦୀ ଥିଲା। ବିଏନ୍ ରାଓ ସମ୍ବିଧାନର ମୂଳଦୁଆ ପକାଇଥିଲେ ଆମ୍ବେଦକର ତାକୁ ସଂପୂର୍ଣ୍ଣ କରିଥିଲେ। ଏହି ସନ୍ତୁଳନ କାରଣରୁ ଭାରତୀୟ ସମ୍ବିଧାନ ଅଦ୍ୱିତୀୟ ଅଟେ। ଏକଥା ମଧ୍ୟ ସତ୍ୟ ଯେ ସମ୍ବିଧାନର ଉଦେଶ୍ୟ ପ୍ରସ୍ତାବ (ପରେ ଏହାକୁ ପ୍ରସ୍ତାବନା/ପ୍ରିୟାମ୍ବୁଲ କୁହାଗଲ।) ୧୯୪୭ ମସିହା ଜାନୁୟାରୀ ମାସରେ ସମ୍ବିଧାନ ସଭା ଦ୍ୱାରା ଗୃହୀତ କରାଯାଇ ସାରିଥିଲା। ସେଥିରେ ଭାରତକୁ 'ସଂପୂର୍ଣ୍ଣ ପ୍ରଭୁତ୍ୱ ସମ୍ପନ୍ନ ଲୋକତନ୍ତ୍ରାତ୍ମକ ଗଣରାଜ୍ୟ' ଘୋଷିତ କରିବାର ଭାବନା ଥିଲା। ଏହିଭଳି ମୌଳିକ ଅଧିକାର ପ୍ରସଙ୍ଗରେ ୧୯୪୭ ମସିହା ଜୁନ ମାସରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। କିନ୍ତୁ ଏହାକୁ ବ୍ୟବହାରିକ ରପ ଦେଇଥିଲା ଡ୍ରାଫ୍ଟିଙ୍ଗ୍ କମିଟି । ଦେଶ ସ୍ୱାଧୀନ ହେବାପରେ ଯେତେବେଳେ ସମ୍ବିଧାନ ଲାଗୁ ହେଲା ସେତେବେଳେ ଦୁନିଆ ଦେଖିଲା ଯେ ଏକବିବିଧ, ବହୁଭାଷି ଓ ବହୁଧର୍ମୀ ଦେଶ ଏକ ସାମ୍ବିଧାନିକ ଢାଞ୍ଚା ଭିତରେ ଏକଜୁଟ ହୋଇ ରହିଯାଇଛି। ଏହି ଉପଲବ୍ଧି କୌଣସି ଜଣେ ବ୍ୟକ୍ତିର ନଥିଲା– ଏହି ଉପଲବ୍ଧି ସେଇ ୨୯୯ ସଦସ୍ୟଙ୍କର ଥିଲା ଯେଉଁମାନେ ସମ୍ବିଧାନ ସଭାରେ ବସି ୨ବର୍ଷ ୧୧ ମାସ ୧୮ ଦିନ ଏସବୁ ପ୍ରସଙ୍ଗରେ ବିଚାର ବିମର୍ଷ କରିଥିଲେ। ଏକଥା ମଧ୍ୟ ସତ୍ୟ ଯେ ବିଏନ୍‌ରାୟଙ୍କ ବିନା ସମ୍ବିଧାନର ବୁନିଆଦି ଢାଞ୍ଚା ଅସ୍ତିତ୍ୱକୁ ଆସି ପାରି ନଥାନ୍ତା ଏବଂ ଆମ୍ବେଦକରଙ୍କ ବିନା ଏହି ଢାଞ୍ଚା ଆତ୍ମାହୀନ ହୋଇ ରହିଯାଇଥାନ୍ତା।

ଇତିହାସରେ ଅନେକ ସମୟରେ ଏମିତି ଘଟଣା ମଧ୍ୟ ଘଟିଥାଏ ଯେ ରାଜନୈତିକ ପ୍ରତୀକ କୌଣସି ବୌଦ୍ଧିକ ଯୋଗଦାନକୁ ଚାପି ଦେଇଥାଏ। ଆମ୍ବେଦକର ଜଣେ ଜନନାୟକ ଥିଲେ। ଏଣୁ ସ୍ୱାଭାବିକ ଭାବେ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଏନ୍ ରାୟଙ୍କ ଯୋଗଦାନ ମୌନ ଥିଲା କିନ୍ତୁ ଗଭୀର ଏବଂ ନିର୍ଣ୍ଣାୟକ ମଧ୍ୟ ଥିଲା । ଏଣୁ ଏ ଦୁଇ ଜଣଙ୍କ ମଧ୍ୟରୁ କାହାରିକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ଭାରତୀୟ ସମାଜ ସମ୍ବିଧାନ ପ୍ରଣୟନର କାହାଣୀକୁ କେବଳ ବ୍ୟକ୍ତି ପୂଜା ଦୃଷ୍ଟିରେ ନଦେଖି ଏକ ସଂସ୍ଥାଗତ ଏବଂ ବୌଦ୍ଧିକ ପ୍ରକ୍ରିୟା ଭାବେ ଦେଖିବା ଉଚିତ। ସମ୍ବିଧାନ କୌଣସି ଜଣେ ବ୍ୟକ୍ତିର ନୁହେଁ ବରଂ ଭାରତର ସାମୁହିକ ଚେତନାର ପରିଣାମ– ସେଇ ଚେତନାର ଯାହା ପରାଧିନତା ପରେ ଗଣତନ୍ତ୍ରର ସ୍ୱପ୍ନ ଦେଖିଥିଲା ଏବଂ ତାକୁ ବାସ୍ତବିକତାରେ ପରିଣତ କରାଇଥିଲା। ଯଦି ଆମେ ଆଜି ନିଜକୁ ସ୍ୱାଧିନ ଭାରତର ଲୋକ ବୋଲି କହୁଛେ, ସମାନତା ଏବଂ ସ୍ୱତନ୍ତ୍ରତାର କଥା କହୁଛେ ଏସବୁ ହେଉଛି ସମ୍ବିଧାନ ସଭାର ସଦସ୍ୟ ମାନଙ୍କର କାର୍ଯ୍ୟ। ଆମେ ଏ ସମସ୍ତଙ୍କୁ ପ୍ରଣାମ କରିବା ଯେଉଁମାନେ ଏସବୁକୁ ସମ୍ଭବ କରାଇଥିଲେ। ବିଏନ ରାଓଙ୍କ ଗଭୀର ଜ୍ଞାନ ଡ଼କ୍ଟର ଆମ୍ବେଦକରଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ରାଜନୈତିକ ଦୁରଦର୍ଶୀତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସାଂଗଠନିକ ଦକ୍ଷତା– ଏସବୁ ହେଉଛି ସମ୍ବିଧାନ ରୂପକ ବିରାଟ ବୃକ୍ଷର ମୂଳ। ଇତିହାସ ସେତେବେଳେ ନ୍ୟାୟ କରିଥାଏ ଯେତେବେଳେ ସେ ସଂପୂର୍ଣ୍ଣ ସତ୍ୟକୁ ଦେଖିଥାଏ। ବିଏନ ରାଓ ଏବଂ ଡ଼କ୍ଟର ଆମ୍ବେଦକର ଉଭୟେ ଏହି ଇତିହାସର ଅପରିହାର୍ଯ୍ୟ ଅଧ୍ୟାୟ– ଜଣେ ସମ୍ବିଧାନର ପ୍ରାରପ ପ୍ରସ୍ତୁତ କରିଥିଲେ ଓ ଆଉଜଣେ ସେଥିରେ ଆତ୍ମା ଭରି ଦେଇଥିଲେ ।


*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର   ୨୬ ନଭେମ୍ବର ୨୦୨୫ ବୁଧବାର   ପୃଷ୍ଠା ୫





# ସମ୍ବିଧାନ ଦିବସର ଗୁରୁତ୍ୱ

ଭାରତର ଗଣତାନ୍ତ୍ରିକ ଯାତ୍ରାରେ ନଭେମ୍ବର ୨୬ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ୧୯୪୯ ମସିହାରେ ଏହି ଦିନ ସମ୍ବିଧାନ ସଭା ଆନୁଷ୍ଠାନିକ ଭାବରେ ଭାରତର ସମ୍ବିଧାନକୁ ଗ୍ରହଣ କରିଥିଲା, ଏକ ଦଲିଲ୍ ଯାହା ଜାନୁଆରୀ ୨୬, ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା । ସମ୍ବିଧାନ ଦିବସ, ଯାହାକୁ ସମ୍ବିଧାନ ଦିବସ ଭାବରେ ମଧ୍ୟ ଜଣାଯାଏ, କେବଳ ଏକ ଉତ୍ସବ ନୁହେଁ ଏହା ସମ୍ବିଧାନରେ ନିହିତ ମୂଲ୍ୟବୋଧ– ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ସ୍ମରଣ କରାଏ । ଏହା ଡକ୍ଟର ବି.ଆର. ଆମ୍ବେଦକରଙ୍କ ନେତୃତ୍ୱରେ ପ୍ରଣେତାଙ୍କ ଦୃଷ୍ଟିକୋଣ ଉପରେ ପ୍ରତିଫଳିତ କରିବାର ଏକ ଦିନ, ଯିଏ ଏକ ଢାଞ୍ଚା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ଯାହା ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବ, ଅନୁଷ୍ଠାନ ମଧ୍ୟରେ କ୍ଷମତା ସନ୍ତୁଳିତ କରିବ ଏବଂ ନେତାଙ୍କ ଦାୟିତ୍ୱ ସୁନିଶ୍ଚିତ କରିବ । ଏହି ଦିନଟି ସାମ୍ବିଧାନିକ ନୈତିକତାରେ ବିଶ୍ୱାସକୁ ନବୀକରଣ କରିବା, ନାଗରିକ ଏବଂ ନେତା ଉଭୟଙ୍କୁ ମନେ ପକାଇବା ପାଇଁ ଉଦ୍ଦିଷ୍ଟ ଯେ ସମ୍ବିଧାନ ଏକ ସ୍ଥିର ପାଠ୍ୟ ନୁହେଁ ବରଂ ଭାରତର ଗଣତାନ୍ତ୍ରିକ ପରୀକ୍ଷଣକୁ ମାର୍ଗଦର୍ଶନ କରୁଥିବା ଏକ ଜୀବନ୍ତ ଦଲିଲ ।

ସମ୍ବିଧାନ ଦିବସର ଗୁରୁତ୍ୱ ଏହାର ପ୍ରତୀକାତ୍ମକ ଶକ୍ତିରେ ନିହିତ । ଏହା ଆଇନର ଶାସନ, ଧର୍ମନିରପେକ୍ଷତା ଏବଂ ବହୁଳବାଦ ପ୍ରତି ଭାରତର ପ୍ରତିବଦ୍ଧତାର ପୁନର୍ନିର୍ମାଣ । ଭାରତ ଭଳି ବିବିଧ ଦେଶରେ, ସମ୍ବିଧାନ ଏକ ସାଧାରଣ ଗଣତାନ୍ତ୍ରିକ ଢାଞ୍ଚା ଅଧୀନରେ ସମ୍ପ୍ରଦାୟ, ଭାଷା ଏବଂ ଧର୍ମକୁ ଏକତ୍ର ବାନ୍ଧି ରଖିବା ପାଇଁ ଏକ ଅଠା ପ୍ରଦାନ କରେ । ଏହା ଏକ ସ୍ୱେଚ୍ଛାଚାରୀ ଆବେଗ ବିରୁଦ୍ଧରେ ଏକ ସୁରକ୍ଷା, ଏହା ନିଶ୍ଚିତ କରେ ଯେ କୌଣସି ନେତା କିମ୍ବା ଦଳ ନାଗରିକଙ୍କ ମୌଳିକ ଅଧିକାରକୁ ଅଣଦେଖା କରିପାରିବେ ନାହିଁ । ତେଣୁ ନଭେମ୍ବର ୨୬ ପାଳନ କରିବା କେବଳ ଇତିହାସକୁ ମନେ ରଖିବା ନୁହେଁ ବରଂ ବର୍ତ୍ତମାନକୁ ରକ୍ଷା କରିବା ଏବଂ ଭବିଷ୍ୟତକୁ ଗଠନ କରିବା ବିଷୟରେ । ଏହା ଏକ ସ୍ମରଣକାରୀ ଯେ ଗଣତନ୍ତ୍ର ପାଇଁ ସତର୍କତା ଆବଶ୍ୟକ ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସକ୍ରିୟ ଭାବରେ ସୁରକ୍ଷିତ ରଖିବା ଆବଶ୍ୟକ । ତଥାପି, ସମସାମୟିକ ରାଜନୈତିକ ପରିବେଶ ଏହି ମୂଲ୍ୟବୋଧଗୁଡ଼ିକୁ କେତେ ବିଶ୍ୱସ୍ତ ଭାବରେ ପାଳନ କରାଯାଉଛି ସେ ବିଷୟରେ ଚିନ୍ତାଜନକ ପ୍ରଶ୍ନ ଉଠାଏ । ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଅନେକ ବର୍ତ୍ତମାନର ରାଜନୈତିକ ନେତା ସମ୍ବିଧାନର ଆତ୍ମାକୁ ଉଲ୍ଲଂଘନ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସାଂଗଠନିକ ସ୍ୱାଧୀନତାର କ୍ଷୟ । ସମ୍ବିଧାନ ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ କ୍ଷମତାର ପୃଥକୀକରଣକୁ କଳ୍ପନା କରେ । ତଥାପି, ସାମ୍ପ୍ରତିକ ବର୍ଷଗୁଡ଼ିକରେ, କାର୍ଯ୍ୟପାଳିକାର ଅଧିକୃତ ହେବାର ବାରମ୍ବାର ଅଭିଯୋଗ ଆସିଛି, ଯେଉଁଠାରେ ସରକାର ନ୍ୟାୟିକ ନିଯୁକ୍ତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି, ସଂସଦୀୟ ବିତର୍କକୁ ଦୁର୍ବଳ କରନ୍ତି, କିମ୍ବା ନିର୍ବାଚନ କମିଶନ ଭଳି ସ୍ୱାୟତ୍ତ ସଂସ୍ଥାଗୁଡ଼ିକୁ ଦୁର୍ବଳ କରନ୍ତି । ଏହା ସମ୍ବିଧାନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଶକ୍ତିର ନାଜୁକ ସନ୍ତୁଳନକୁ ଦୁର୍ବଳ କରେ । ଚିନ୍ତାର ଆଉ ଏକ କ୍ଷେତ୍ର ହେଉଛି ସଂଘୀୟତାକୁ ଦୁର୍ବଳ କରିବାଛ ସମ୍ବିଧାନ ଭାରତର ବିବିଧତା ଏବଂ ବିକେନ୍ଦ୍ରୀକରଣ ଶାସନର ଆବଶ୍ୟକତାକୁ ସ୍ୱୀକାର କରି ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ କ୍ଷମତା ପ୍ରଦାନ କରେ । ତଥାପି, ଅନେକ ରାଜ୍ୟ ସରକାର କେନ୍ଦ୍ର ସରକାର ଆର୍ଥିକ ନିୟନ୍ତ୍ରଣ, ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ରାଜ୍ୟ ବ୍ୟାପାରରେ ହସ୍ତକ୍ଷେପ କରିବା ପାଇଁ ବ୍ୟବହାର କରୁଥିବା ଅଭିଯୋଗ କରନ୍ତି । ଏହା କେବଳ ସହଯୋଗ ସଂଘୀୟତାର ଭାବନାକୁ ଉଲ୍ଲଂଘନ କରେ ନାହିଁ ବରଂ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଅବିଶ୍ୱାସର ପରିବେଶ ସୃଷ୍ଟି କରେ । ଏହି ପରିପ୍ରେକ୍ଷୀରେ, ସମ୍ବିଧାନ ଦିବସ ଏକ ସ୍ମରଣକାରୀ ହୋଇଯାଏ ଯେ ସଂଘୀୟତା ଏକ ରିହାତି ନୁହେଁ ବରଂ ଭାରତର ଏକତାର ଏକ ମୂଳଦୁଆ । ଅନୁଚ୍ଛେଦ ୧୯ ଅନୁଯାୟୀ ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା, ଅନ୍ୟ ଏକ କ୍ଷେତ୍ର ଯେଉଁଠାରେ ଉଲ୍ଲଂଘନ ବାରମ୍ବାର




ଅଭିଯୋଗ କରାଯାଏ । ସାମ୍ବାଦିକ, କର୍ମୀ ଏବଂ ବିରୋଧୀ ନେତାମାନେ ପ୍ରାୟତଃ ସରକାରଙ୍କୁ ସମାଲୋଚନା କରିବା ପାଇଁ ଧମକ, ନଜର ରଖିବା କିମ୍ବା ଆଇନଗତ ହଇରାଣର ସମ୍ମୁଖୀନ ହୁଅନ୍ତି । ଭିନ୍ନ ମତକୁ ନୀରବ କରିବା ପାଇଁ ଦେଶଦ୍ରୋହ ଆଇନ, ଆତଙ୍କବାଦ ବିରୋଧୀ ଆଇନ ଏବଂ ମାନହାନି ମକଦ୍ଦମାର ବ୍ୟବହାର ମୁକ୍ତ ମତବ୍ୟକ୍ତର ସାମ୍ବିଧାନିକ ପ୍ରତିଶ୍ରୁତିର ବିପରୀତ । ସମ୍ବିଧାନର ପ୍ରଣେତାମାନେ ସ୍ୱୀକାର କରିଛନ୍ତି ଯେ ଗଣତନ୍ତ୍ର ବିତର୍କ ଏବଂ ମତଭେଦରେ ବଢେ ସମାଲୋଚନାକୁ ଦମନ କରିବାର ପ୍ରୟାସ ଗଣତାନ୍ତ୍ରିକ ଶାସନର ମୂଳଦୁଆକୁ ଦୁର୍ବଳ କରିଦିଏ । ସମ୍ବିଧାନ ଦିବସରେ, ଏହି ବିରୋଧାଭାସ ତୀବ୍ର ହୋଇଯାଏ: ଯେତେବେଳେ ନେତାମାନେ ସାମ୍ବିଧାନିକ ଆଦର୍ଶକୁ ଓଠରେ ସେବା ଦିଅନ୍ତି, ସେମାନଙ୍କର କାର୍ଯ୍ୟଗୁଡ଼ିକ ପ୍ରାୟତଃ ଭିନ୍ନ ମତପ୍ରତି ଅସହିଷ୍ଣୁତାକୁ ପରିପ୍ରକାଶ କରନ୍ତି ।

ପ୍ରସ୍ତାବନାରେ ଅନ୍ତର୍ଭୁକ୍ତ ଏବଂ ବିଭିନ୍ନ ବ୍ୟବସ୍ଥା ମାଧ୍ୟମରେ ସୁରକ୍ଷିତ ଧର୍ମନିରପେକ୍ଷତା ମଧ୍ୟ ଚାପରେ ଅଛି । ରାଜନୈତିକ ଭାଷଣବାଜି ଏବଂ ନୀତି ଯାହା ଗୋଟିଏ ଧର୍ମକୁ ଅନ୍ୟ ଉପରେ ବିଶେଷ ଅଧିକାର ପ୍ରଦାନ କରେ, କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟକୁ ପାର୍ଶ୍ୱରେ ରଖେ, ସମାନତା ଏବଂ ଭ୍ରାତୃତ୍ୱ ପ୍ରତି ସାମ୍ବିଧାନିକ ପ୍ରତିବଦ୍ଧତାକୁ କ୍ଷୁଣ୍ଣ କରେ । ସମ୍ବିଧାନ ଏପରି ଏକ ରାଷ୍ଟ୍ର ସୃଷ୍ଟି କରିବାକୁ ଚେଷ୍ଟା କରିଥିଲା ଯାହା ସମସ୍ତ ଧର୍ମକୁ ସମାନ ଭାବରେ ସମ୍ମାନ ଦେଉଥିବ, ଏହା ନିଶ୍ଚିତ କରିବ ଯେ ଧର୍ମ ନାଗରିକତା କିମ୍ବା ଅଧିକାରକୁ ନିର୍ଦ୍ଦେଶ ଦେବ ନାହିଁ । ତଥାପି, ସାମ୍ପ୍ରଦାୟିକ ଧ୍ରୁବୀକରଣ ଏବଂ ବହୁସଂଖ୍ୟକ ରାଜନୀତି ଏହି ନୀତିକୁ କ୍ରମଶଃ ଚ୍ୟାଲେଞ୍ଜ କରୁଛି । ସମ୍ବିଧାନ ଦିବସ ଏକ ସ୍ମରଣକାରୀ ଭାବରେ କାର୍ଯ୍ୟ କରିବା ଉଚିତ ଯେ ଭାରତର ଶକ୍ତି ଏହାର ବହୁଳତାରେ ନିହିତ, ଏବଂ ନେତାମାନଙ୍କର ବିଭାଜନକୁ ଶୋଷଣ କରିବା ପରିବର୍ତ୍ତେ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ଦେବାର କର୍ତ୍ତବ୍ୟ । ରାଜନୈତିକ ଉଦ୍ଦେଶ୍ୟ ପାଇଁ ତଦନ୍ତକାରୀ ସଂସ୍ଥା ଏବଂ ଆଇନ ପ୍ରବର୍ତ୍ତନର ଅପବ୍ୟବହାର ସାମ୍ବିଧାନିକ ଚିନ୍ତାକୁ ଆହୁରି ବୃଦ୍ଧି କରେ । ନ୍ୟାୟକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ ଏଜେନ୍ସିଗୁଡ଼ିକୁ ପ୍ରାୟତଃ ରାଜନୈତିକ







ବିରୋଧୀଙ୍କ ବିରୁଦ୍ଧରେ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିବା ଅଭିଯୋଗ କରାଯାଏ, ଯାହା ଏକ ଅସମାନ ଖେଳ କ୍ଷେତ୍ର ସୃଷ୍ଟି କରେ । ଏହା ଆଇନ ସମ୍ମୁଖରେ ସମାନତାର ସାମ୍ବିଧାନିକ ନୀତିକୁ ଦୁର୍ବଳ କରେ । ସେହିପରି, ତ୍ୱରିତ ଆଇନ ପ୍ରଣୟନ, ସୀମିତ ବିତର୍କ ଏବଂ କମିଟିଗୁଡ଼ିକୁ ଏଡାଇ ଦେଇ ସଂସଦୀୟ ପ୍ରକ୍ରିୟାଗୁଡ଼ିକର ଦୁର୍ବଳତା– ସମ୍ବିଧାନ ଦ୍ୱାରା ପରିକଳ୍ପିତ ବିଧାନସଭାର ଭୂମିକାକୁ ହ୍ରାସ କରେ । ଗଣତନ୍ତ୍ର କେବଳ ନିର୍ବାଚନ ବିଷୟରେ ନୁହେଁ ବରଂ ବିଚାର-ବିମର୍ଶ ବିଷୟରେ, ଏବଂ ଯେତେବେଳେ ବିଚାର-ବିମର୍ଶ ହ୍ରାସ ପାଏ, ସାମ୍ବିଧାନିକ ଶାସନ କ୍ଷତିଗ୍ରସ୍ତ ହୁଏ । ସମ୍ବିଧାନ ଦିବସ ଆମ୍ବେଦକରଙ୍କ ନୈତିକ ଦୃଷ୍ଟିକୋଣକୁ ମନେ ପକାଇବା ବିଷୟରେ ମଧ୍ୟ, ଯିଏ ରାଜନୀତିରେ ନାୟକ ପୂଜା ବିରୁଦ୍ଧରେ ଚେତାବନୀ ଦେଇଥିଲେ । ସେ ସତର୍କ କରାଇ ଦେଇଥିଲେ ଯେ ଅନୁଷ୍ଠାନ ଅପେକ୍ଷା ବ୍ୟକ୍ତିବିଶେଷଙ୍କ ଉପରେ ଅତ୍ୟଧିକ ବିଶ୍ୱାସ ରଖିବା ଗଣତନ୍ତ୍ରର ପତନ ଘଟାଇପାରେ । ତାଙ୍କ କଥା ଆଜି ପ୍ରତିଧ୍ୱନିତ ହୁଏ, କାରଣ ଲୋକପ୍ରିୟ ରାଜନୀତି ପ୍ରାୟତଃ ନେତାମାନଙ୍କୁ ସାମ୍ବିଧାନିକ ମାନଦଣ୍ଡଠାରୁ ଉପରକୁ ଉଠାଇଥାଏ, ଏକ ସଂସ୍କୃତିକୁ ଉତ୍ସାହିତ କରେ ଯେଉଁଠାରେ ବ୍ୟକ୍ତିବିଶେଷଙ୍କ ପ୍ରତି ଆନୁଗତ୍ୟ ସମ୍ବିଧାନ ପ୍ରତି ଆନୁଗତ୍ୟକୁ ଅତିକ୍ରମ କରେ । ଏହା ହୁଏତ ସବୁଠାରୁ ଗଭୀର ଉଲ୍ଲଂଘନ: ଯେତେବେଳେ ନେତାମାନେ ମାର୍ଗଦର୍ଶକ ନୀତି ଅପେକ୍ଷା ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରତିବନ୍ଧକ ଭାବରେ ବ୍ୟବହାର କରନ୍ତି । ତେଣୁ, ନଭେମ୍ବର ୨୬ର ଗୁରୁତ୍ୱ କେବଳ ସମ୍ବିଧାନ ଗ୍ରହଣକୁ ସ୍ମରଣ କରିବାରେ ନୁହେଁ ବରଂ ବର୍ତ୍ତମାନ ପାଇଁ ଏକ ଦର୍ପଣ ଧରି ରଖିବାରେ ରହିଛି । ଏହା ପ୍ରଶ୍ନ କରିବାର ଦିନ ଯେ ଭାରତ ତା'ର ସାମ୍ବିଧାନିକ ପ୍ରତିଶ୍ରୁତି ପାଳନ କରୁଛି କି ନାହିଁ, ନେତାମାନେ କ୍ଷମତାର ସୀମାକୁ ସମ୍ମାନ କରୁଛନ୍ତି କି ନାହିଁ, ଏବଂ ନାଗରିକମାନେ ସେମାନଙ୍କର ଅଧିକାର ରକ୍ଷା କରିବାରେ ସଚେତନ କି ନାହିଁ । ସମ୍ବିଧାନ ସ୍ୱୟଂ କାର୍ଯ୍ୟକାରୀ ନୁହେଁ ଏଥିପାଇଁ ନେତା ଏବଂ ଜନସାଧାରଣ ଉଭୟଙ୍କ ସକ୍ରିୟ ପ୍ରତିବଦ୍ଧତା ଆବଶ୍ୟକ ।







ସାମ୍ବିଧାନିକ ନୀତିର ଉଲ୍ଲଂଘନ ଅସାର ନୁହେଁ– ଏହା ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ, ବାକ୍ ସ୍ୱାଧୀନତାଠାରୁ ଆଇନ ସମ୍ମୁଖରେ ସମାନତା, ସଂଘୀୟ ସ୍ୱାୟତ୍ତତାଠାରୁ ଧର୍ମନିରପେକ୍ଷ ସହାବସ୍ଥାନ ପର୍ଯ୍ୟନ୍ତ ।

ସମ୍ବିଧାନ ଦିବସ ଭାରତର ଗଣତାନ୍ତ୍ରିକ ଭିତ୍ତିଭୂମିର ଏକ ଗମ୍ଭୀର ସ୍ମରଣକାରୀ । ଏହା ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ ପ୍ରତି ପ୍ରତିବଦ୍ଧ ଏକ ଗଣତନ୍ତ୍ରର ଦୃଷ୍ଟିକୋଣକୁ ପାଳନ କରେ । କିନ୍ତୁ ଏହା ଆମକୁ ଅସ୍ୱସ୍ତିକର ସତ୍ୟର ସାମ୍ନା କରିବାକୁ ମଧ୍ୟ ଆହ୍ୱାନ କରେ: ବର୍ତ୍ତମାନର ରାଜନୈତିକ ନେତାମାନେ ପ୍ରାୟତଃ ସ୍ୱେଚ୍ଛାଚାରୀ ପ୍ରବୃତ୍ତି, ଅନୁଷ୍ଠାନର କ୍ଷୟ, ଭିନ୍ନମତ ଦମନ ଏବଂ ସାମ୍ପ୍ରଦାୟିକ ଧ୍ରୁବୀକରଣ ମାଧ୍ୟମରେ ଏହି ମୂଲ୍ୟବୋଧଗୁଡ଼ିକୁ ଦୁର୍ବଳ କରନ୍ତି । ନଭେମ୍ବର ୨୬କୁ ସମ୍ମାନ ଦେବା ହେଉଛି ସାମ୍ବିଧାନିକ ନୈତିକତା ପ୍ରତି ପୁନଃପ୍ରତିବଦ୍ଧତା, ନେତାମାନଙ୍କଠାରୁ ଦାୟିତ୍ୱ ଦାବି କରିବା ଏବଂ ଭାରତ ୧୯୪୯ ରେ ଆମ୍ବେଦକର ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦର୍ଶ ପ୍ରତି ବିଶ୍ୱସ୍ତ ରହିବା ନିଶ୍ଚିତ କରିବା । ଉଲ୍ଲଂଘନ ସାମ୍ନାରେ ନୀରବତା ନିଜେ ସମ୍ବିଧାନ ପ୍ରତି ବିଶ୍ୱାସଘାତ । ତେଣୁ ସମ୍ବିଧାନ ଦିବସ ପାଳନ ଉତ୍ସବଠାରୁ ଅଧିକ ହେବା ଉଚିତ – ଏହା ଭାରତର ଗଣତାନ୍ତ୍ରିକ ଆତ୍ମାର ସତର୍କତା, ପ୍ରତିରୋଧ ଏବଂ ନବୀକରଣର ଏକ କାର୍ଯ୍ୟ ହେବା ଉଚିତ ।


**ଅସିତ ମହାନ୍ତି**
ସୁଜନପୁର, ଯାଜପୁର
ମୋ. ୯୪୩୭୨୮୦୨୮







# ସମ୍ବିଧାନ ଦିବସ ଏକ ପର୍ଯ୍ୟାଲୋଚନା


**ହିମାଂଶୁ ଶେଖର ଆଚାର୍ଯ୍ୟ**





୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଆମ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା। ଯେ କୌଣସି ଦେଶର ଶାସନ ପାଇଁ ସମ୍ବିଧାନର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରତ୍ୟେକ ଦେଶର ସମ୍ବିଧାନ ନିଜ ଦେଶର ପରିସ୍ଥିତି, ପରିବେଶ ଓ ସମୟ ଅନୁସାରେ ତିଆରି ହୋଇଥାଏ। ଏହି କାରଣରୁ ଗୋଟିଏ ଦେଶର ସମ୍ବିଧାନ ଅନ୍ୟ ଦେଶର ସମ୍ବିଧାନ ଠାରୁ ଭିନ୍ନ ହୋଇଥାଏ। ଭାରତୀୟ ସମ୍ବିଧାନର ଜନ୍ମ ଦିନ ପ୍ରସ୍ତାବନାରେ ବର୍ଣ୍ଣିତ ହୋଇଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଅର୍ଥାତ୍ ଏହିଦିନ ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶ ବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା । ପୂର୍ବରୁ ଏହା 'ଜାତୀୟ ଆଇନ ଦିବସ' ଭାବେ ପାଳନ ହୋଇଆସୁଥିବା ବେଳେ ୨୦୧୫ ମସିହା ଅକ୍ଟୋବର ୧୧ ତାରିଖରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୬ ତାରିଖକୁ 'ସମ୍ବିଧାନ ଦିବସ' ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏହା ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି ।

ପ୍ରତ୍ୟେକ ଲିଖିତ ସମ୍ବିଧାନ ପରି ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି । ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ । ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭୀପ୍ସା, ଆକାଙ୍କ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି । ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି – ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଗଠନ କରିବୁ ଏବଂ ଏହାକୁ ସମସ୍ତ ନାଗରିକମାନଙ୍କୁ ପ୍ରଦାନ କରିବୁ। ସାମାଜିକ, ଅର୍ଥନୈତିକ ଏବଂ ରାଜନୀତିକ ନ୍ୟାୟ ବିଚାର, ଅଭିବ୍ୟକ୍ତି, ବିଶ୍ୱାସ ଧର୍ମ ଏବଂ ଉପାସନାରେ ସ୍ୱତନ୍ତ୍ରତା, ସ୍ଥିତି ଓ ସୁଯୋଗର ସମାନତା ଏବଂ ଏବଂ ସମସ୍ତ ନାଗରିକମାନଙ୍କ ମଧ୍ୟରେ ତାହାର ବିକାଶ, ବ୍ୟକ୍ତିର ମର୍ଯ୍ୟାଦା ଏବଂ ଜାତିର ଏକତା ଓ ସଂହତି ପାଇଁ ଭ୍ରାତୃତ୍ୱଭାବ ସୁନିଶ୍ଚିତ କରିବୁ। ଅମ୍ଭର ଏହି ଶାସନ ବିଧାୟକ ସଭାରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖ ଦିନ, ଏତଦ୍ଦ୍ୱାରା ଏହି ସମ୍ବିଧାନକୁ ଅବଲମ୍ବନ ଓ ପ୍ରଣୟନ କରୁଛୁ ଏବଂ ଆତ୍ମମାନଙ୍କ ଠାରେ ତାହା ଅର୍ପଣ କରୁଛୁ''। ମୂଳ ସମ୍ବିଧାନରେ ସମାଜବାଦୀ, ଧର୍ମ ନିରପେକ୍ଷତା ଓ ସଂହତି ଶବ୍ଦ ନଥିଲା ।୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପ୍ରସ୍ତାବନାରେ ଏହି ତିନୋଟି ଶବ୍ଦକୁ ଯୋଡାଯାଇଅଛି। ପ୍ରସ୍ତାବନା ଅନୁଯାୟୀ ଭାରତର ସାର୍ବଭୌମ କ୍ଷମତା ଲୋକମାନଙ୍କ ହସ୍ତରେ ନ୍ୟସ୍ତ ।

ଅଧୁନିକ ଯୁଗରେ ସମ୍ବିଧାନ ନିର୍ମାଣ କାର୍ଯ୍ୟ ନାଗରିକମାନଙ୍କ ଦ୍ୱାରା ବିଶେଷ ଉପରେ ଗଠିତ ଏକ ପ୍ରତିନିଧିମୂଳକ ଏକ ସମ୍ବିଧାନ ସଭା ଦ୍ୱାରା ହୁଏ। ସାଧାରଣ ଅର୍ଥରେ ଯେଉଁ ସଭା ଦେଶର ସମ୍ବିଧାନକୁ ନିର୍ମାଣ କରେ ତାକୁ ସମ୍ବିଧାନ ସଭା କୁହାଯାଏ। ୧୯୪୬ ମସିହା କ୍ୟାବିନେଟ ମିଶନ ଯୋଜନା ଭାରତରେ ଗୋଟିଏ ସମ୍ବିଧାନ ସଭା ଗଠନ କରି ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ସୁପାରିସ ଅନୁସାରେ ୧୯୪୬ ମସିହା ଜୁଲାଇ ମାସରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ୨୦୫, ମୁସଲିମ୍ ଲିଗର ୭୩, ଅକାଳୀ ଦଳର ୩ ଏବଂ ୧୮ ଜଣ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ। ମୁସଲିମ୍ ଲିଗର ୩ଟି ସଦସ୍ୟ ଏବଂ ଅକାଳୀ ଦଳର ୩ଟି ସଦସ୍ୟ କଂଗ୍ରେସକୁ ପ୍ରାପ୍ତ ହେବାରୁ ମୋଟ ୨୧୧ ଜଣ କଂଗ୍ରେସ ସଦସ୍ୟ ଥିଲେ। ସମ୍ବିଧାନର ପ୍ରଥମ ବୈଠକ ୮ ଡିସେମ୍ବର ୧୯୪୬ ମସିହାରେ ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ସଭାରେ ସମ୍ବିଧାନର ଏକ ଚିଠା ପ୍ରସ୍ତୁତ କରିବା ପାଇଁ ୨୯ ଅଗଷ୍ଟ ୧୯୪୭ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧକ୍ଷତାରେ ୭ ଜଣ ସଦସ୍ୟଙ୍କୁ ନେଇ ଏକ ଚିଠା କମିଟି ଗଠନ କରାଯାଇଥିଲା । ଏହି କମିଟିର ଅନ୍ୟ ସଦସ୍ୟ ମାନେଥିଲେ ଏନ୍ ଗୋପାଳସ୍ୱାମୀ ଆୟଙ୍ଗାର, ଆଲାଦି କ୍ରିଷ୍ଣାସ୍ୱାମୀ ଆୟର, ମହମ୍ମଦ ସାଦୁଲ୍ଲା, କେ.ଏମ୍. ମୁନସୀ, ବି.ଏଲ୍.ମିତର ଏବଂ ଡି.ପି. ଖେତାନ। କିନ୍ତୁ ଅଳ୍ପ ଦିନ ପରେ ବି.ଏଲ୍ ମିତରଙ୍କ ସ୍ଥାନରେ ଏନ୍ ମାଧବନ ରାଓଙ୍କୁ ନିଆଗଲା। ୧୯୩୯ରେ ବି.ପି. ଖେତାନଙ୍କ ସ୍ଥାନରେ ଟି.ଟି କୃଷ୍ଣମାଚାରୀଙ୍କୁ ନିଆଗଲା।

ସମ୍ବିଧାନ ସଭା ୧୯୪୬ ଡିସେମ୍ବର ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ମୋଟ ୨ବର୍ଷ ୧୧ମାସ ୧୮ ଦିନ କଠିନ ପରିଶ୍ରମ କରି ସମ୍ବିଧାନ ପ୍ରସ୍ତୁତ କରିଥିଲେ। ଏଥିପାଇଁ ୧୧ଟି ଅଧିବେଶନ ଏବଂ ୧୬୫ ଦିନ ବୈଠକ ବସିଥିଲା। ଶେଷରେ ୩୯୫ଟି ଧାରା ଏବଂ ୮ଟି ପରିଶିଷ୍ଟ ବିଶିଷ୍ଟ ଭାରତ ସମ୍ବିଧାନ ପ୍ରଣୟନ କରାଗଲା। ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଅବୁଲ କଲାମ ଆଜାଦ୍, ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ବାଳଗୋବିନ୍ଦ ଖେର, ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ, ଆଚାର୍ଯ୍ୟ କୃପାଳିନୀ ଭଳି କଂଗ୍ରେସର ପ୍ରାୟ ସମସ୍ତ ବଡ ବଡ ନେତାମାନେ ସମ୍ବିଧାନ ସଭାର ସଦସ୍ୟ ଥିଲେ। କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ବିଶିଷ୍ଟ ନେତାମାନେ ଥିଲେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଡଃ ଶ୍ୟାମ ପ୍ରସାଦ ମୁଖାର୍ଜୀ, ପଣ୍ଡିତ ହୃଦୟନାଥ କୁଞ୍ଜରୁ, ଡଃ ଜୟକର ଓ ପ୍ରଫେସର କେ.ଟି. ସାହ । ମହିଳା ସଦସ୍ୟମାନଙ୍କ ମଧ୍ୟରୁ ସରୋଜିନୀ ନାଇଡୁ, ହଂସା ମେହଟ୍ଟା ଏବଂ ଦୁର୍ଗାବାଈ ଦେଶମୁଖ ପ୍ରମୁଖ ଥିଲେ।




ମୌଳିକ ଅଧିକାର ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକଙ୍କ ପାଇଁ ରକ୍ଷାକବଚ। ଏହି ଅଧିକାର ଦ୍ୱାରା ବ୍ୟକ୍ତିକୁ ଯେଉଁ ସ୍ୱାଧୀନତା ମିଳେ ସିଏ ସେଥିରେ ସର୍ବବିଧ ଉନ୍ନତି ସାଧନ କରେ। ମୌଳିକ ଅଧିକାର କହିଲେ ରାଷ୍ଟ୍ରର ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସବଂ ସଂରକ୍ଷିତ ଅଧିକାରକୁ ବିଝାଏ। ଏହି ମୌଳିକ ଅଧିକାର ଗୁଡିକ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ହେଉଥିବାରୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହା ସଂଶୋଧିତ ହୋଇଥାଏ। ଭାରତୀୟ ନାଗରିକମାନେ ୬ଗୋଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି ଯଥା- ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୋଧରେ ଅଧିକାର, ଧର୍ମଗତ ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର, ସାମ୍ବିଧାନିକ ପ୍ରତିକାର ଅଧିକାର। ୧୯୭୮ ମସିହା ୪୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାରକୁ ବାଦ୍ ଦିଆଯାଇଛି । ଫଳରେ ଏବେ ଭାରତର ନାଗରିକ ମାନେ ପୂର୍ବରୁ ଥିବା ୭ଟି ବଦଳରେ ଏବେ ୬ଟି ମୌଳିକ ଅଧିକାର ଉପଭୋଗ କରୁଛନ୍ତି । ରାଷ୍ଟ୍ରଦ୍ୱାରା ପ୍ରଦାନ କରାଯାଉଥିବା ମୌଳିକ ଅଧିକାର ଉପଭୋଗ କରିବା ସଙ୍ଗେ ସଙ୍ଗେ ନାଗରିକମାନେ ରାଷ୍ଟ୍ରପତି କେତେକ କର୍ତ୍ତବ୍ୟ ପାଳନ ପାଇଁ ଉଲ୍ଲେଖ କରାଯାଇଛି । ସମ୍ବିଧାନର ୪୨ ତମ ସମ୍ବିଧାନ ସଂଶୋଧନ ଆଇନ ୧୯୭୬ ଦ୍ୱାରା ଏହା ଯୋଡାଯାଇଛି। ସର୍ବମୋଟ ୧୧ ଗୋଟି ମୌଳିକ କର୍ତ୍ତବ୍ୟକୁ ୫୧(କ) ଧାରାରେ ଉଲ୍ଲେଖକରାଯାଇଛି। ତନ୍ମଧ୍ୟରୁ ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା, ଜାତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ସଂରକ୍ଷଣ କରିବା, ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାର ସୁରକ୍ଷା କରିବା, ଦେଶରକ୍ଷା ପାଇଁ ଜାତୀୟ ସେବା କରିବା ଓ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ୬ ରୁ ୧୪ବର୍ଷର ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ଇତ୍ୟାଦି।



ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଜାନୁଆରୀ ଛବିଶି ପରି ନଭେମ୍ବର ୨୬ ତାରିଖ ହେଉଛି ଏକ ସ୍ମରଣୀୟ ଦିବସ । ଏହିଦିନ ଆମ ଦେଶର ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ଇତି ମଧ୍ୟରେ ଆମ ସମ୍ବିଧାନ ତିଆରିର ୭୪ ବର୍ଷ ଅତିକ୍ରମ କରିଛି। ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଏହି ନୀତି ଗୁଡିକୁ ପ୍ରୟୋଗକରି ଅନେକ ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ଦେଶରେ ଅନେକ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ଆସିଛି। ଭାରତୀୟ ସମ୍ବିଧାନର ନିର୍ମାତାମାନେ ସଂଶୋଧନର ଆବଶ୍ୟକତା ପ୍ରତି ଅବଗତି ଥିଲେ। ତେଣୁ ସମ୍ବିଧାନରେ ହିଁ ତାର ସଂଶୋଧନ ପ୍ରଣାଳୀକୁ ଲିପିବଦ୍ଧ କରାଯାଇଛି । ସମ୍ବିଧାନ ପ୍ରଣୟନ ଦିନଠାରୁ ହିସାବକୁ ନେଲେ ଜୁଲାଇ ୨୦୨୫ ସୁଧା ଭାରତୀୟ ସମ୍ବିଧାନ ୧୦୬ ଥର ସଂଶୋଧନ ହୋଇସାରିଛି। ଏହା ଗ୍ରହଣୀୟ ନୁହେଁ । କାରଣ ସୁପ୍ରିମ କୋର୍ଟଙ୍କ ମତରେ ସଂସଦ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂଶୋଧନ ବା ପରିବର୍ତ୍ତନ କରିପାରିବ ନାହିଁ । ତେଣୁ ଏଥି ପ୍ରତି ଆମ ସରକାର ସଜାଗ ରହିବା ଦରକାର ।


ମୋ– ୯୩୩୭୨୨୧୯୨୪

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ସ୍ୱାମୀଙ୍କୁ ପିଟିପିଟି ହତ୍ୟା କଲା ସ୍ତ୍ରୀ

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ମଧୁସୂଦନପୁର ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ତା'ର ସ୍ତ୍ରୀ ପିଟିପିଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏହି ହତ୍ୟାରେ ମୃତକର ଭଉଣୀ ସହଯୋଗ କରିଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସୂଚନା ଅନୁସାରେ ଏହି ଗ୍ରାମର ଋଷି ଦାସ (୪୬) ବିଭିନ୍ନ ସମୟରେ ମଦପାନ କରି ତାଙ୍କ ସ୍ତ୍ରୀ ଉର୍ମିଳାଙ୍କୁ ମାଡ଼ ମାରନ୍ତି। ଏ ବାବଦରେ ଉର୍ମିଳାଙ୍କ ଅଭିଯୋଗ ମୂଳେ ଗ୍ରାମବାସୀ ଅନେକଥର ତାଙ୍କୁ ବୁଝାସୁଝା କରିବା ସହିତ ପଞ୍ଚାୟତରେ ଉଭୟଙ୍କର ମୀମାଂଶା କରାଇଥିଲେ। କିନ୍ତୁ ଗତକାଲି ରାତିରେ ଋଷି ମଦପିଇ ଘରେ ପହଞ୍ଚି ଉର୍ମିଳାଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉର୍ମିଳା କୌଣସି ଏକ ଅସ୍ତ୍ରରେ ଋଷି ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଋଷିର ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳେ ପରିବାର ଲୋକେ ଶବକୁ ସତ୍କାର କରିବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ସୋର ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ତଦନ୍ତ କରି ଋଷିର ଶବକୁ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିବା ସମୟରେ ନିଜକୁ ରୁଷିର ଭଉଣୀ ପରିଚୟ ଦେଇ ଜଣେ ମହିଳା ପୋଲିସକୁ ସହଯୋଗ କରିବା ବଦଳରେ ବିରୋଧ କରିଥିଲେ। କିନ୍ତୁ ଘଟଣା ସ୍ଥଳରେ ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ବୁଝାସୁଝା କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତର ଖାନାକୁ ପଠାଇଥିଲେ। ଅପରାହ୍ନରେ ମୃତ ରୁଷିର ବାପା କାହ୍ନୁ ଦାସ ହତ୍ୟା ଅଭିଯୋଗ ଆଣିବାପରେ ପୁଲିସ ଏକ ମାମଲା ୯୭୫/୨୫ ବିଏନଏସ ୧୦୩ ଦଫା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ସ୍ତ୍ରୀ ଉର୍ମିଳାକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। କିନ୍ତୁ ରୁଷିର ମୃତ୍ୟୁ କ'ଣ ପାଇଁ ହେଲା ଏବଂ ଏହି ହତ୍ୟା ପଛରେ କେଉଁମାନଙ୍କର ହାତ ଅଛି, ମୃତ୍ୟୁର ୧୫ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପରିବାର ଲୋକ କାହାରିକୁ ନଜଣାଇ ଲୁଚାଛପା ଭାବେ କ'ଣ ପାଇଁ ସତ୍କାର କରିବାକୁ ଚେଷ୍ଟା କରୁଥିଲେ, ଗ୍ରାମ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲାବେଳେ ଏହା ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଆଲୋଚନା କରିଥିଲେ।

## ନିଦ ହଜେଇଲେଣି ବାରହା ଆଉ ହାତୀ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଜ୍ୟୋଷ୍ଠ ମାସରୁ ଚାଷ କରିବା ଆରମ୍ଭ କରି ଦୀର୍ଘ ୭ମାସ ପରେ ଏବେ ବର୍ଷ ଯାକର ଦାନା ଗଣ୍ଡିକ ପାଇବାକୁ ଯୋଗାଡ଼ କରୁଥିଲା ବେଳେ ସେଥିରେ ଦାଉ ସାଧୁଛନ୍ତି ଜଙ୍ଗଲୀ ବାରହା ଆଉ ହାତୀ ପଲ। ବାରହା ଧାନ ଖାଇଦେଇ ଚାଲିଯାଉଛନ୍ତି, ହାତୀ ଯେତିକି ଖାଉଛନ୍ତି ତା'ଠୁ ଅଧିକା ନଷ୍ଟ କରୁଛନ୍ତି। କୁଦି ଦଳି କିଆରୀ କିଆରୀ ଧାନ ନଷ୍ଟ କରିଦେଉଛନ୍ତି। ନିଆଁ ହୁଳା ଧରି ଗୋଡ଼େଇଲେ କିଛି ଡରୁଛନ୍ତି ଆଉ କିଛି ଦନ୍ତା ଅଛନ୍ତି ଓଲଟା ମାଡି ଆସୁଛନ୍ତି। ଫଳରେ ଜଗିବା ଲୋକ ଡରରେ ଫେରି ଆସୁଛନ୍ତି। ଏବେ ସେଥିପାଇଁ ହାତୀଙ୍କ ଚଲା ପଥରେ ବାଉଁଶ ଅଗିଲାରେ ଟିଣ ବାନ୍ଧି ଦଉଡି ଲଗାଯାଇଛି। ହାତୀ ସେ ରାସ୍ତାରେ ଆସିଲେ ଟିଣ ଘଣ୍ଟି ବାଜିବ। ବାଧ ହେଇ ରାତିସାରା ଲୋକେ ଭାଡି କରି ଜଗି ବସୁଛନ୍ତି। ବିଶେଷତଃ ତେଣ୍ଡାବାଡି ପଂଚାୟତର କୁସୁମ କଣ, ଜଡ଼ା କଣ, ବରସାହି, କଳସା ଖମଣ ପଞ୍ଚାୟତର ହଣାଡିହ, ଡ଼ିମିରି ପଲି ପ୍ରଭୃତି ଗାଁର ଅବସ୍ଥା ଏମିତି ଯେ ଲୋକେ ଭାଡି କରି ଜଗିବାକୁ ବାଧ ହେଉଛନ୍ତି। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି ହେଉଛି।

## ଗାଁ ନାଳରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଘଟଗାଁ:ଏକ୍ସପ୍ରେସ୍ ନ୍ୟୁଜ୍**

ଘଟଗାଁ ଥାନା ଅନ୍ତର୍ଗତ କେତାଙ୍ଗ ଗ୍ରାମ ନିକଟ ନାଳରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ଗ୍ରାମର ପମୋଦ ନାଏକଙ୍କ ପୁଅ ଆକାଶ ନାଏକ (୧୫) ବୋଲି ଜଣାପଡିଛି।



ଆକାଶ ଗ୍ରାମର ଦୁଇ ସାଙ୍ଗଙ୍କ ସହ ଗ୍ରାମ ନିକଟ ନାଳକୁ ମାଛ ଧରିବାକୁ ଯାଇ ଗତକାଲି ଠାରୁ ନିଖୋଜ ଥିଲେ। ଘରକୁ ନଫେରିବାରୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନଥିଲେ ପରିବାର ଲୋକେ। ତେବେ ଆଜି ଅପରାହ୍ନରେ ନାଳରେ ତାଙ୍କର ଶବ ଭାସୁଥିବା ଦେଖି ପୋଲିସକୁ ଖବର ଦିଆଯାଇଥିଲା। ଘଟଣା ସ୍ଥଳରେ ପୋଲିସ ପହଁଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ମୃତ୍ୟର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଦାଦା-ପୁତୁରାଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ



**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇଜଣଙ୍କୁ ଆକ୍ରମଣ ଘଟଣାରେ ଛତ୍ରପୁର ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଗୋଲାପଲ୍ଲୀ ଗ୍ରାମର କେ.ପ୍ରତାପ ପାତ୍ର, ବି.କିଷ୍ଟା ପାତ୍ର, ବି.ଲାଛେୟା ପାତ୍ର, ବି.ସିମା ପାତ୍ର ଓ ଏମ୍.ଦେବାରଜ ପାତ୍ର। ଆକ୍ରମଣ ସମୟରେ ବ୍ୟାବହର ହୋଇଥିବା ଢେଙ୍ଗା, କାତି ଓ ହାମାର ଜବତ କରିଛି ପୁଲିସ। ସୂଚନା ଥାଉକି ଗତକାଲି ସକାଳେ ଗୋଲାପଲ୍ଲୀର କେ.ଲାଛିକା ପାତ୍ର ଓ କେ.ରୁରତ ପାତ୍ର ପାହାଡ ନିକଟରେ ଛେଳି ଚରାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିଥିଲେ। ଦୁଇଜଣ ସମ୍ପର୍କରେ ଦାଦା ଓ ପୁତୁରା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ନେଇ ତୁରନ୍ତ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ପୁଲିସ କର୍ମଚାରୀ ଗାଁରେ ପହଂଚି ଛାନଭିନ ଚଲାଇଥିଲେ। ପରେ ଏହି ଆକ୍ରମଣ ଘଟଣାକୁ ନେଇ କେ.ଲାଛିକା ପାତ୍ରଙ୍କ ସ୍ତ୍ରୀ କେ.ଚନ୍ଦ୍ରମା ପାତ୍ର ଛତ୍ରପୁର ଥାନାରେ ୮ ଜଣଙ୍କ ନାମରେ ଏତଲା ଦେଇଥିଲେ। ପୁଲିସ ୭୪୯/୨୫ ଏକ ମାମଲା ରୁଜୁ କରି ସଂପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବୃଦ୍ଧବୃଦ୍ଧାଙ୍କୁ କମଳ ବାଣ୍ଟିଲେ ବ୍ଲକ ଅଧ୍ୟକ୍ଷ

**ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତ ଓ ସିନାପାଲି ପଞ୍ଚାୟତ ଠାରେ ବୃଦ୍ଧ ବୃଦ୍ଧାଙ୍କୁ କମଳ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରାୟତଃ ତିନି ଶହରୁ ଅଧିକ ବୃଦ୍ଧ ବୃଦ୍ଧାଙ୍କୁ କମଳ ବଣ୍ଟନ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଶ୍ରୀ ମହାନନ୍ଦ ନିଜ ପକେଟରୁ ଖର୍ଚ୍ଚ କରି କମଳ ବାଣ୍ଟିଥିବା ଥିବା ବେଳେ ଆସିଥିବା ବୃଦ୍ଧବୃଦ୍ଧାଙ୍କୁ ଭୋଜନ ଦେଇ ଆଶୀର୍ବାଦ ଭିକ୍ଷା ମାଗିଥିଲେ। ଏଭଳି ସେବା କାର୍ଯ୍ୟମନଭାବକୁ ଦେଖି ଅଞ୍ଚଳର ବୃଦ୍ଧବୃଦ୍ଧାମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ପୁରୁଣିଆ ପଂଚାୟତ ଅଧୀନ ଟିକାୟତପୁର ଗ୍ରାମର ଜୈନେକ ନାବାଳକର ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ନାବାଳକଙ୍କ ନାମ ଅବିନାଶ ସିଂ (୧୬) ବୋଲି ବୈଶିଙ୍ଗା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନା ମୁତାବକ ଅବିନାଶ ସିଂଙ୍କ ପିତା ମାତୃ ସିଂଙ୍କ ଘର ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଅଞ୍ଚଳର ହୋଇଥିବା ବେଳେ ତାଙ୍କର ବହୁ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ପରେ ମାତୃଙ୍କ ପତ୍ନୀ ତାଙ୍କର ପୁଅ ଅବିନାଶ ଏବଂ ଝିଅକୁ ଛୋଟ ବେଳୁ ତାଙ୍କ ଟିକାୟତପୁର ମାମୁ ଘରେ ଛାଡି ଭୁବନେଶ୍ୱର ପଳାଇଥିଲେ। ଉଭୟ ଭାଇଭଉଣୀ ମାମୁ ଘରେ ବହୁ କଷ୍ଟରେ ବଡ଼ ହୋଇଛନ୍ତି। ତେବେ ମଙ୍ଗଳବାର ସକାଳୁ ପାଖ ପଡୋଶୀ ଅବିନାଶଙ୍କ ଝୁଲନ୍ତା ମୃତଦେହ ଦେଖି ବୈଶିଙ୍ଗା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନାର ଇନ୍ସପେକ୍ଟର ପ୍ରଦୀପ ଦୁବେ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ବୈଶିଙ୍ଗା ପୁଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରିରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଛି।

## ମହିଳା ସଶକ୍ତୀକରଣ ଶାସନ ସୁଦୃଢ଼ୀକରଣ ପାଇଁ ଏକ ରଣନୀତିକ ଆବଶ୍ୟକତା: କୂଟନୀତିଜ୍ଞ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ଶାସନ ସୁଦୃଢ଼ୀକରଣ ଓ ଏକ ଅନ୍ତର୍ଭୁକ୍ତ ସଂସ୍କୃତି ସୃଷ୍ଟି ନିମନ୍ତେ ମହିଳା ସଶକ୍ତୀକରଣ ଏକ ରଣନୈତିକ ଆବଶ୍ୟକ ବୋଲି ଭାରତରେ ଅବସ୍ଥାପିତ ୮ଟି ଦେଶର କୂଟନୀତିଜ୍ଞ ଓ ପ୍ରତିନିଧି ସୋମବାର ମତ ପ୍ରଦାନ କରିଛନ୍ତି। ଚିରାଚରିତ ପୁରାତନ ପ୍ରଥାକୁ ଭାଙ୍ଗି ମହିଳାମାନଙ୍କୁ ସମାନ ଅଧିକାର ଦେବା ସହ ବିକାଶ ଏବଂ ସୁଶାସନ ନିମନ୍ତେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ରିଡିଫାଇନିଂ ଲିଡରସିପ୍: ଦ ରାଇଜ ଅଫ୍ ୱିମେନ୍ ଇନ୍ ଗ୍ଲୋବାଲ ଗଭର୍ଣ୍ଣାନ୍ସ' ଶୀର୍ଷକ ପ୍ରସଙ୍ଗରେ ଏହି ବକ୍ତାମାନେ ମତ ରଖିଛନ୍ତି।

ଶାସନ କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନର ଆବଶ୍ୟକତା ରହିଛି ଏବଂ ସେମାନେ ପୂର୍ଣ୍ଣମାତ୍ରାରେ ଏଥି ସହିତ ଜଡ଼ିତ ହେବା ଉଚିତ୍। କାରଣ ସେମାନେ ଯାହା ବି କାର୍ଯ୍ୟ କରିଥାନ୍ତି ସେଥିରେ ନୂତନ ଉଦ୍‌ଭାବନ ଏବଂ ନୂତନତ୍ୱର ଛାପ ରହିଥାଏ ବୋଲି କହିଛନ୍ତି ସ୍ପେନ୍‌ର ରାଷ୍ଟ୍ରଦୂତ ଜୁଆନ୍ ଆନ୍‌ଟୋନିଓ ମାର୍ଚ୍ଚ ପୁଜୋଲ। ଶାସନର କେନ୍ଦ୍ର ସ୍ଥଳରେ ମଣିଷର ସମ୍ମାନ ରହିବା ଉଚିତ୍ ଏବଂ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ନେତୃତ୍ୱ କେବଳ କିଛି ହାତଗଣତିଙ୍କ ଦାୟିତ୍ୱ ନୁହେଁ। ଏହା ସାମୁହିକ ଏବଂ ଦୟାପୂର୍ବକ ହେବା ଉଚିତ୍ ବୋଲି ଶ୍ରୀ ପୁଜୋଲ କହିଛନ୍ତି।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଗାଏନାର ରାଷ୍ଟ୍ରଦୂତ ଧର୍ମକୁମାର ସିରାଜ, ଆଲଜେରିଆର ରାଷ୍ଟ୍ରଦୂତ ଡକ୍ଟର ଆବଡେନୋର ଖେଲିଫି, ମାଲଦ୍ୱୀପର ହାଇକମିଶନର ଶ୍ରୀମତି ଆଇସେତ ଆଜିମା, ସେସେଲ୍ସର ହାଇକମିଶନର ଶ୍ରୀମତି ହାରିସୋଆ ଲାଲାଟିଆନା ଆକୋଉଚେ, ଗାଏନା ଏମ୍ବାସୀର ଫାଷ୍ଟ ସେକ୍ରେଟାରୀ କେଶଭ ପରସାଉଦ ତେୱାରୀ, ଟିମୋର ଲେଷ୍ଟ ଏମ୍ବାସୀର ସେକେଣ୍ଡ ସେକ୍ରେଟାରୀ ଆନେ୍‌ଟୋନିଓ ମାରିଆ ଦେ ଜେସସ୍ ଦୋସ ସାନ୍ତୋଷ ଏବଂ ବଲିଭିଆ ଏମ୍ବାସୀର କାଉନ୍‌ସେଲର ଶ୍ରୀମତି ଆର୍ଲେଟ ଗାବ୍ରିଏଲା ବୁସ୍ତାମାଂଟେ ଗାର୍ସିଆ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସଙ୍ଗକୁ ରୋଚକ ବୋଲି ଦର୍ଶାଇ ଶ୍ରୀ ସିରାଜ କହିଥିଲେ ଯେ ଗାଏନା ୮ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ ଛୋଟ ଦେଶ ହୋଇଥିଲେ ମଧ୍ୟ ମହିଳାମାନେ ଏଠାକାର ଶାସନ କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଥିବା ବେଳେ ଶାସନତନ୍ତ୍ରରେ ଏକତା ଓ ସମାନତା ଆଣିବା ଏହି ଦେଶର ପ୍ରୟାସ। ମହିଳାମାନଙ୍କର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ଏହି ସରକାର ଖୁବ ଯତ୍ନବାନ ବୋଲି ସେ କହିଥିଲେ। ଗାଏନାରେ ପ୍ରାୟ ୯୦ ହଜାର ମହିଳା ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ନେଇସାରିଥିବା ବେଳେ ଆହୁରି ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଦେଶର ୩୭ ପ୍ରତିଶତ ଲୋକ ସଂଖ୍ୟା ମୂଳ ଭାରତୀୟ ଅଟନ୍ତି।

ଆଲ୍‌ଜେରିଆର ରାଷ୍ଟ୍ରଦୂତ ଡକ୍ଟର ଖେଲିଫି କହିଥିଲେ ଯେ ତାଙ୍କ ଦେଶରେ ମହିଳାମାନେ ନେତୃତ୍ୱ କ୍ଷେତ୍ରରେ ଅସୀମ ସାହସ ପ୍ରଦର୍ଶନ କରିଥିବା ବେଳେ ମହିଳାମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସମସ୍ତ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ଆଲଜେରିଆର ୫୦ ପ୍ରତିଶତ ବିଚାରପତି ମହିଳା ହୋଇଥିବା ବେଳେ ଦେଶର ବିଶ୍ୱବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ପ୍ରତିଶତ ଛାତ୍ରୀ।

ମାଳଦ୍ୱୀପର ହାଇକମିଶନର ଶ୍ରୀମତି ଆଜିମା କହିଥିଲେ ଯେ ପ୍ରଚଳିତ ବ୍ୟବସ୍ଥାରେ ମହିଳାମାନେ ତାଙ୍କ ଦେଶର ସମାଜର ମେରୁଦଣ୍ଡ ଭାବେ ଉଭା ହୋଇଥିବା ବେଳେ ଜଳବାୟୁ ପରିବର୍ତନ ମୁକାବିଲା କ୍ଷେତ୍ରରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।

ସେସେଲ୍ସର ହାଇକମିଶନର ଶ୍ରୀମତି ଆକୋଉଚେ କହିଥିଲେ ଯେ ନେତୃତ୍ୱ ପୁରୁଷ କିମ୍ବା ମହିଳା ନୁହେଁ ବରଂ ଦକ୍ଷତା ବଳରେ ପ୍ରତିପାଦିତ ହୋଇଥାଏ। ଦୁଇ ସପ୍ତାହ ପୂର୍ବରୁ ସେସେଲ୍‌ସରେ ନୂଆ ସରକାର ଶପଥ ଗ୍ରହଣ କରିଥିବା ବେଳେ ଏହାର ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରେ ୮ ଜଣ ମହିଳା ଅଟନ୍ତି। ସେହିପରି ଜାତୀୟ ଆସେମ୍ବ୍ଲିର ବାଚସ୍ପତି ଭାବେ ଜଣେ ୩୫ ବର୍ଷୀୟା ମହିଳା ଦାୟିତ୍ୱ ନିର୍ବାହ କରୁଛନ୍ତି। କାର୍ଯ୍ୟକ୍ରମ ଶେଷରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟବ୍ୟାପୀ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ 'ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମ ପାଳିତ ହେଉଛି। ଏଆଇସିସିର ମାର୍ଗଦର୍ଶିକା ଅନୁସାରେ ଓଡ଼ିଶାର ସମସ୍ତ ଜିଲ୍ଲା ସଦର ମହକୁମାରେ ଏହି କାର୍ଯ୍ୟକ୍ରମ ହେବ। ଭୁବନେଶ୍ୱରଠାରେ ପିସିସି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ 'ସମ୍ବିଧାନ ବଞ୍ଚାଅ ଦିବସ' ପାଳନ ପାଇଁ ଆଜି ୨୫ ତାରିଖ ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସ ଭବନ ପ୍ରେକ୍ଷାଳୟରେ ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଶିବାନନ୍ଦ ରାୟଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲା। 'ସମ୍ବିଧାନ ବଞ୍ଚାଅ ଦିସବ' କାର୍ଯ୍ୟକ୍ରମରେ ପିସିସିର ବିଭିନ୍ନ ଛାମୁଆ ସଂଗଠନ, ବିଭାଗ, ପ୍ରକୋଷ୍ଠ ଓ ନେତୃବୃନ୍ଦଙ୍କ ଉଦ୍ୟମରେ ଯୋଗଦେବାକୁ ଥିବା ନେତା ଓ କର୍ମୀଙ୍କ ସଂଖ୍ୟା, ଉପରୋକ୍ତ ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର କଂଗ୍ରେସ ଜିଲ୍ଲା ସଭାପତି ପ୍ରକାଶ ଜେନା ଓ ପିସିସିର ଏସ୍‌ସି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଧାରଣ କରାଯାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ଶ୍ରୀକାନ୍ତ ଜେନା, ସୁରେଶ ରାଉତରାୟ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ଯଶବନ୍ତ ସିଂହ ଲାଗୁରୀ, ୟାସିର ନୱାଜ, ଅରବିନ୍ଦ ଦାସ, ରଜନୀ ମହାନ୍ତି, ଚିନ୍ମୟ ସୁନ୍ଦର ଦାଶ, ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଶେଷରେ ମାନସ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟସୂଚୀ ଅନୁସାରେ, ବୁଧବାର ସକାଳ ୮.୩୦ରେ ଏଜି ଛକସ୍ଥିତ ଭାରତରତ୍ନ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୧୦.୦୦ଟାରେ କଂଗ୍ରେସ ଭବନସ୍ଥିତ ଆମ୍ବେଦକର ଓ ଅନ୍ୟ ସମସ୍ତ ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ୧୦.୧୫ରେ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମର ଆଲୋଚନା ସଭା ପରେ ପୂର୍ବାହ୍ନ ୧୧.୩୦ରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଉତ୍କଳ ମଣ୍ଡପରେ ପହଞ୍ଚିବ। ମଧ୍ୟାହ୍ନ ୧୨.୦୦ଟାରେ ଉତ୍କଳ ମଣ୍ଡପରେ 'ଭାରତ ଯୋଡ଼ା ଅଭିଯାନ' ଆନୁକୂଲ୍ୟରେ ହେଉଥିବା 'ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେବେ। ଅପରାହ୍ନ ୩.୦୦ରେ କଂଗ୍ରେସ ଭବନଠାରେ ପିସିସି ଆଇନ ବିଭାଗ ତରଫରୁ 'ସମ୍ବିଧାନ ବଞ୍ଚାଅ' ବିଷୟରେ ଆଲୋଚନାଚକ୍ର ଆୟୋଜିତ ହେଉଛି। ଉପରୋକ୍ତ କାର୍ଯ୍ୟସୂଚୀ ଅନୁସାରେ ବହୁସଂଖ୍ୟାରେ ଦଳର ନେତା ଓ କର୍ମୀମାନେ ଯୋଗଦେବାକୁ ପିସିସି ସଭାପତି ଭକ୍ତଚରଣ ଦାସ ଅନୁରୋଧ କରିଛନ୍ତି।



ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଖେମାଗୁରୁସ୍ଥିତ ଆଶ୍ରମ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ 'ପୁଣ୍ୟାତ୍ମା ଗୋପବନ୍ଧୁ' ପୁସ୍ତକ ବଣ୍ଟନ।

## କଳିକେଶ ଏନଆରଏଆଇର ସଭାପତି

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନଆରଏଆଇ)ର ସଭାପତି ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବନ୍ଧୁକଚାଳନା କ୍ରୀଡ଼ା ସମାଜ ମଧ୍ୟରେ ତାଙ୍କର କେନ୍ଦ୍ରିତ ସମର୍ପଣ ଏବଂ ଦୃଢ଼ ପ୍ରୟାସର ପ୍ରମାଣ ଭାବରେ ସେ ବିଗତ ଦିନରେ ସଭପତି ଥିବା ସମୟରେ ଅଲିମ୍ପିକରେ ଭାରତ କୃତିତ୍ୱ ଅର୍ଜନ କରିଥିଲା। ଆଜି ଦିନରେ ତାଙ୍କର ବିଜୟକୁ ବ୍ୟାପକ ଭାବରେ ପାଳନ କରାଯାଉଛି।



ଶ୍ରୀ ସିଂହଦେଓଙ୍କ ଦ୍ୱାରା ବହୁ ସମୟ ଧରି କାର୍ଯ୍ୟ କରିବା ପରେ ଏହି ଚମତ୍କାର ସଫଳତା ଆସିଛି, ଯାହାଙ୍କ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା ସମଗ୍ର ବୋର୍ଡରେ ସ୍ୱୀକୃତି ପାଇଛି। ତାଙ୍କର ନିର୍ବିରୋଧୀ ନିର୍ବାଚନ ଏନଆରଏଆଇ ସଦସ୍ୟତା ଦ୍ୱାରା ସଂଘକୁ ଏକ ନୂତନ ଯୁଗରେ ନେଇଯିବାର ତାଙ୍କ କ୍ଷମତା ଉପରେ ଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ।

ଏନଆରଏଆଇ ମଧ୍ୟରେ ସୂତ୍ରଗୁଡ଼ିକ ତାଙ୍କର 'ଅତ୍ୟଧିକ ଡ୍ରାଇଭ୍ ଏବଂ ଦୃଢ଼ତା'କୁ ଶୀର୍ଷ ନେତୃତ୍ୱ ଭୂମିକାରେ ତାଙ୍କର ଆରୋହଣର ପ୍ରମୁଖ କାରଣ ଭାବରେ ଶ୍ରେୟ ଦିଅନ୍ତି। ତାଙ୍କୁ 'ଦୂରଦର୍ଶୀ ମନୋଭାବ' ଥିବା ନେତା ଭାବରେ ବ୍ୟାପକ ଭାବରେ ବିବେଚନା କରାଯାଏ ଯିଏ ଏନଆରଏଆଇର ପରିସର ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ଏନଆରଏଆଇର ସଭାପତି ଭାବରେ ତାଙ୍କର ପୂର୍ବ ଅବଦାନକୁ ଜାତୀୟ ସଂଗଠନକୁ 'ପରବର୍ତ୍ତୀ ସ୍ତର' ପର୍ଯ୍ୟନ୍ତ ବୃଦ୍ଧି କରିବାର ତାଙ୍କର କ୍ଷମତାର ପ୍ରମାଣ ଭାବରେ ଉଦ୍ଧୃତ କରାଯାଇଛି, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ସୁଟିଂ ଖେଳାଳିମାନଙ୍କ ପାଇଁ ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାର ଭବିଷ୍ୟତର ପ୍ରତିଶ୍ରୁତି ଦିଏ।

ଶ୍ରୀ ସିଂହ ଦେଓଙ୍କ କାର୍ଯ୍ୟକାଳ ପୂର୍ବରୁ ପ୍ରତିଷ୍ଠିତ ଉତ୍କର୍ଷତାର ଭିତ୍ତିଭୂମି ଉପରେ ନିର୍ମାଣ କରିବା, ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମକୁ ଆହୁରି ବିକଶିତ କରିବା ଏବଂ ଭାରତର ସାର୍ପସୁଟରମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁନିଶ୍ଚିତ କରିବା ଆଶା କରାଯାଉଛି।

## ପାଣିରେ ବୁଡି ନାବାଳକ ମୃତ

**କୁଚିଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

କୁଚିଣ୍ଡା ସହର ସ୍ଥିତ ୱାର୍ଡ ନମ୍ବର ୫ କିଷାନପଡ଼ାଠାରେ ଥିବା ଏନଏସି ଶିଶୁ ଉଦ୍ୟାନରେ ଆଜି ଏକ ଅଘଟଣ ଘଟିଛି। ୱାର୍ଡ ନମ୍ବର ୫ ବଡପରାର ବିଜୟ ଛତ୍ରିଆଙ୍କ ପୁଅ ରାଜ ଛତ୍ରିଆ (୧୪) ଶିଶୁ ଉଦ୍ୟାନରେ ଖେଳୁଥିବାବେଳେ ପୋଖରୀରେ ବୁଡ଼ିଯାଇଥିଲା। ପରିବାର ଲୋକେ ବହୁତ ଖୋଜାଖୋଜି କଲାପରେ ଶିଶୁ ଉଦ୍ୟାନ ପୋଖରୀରେ ଭାସୁଥିବା ପରିବାର ଲୋକେ ଖବର ପାଇ ପୋଲିସ୍‌କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପୋଲିସ ସହାୟତାରେ ପୋଖରୀରୁ ନାବାଳକକୁ ଉଦ୍ଧାର କରି କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାକୁ ଆଣିଥିଲେ। ଡାକ୍ତର ନାବାଳକକୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାରେ ୟୁଡି କେସ ନମ୍ବର ୫୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଘରର ବଡ ପୁଅ ହୋଇଥିବାରୁ ତାଙ୍କର ମୃତ୍ୟୁ ଖବର ଶୁଣି ପଡ଼ାରେ ଶୋକର ଛାୟା ଖେଳିଯାଇଛି।

## ମାଲକାନଗିରି କଲେଜ୍‌ରେ ଏନସିସି ଦିବସ

**ମାଲକାନାଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ମହାବିଦ୍ୟାଳୟର ଏନସିସି ୟୁନିଟ୍ ପକ୍ଷରୁ ଏନସିସି ଦିବସ ଉତ୍ସାହମୟ ପାଟିବେଶରେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ହୋଇଥିଲା। କ୍ୟାପଟେନମାନେ ଦେଶ ସେବା ଓ ଶିସ୍ତ ଭାବନାକୁ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ୟାଡେଟମାନେ ପ୍ୟାରେଡ ପ୍ରଦର୍ଶନ କରିଥିଲେ ଏବଂ ଏଥିରେ ଯୋଗ ଦେଇଥିଲେ କେଭି ମାଲକାନଗିରି ଏବଂ ଜେଏନଭି ମାଲକାନଗିରି ଓ ମୁଖ୍ୟ ଅତିଥି ଭାବେ ସନ୍ଦୀପ କମାଣ୍ଡେଣ୍ଟ, ୧୧୦ବି.ଏସ.ଏଫ ମାଲକାନଗିରି ପତାକା ଉତ୍ତୋଳନ କରି କ୍ୟାଡେଟମାନଙ୍କୁ ଅଭିବାଦନ ଜଣାଇ ନେତୃତ୍ୱ ଓ ଶିସ୍ତର ମୂଲ୍ୟବୋଧ ବିଷୟରେ ଉତ୍ସାହ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଶ୍ରୀ ରବି ଡିସିଜି, ସେକ୍ଟର ହେଡ୍‌କ୍ୱାର୍ଟର ମାଲକାନଗିରି ଏନସିସି କ୍ୟାଡେଟ୍‌ମାନଙ୍କୁ ଗୁଣ ଏବଂ ଚରିତ୍ର ବିଷୟରେ ଆଲୋକପାତ କରିଥିଲେ। ଏହି ସଭାକୁ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ବାରିକ। ୭୭ତମ ଏନସିସି ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ଦେଶଭକ୍ତିମୟ ଗୀତ, ଓ ଏନସିସି ଗୀତ କ୍ୟାଡେଟମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ସେଥିରେ ଗୁଣବାନ କ୍ୟାଡେଟ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାଟିକୁ ଏନସିସି ଅଧିକାରୀ ସୁଶାନ୍ତ ମାଝୀ ସ୍ୱାଗତ ଏବଂ ପରିଚାଳନା କରିଥିଲେ। ସଭା ଶେଷରେ ସିଟିଓ ବାଳିକା ବିଭାଗର ଶ୍ରୀମତୀ ପ୍ରେମରେଖା ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ମସଲା ପକ୍ଷରୁ ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି




**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସେ ଥିଲେ ବିଶ୍ୱ ପ୍ରସିଦ୍ଧ ବ୍ୟକ୍ତିତ୍ୱ। କେବଳ ଭାରତ ନୁହେଁ ବିଶ୍ୱରେ ସେ ଥିଲେ ପରିଚିତ। ଆମଭଳି ଏକ କମ୍ପାନୀକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ତାଙ୍କର ରହିଛି ମହତ୍ୱପୂର୍ଣ୍ଣ ଅବଦାନ। ଦୀର୍ଘ ୧୦ ବର୍ଷ ଧରି ଭାରତ ମସଲା କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରି ଆସୁଥିଲେ ଧର୍ମେନ୍ଦ୍ର। ତାଙ୍କର ଦେହାନ୍ତ ଖବର ପାଇ ଭାରତ ମସଲା କମ୍ପାନୀର ପ୍ରତ୍ୟେକ ସଦସ୍ୟ ଆଜି ଦୁଃଖରେ ମ୍ରିୟମାଣ। ଆଜିଠାରୁ ଧର୍ମେନ୍ଦ୍ରଜୀଙ୍କ ସ୍ୱରରେ ଟିଭି ପରଦାରେ ଆଉ ଶୁଭିବନି ଭାରତ ମସଲା'' ଦି ଟେଷ୍ଟ ଅଫ ନିଉ ଇଣ୍ଡିଆ' ବୋଲି ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ଧର୍ମେନ୍ଦ୍ରଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି କହିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା। କେବଳ ସେତିକି ନୁହେଁ ଓଡ଼ିଶା ପ୍ରତି ତାଙ୍କର ଥିଲା ଦୁର୍ବଳତା। କାରଣ ଦୀର୍ଘ ୪୦ ବର୍ଷ ଧରି ସେ କାହାରି ବିଜ୍ଞାପନରେ ନିଜକୁ ସାମିଲ କରିନଥିବା ବେଳେ ଭାରତ ମସଲା ପାଇଁ ୨୦୧୫ରେ ସାଜିଥିଲେ ବ୍ରାଣ୍ଡ ଆମ୍ବାସଡର୍। ବିନା ନିର୍ଦ୍ଦେଶନାରେ କେବଳ ଖଣ୍ଡିଏ କାଗଜ ଲେଖାକୁ ହାତରେ ଧରି ନିଜ ଫାର୍ମ ହାଉସରେ ଥିବା ରୋଷେଇ ଘରେ ଚିକେନ୍ ମସଲାର ବାସ୍ନାକୁ ଆଘ୍ରାଣ କରି ସେ ଦେଇଥିଲେ ସଟ୍। ତା'ପରେ ଭାରତ ମସଲାର ପରିଚିତ ବିଶ୍ୱରେ ଆଉ ପଛକୁ ଫେରିନି। ଏଭଳି ଏକ ମହାନ ଯୁଗ ପୁରୁଷଙ୍କ ବିୟୋଗ ଆମ ପାଇଁ ନିଶ୍ଚୟ ଅପୂରଣୀୟ କ୍ଷତି। ଆତ୍ମାର ସଦ୍ଗତି କାମନା କରିବା ସହ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ଆମ ଭାରତ ମସଲା ପରିବାର। କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ସ୍ଥିତ ରାମଦାସପୁର ଭାରତ ମସଲା କମ୍ପାନୀ ପରିସରରେ ଆୟୋଜିତ ଶୋକସଭାକୁ ଲୋକ ସମ୍ପର୍କ ଅଧିକାରୀ ଆଶିଷ ମନ୍ଥନ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

## କିସ୍‌ରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଶାଲ୍ ଓ ସ୍ୱେଟର ବଣ୍ଟନ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶୀତଦିନ ଆସିଯାଇଥିବାରୁ କିସରେ ଆଜି ଛାତ୍ରୀଙ୍କୁ ଶାଲ୍ ଓ ଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରାଯାଇଛି। ପ୍ରତିବର୍ଷ ଶୀତ ଦିନ ଅବ୍ୟବହିତ ପୂର୍ବରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାଲ୍ ଓ ସ୍ୱେଟର୍ ବ୍ୟବସ୍ଥା କରିଥାନ୍ତି। ଶ୍ରୀ ସାମନ୍ତ ବ୍ୟକ୍ତିଗତ ଭାବେ ବାହାର ରାଜ୍ୟରୁ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଶୀତବସ୍ତ୍ର କ୍ରୟ କରିଥାନ୍ତି। ଚଳିତବର୍ଷ ଶ୍ରୀ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବର ଲୁଧିଆନାରୁ କିସ୍ ଛାତ୍ରୀଙ୍କ ପାଇଁ ୨୦ ହଜାର ସାଲ୍ ଓ ଛାତ୍ରଙ୍କ ପାଇଁ ୨୦ ହଜାର ସ୍ୱେଟର କିଣାହୋଇ ଆସିଛି। ଆଜି କିସ୍ ପରିସରରେ ସେମାନଙ୍କୁ ଏକ ବିରାଟ କାର୍ଯ୍ୟକ୍ରମରେ ବଣ୍ଟନ କରାଯାଇଥିଲା। ଶାଲ୍ ଓ ସ୍ୱେଟର ପାଇ ଛାତ୍ରଛାତ୍ରୀମାନେ ବେଶ ଖୁସି ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକ ପ୍ରଦୀପ ଜେନାଙ୍କୁ ସାମ୍ବାଦିକ ରତ୍ନ ସମ୍ମାନ

**ବାଙ୍କୀ:** ବାଙ୍କୀର ଜଣାଶୁଣା ସାମ୍ବାଦିକ ପ୍ରଦୀପ ଜେନାଙ୍କୁ ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ କଟକ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସାମ୍ବାଦିକ ରତ୍ନ ପ୍ରଦାନ କରାଯାଇଛି। ରାଜ୍ୟ ସାମ୍ବାଦିକ ସଂଘର କଟକ ଜିଲ୍ଲା ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ଉତ୍ସବ ପ୍ରତାପ ନଗରୀ ଧାକୁଲାଇ ପୀଠ ଠାରେ ଆୟୋଜିତ ଉତ୍ସବରେ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ସନ୍ୟାସୀ ଜୀ , ମୁଖ୍ୟବକ୍ତା ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି ଶ୍ରୀ ଜେନାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସାମ୍ବାଦିକ ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ।

## ୮୫ ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନନୀୟ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପୌରାଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ଏବଂ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଯୋଗଦାନ କରିଥିଲେ। ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଅତିଥିମାନେ ତୀର୍ଥଯାତ୍ରୀଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ସୂର୍ଯ୍ୟକାନ୍ତ ସାହୁ, ପ୍ରସନ୍ନ କୁମାର ବେହେରା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଦିଲ୍ଲିପ କୁମାର ଜେନା, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit no-1482 sworn before the Executive Magistrate, Aul, dated-25.11.2025. I Namita Das, W/o- Parameswar Das of village/Po- Sanamanga, PS- Aul, District- Kendrapara, Odisha, PIN-754218 declare that I have changed the name of my minor son from Nalini Das (old name) to Nalinikanta Das (new name). Henceforth, he shall be known as Nalinikanta Das (new name) for all purposes.

Sd/- Namita Das


## ମତାନ୍ତର ଯୋଗୁ ସମିତି ବୈଠକ ବାତିଲ: ୩୫ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ୍

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ସପ୍ତମ ପଞ୍ଚାୟତ ସମିତି ବୈଠକ ଆଜି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆହୁତ ହୋଇଥିଲା। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡ଼ିଓ ଭଗତ ସାମଲ କଲ୍ୟାଣ ରାଓ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ। ବ୍ଲକ ଅଧକ୍ଷା ସସ୍ମିତା ରାଣୀ ନାୟକ ଓ ତାଙ୍କୁ ସମର୍ଥନ କରୁଥିବା ସରପଞ୍ଚ ଓ ସମିତି ସଭ୍ୟାମାନେ ଉପସ୍ଥିତ ଥିଲେ। ତେବେ ବୈଠକକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଉପାଧକ୍ଷ ଓ ତାଙ୍କ ସମର୍ଥକ ଗୋଷ୍ଠୀ ଆଦୌ ବୈଠକକୁ ଆସି ନଥିଲେ। ଏଥିରୁ ଗୋଷ୍ଠୀ ବିବାଦ ପଦାରେ ପଡ଼ି ଥିବାର ଦେଖା ଯାଇଥିଲା। କୋରମ୍ ଅଭାବରୁ ବିଡ଼ିଓ ଆଜିର ବୈଠକକୁ ବାତିଲ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ଅଧକ୍ଷା ଓ ବିଡ଼ିଓ କାର୍ଯ୍ୟରତ ସୌରଭ କଲ୍ୟାଣ ଦାସଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଯୋଗୁଁ ଗୋଷ୍ଠୀ ଗତ ବିବାଦ ସୃଷ୍ଟି ହୋଇ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ଏବଂ ଆବଶ୍ୟକ ସମର୍ଥନ ଅଭାବରୁ ୧୧ ଜଣ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପ ଜିଲ୍ଲାପାଳଙ୍କୁ ଲିଖିତ ଫେରାଦ ଦେବା ଶେଷରେ ଅନାସ୍ଥା ଭୋଟ ଭଣ୍ଡୁର ହୋଇଯାଇଥିଲା। ସେହିଭଳି ଅଧକ୍ଷାଙ୍କ ସ୍ୱାମୀଙ୍କ ବିରୋଧରେ ଗଣ୍ଡାନାଳି ପଞ୍ଚାୟତ ସରପଞ୍ଚଙ୍କ ଦାଦାଗିରି କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଥାନାରେ ରୁଜୁ ହୋଇଥିଲା। ଏ ସମସ୍ତ ଘଟଣାକୁ ତର୍ଜମା କଲେ ଅଧକ୍ଷା ଓ ଉପାଧକ୍ଷଙ୍କ ମଧ୍ୟରେ




ବ୍ଲକ ପ୍ରଶାସନରେ ଏକ ପ୍ରକାର ଝଡ ସୃଷ୍ଟି ହୋଇଥିବା ସାଧାରଣରେ ଚର୍ଚ୍ଚିତ ବିଷୟ ପାଲଟିଛି। ଗାଦି ହାସଲ ପାଇଁ ଉଭୟେ ନିଜନିଜ ସମର୍ଥକଙ୍କୁ ନେଇ ଏକ ପ୍ରକାର କସରତ କରି ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାଦ୍ୱାରା ଭାବମୂର୍ତ୍ତି ନଷ୍ଟ ହେଉଥିବା ବେଳେ ପରବର୍ତ୍ତୀ ନିର୍ବାଚନରେ ଲଢି ବିଜୟ ହାସଲ କରିବା କଷ୍ଟ ସାଧ ହେବା ନେଇ ପୂର୍ବାନୁମାନ ମଧ୍ୟ କରାଯାଉଛି। ଏହି ବିବାଦ ଯୋଗୁଁ ବ୍ଲକର ୩୫ଗୋଟି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ସାଧାରଣ ନାଗରିକଙ୍କର ଏଥିରେ କ୍ଷତି ସାଧନ ହେଉଛି। ଆଜିର ବୈଠକକୁ କୌଣସି ଗଣମାଧ୍ୟମ କିମ୍ବା ସଂଘକୁ ସରକାରୀ ସ୍ତରରେ ଚିଠି ଆକାରର ଜଣାଯାଇ ନଥିଲେ ମଧ୍ୟ କେତେକ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ସଭାଗୃହ ବାହାରେ ବିଡ଼ିଓ, ଅଧକ୍ଷା, ଅଧକ୍ଷାଙ୍କ ଗୋଷ୍ଠୀର କେତେକ ସରପଞ୍ଚ ଓ ସମିତି ସଭ୍ୟ, ଅଭିଯୋଗକାରୀ ଗଣ୍ଡାନାଳି ସରପଞ୍ଚ ଓ ଉପାଧକ୍ଷଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସର୍ବ ପ୍ରଥମେ ବିଡ଼ିଓ ବୈଠକରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଉପସ୍ଥିତି କମ୍ ଥିବାରୁ ବୈଠକ ବାତିଲ ହେବା ନେଇ ଘୋଷଣା କରିଥିଲେ। ସମର୍ଥକ ଓ ବିପକ୍ଷ ଗୋଷ୍ଠୀର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟାମାନେ ନିଜ ଗୋଷ୍ଠୀ ଓ ନେତୃତ୍ୱଙ୍କୁ ସୁହାଇଲା ଭଳି ଉତ୍ତର ରଖିଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 26th November, 2025 Wednesday | RNI Regd. No. ODIODI/2009/28880

## ଦୂର ସଂପର୍କୀୟ

**ହେଲ୍‌ଥ ଟନିକ୍**

ପାର୍କରେ ଠିଆ ହୋଇଥିବା ଯୁବକକୁ ଜଣେ ବୟସ୍କ ବ୍ୟକ୍ତି ଦୂରରେ ଠିଆ ହୋଇଥିବା ଅନ୍ୟ ଜଣେ ଯୁବକ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲେ- ସେ ତୁମର କ’ଣ ହେବ।

ଯୁବକ କହିଲା- ସିଏ ମୋର ଜଣେ ଦୂର ସଂପର୍କୀୟ ଆତ୍ମୀୟ।

ବୟସ୍କ ବ୍ୟକ୍ତି ପଚାରିଲେ- ନାହିଁ ନାହିଁ ସେ ତୁମର କ’ଣ ହେବ?

ଯୁବକ କହିଲା- ସେ ମୋର ଭାଇ।

ବୟସ୍କ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ କହିଲେ- ଆଉ ତମେ କହୁଛ ସେ ତୁମର ଦୂର ସଂପର୍କୀୟ ବୋଲି?

ଯୁବକ କହିଲା- କଥା କ’ଣ କି ତା’ମୋ ଭିତରେ ଆଉ ୫ଜଣ ଭାଇ ଭଉଣୀ ଅଛନ୍ତି ତ, ସେଥିପାଇଁ କହିଲି।

# ଟି-୨୦ ବିଶ୍ୱକପ୍: ୧୫ ଫେବୃଆରିରେ ଭାରତ-ପାକିସ୍ତାନ ମୁକାବିଲା

**ନୂଆଦିଲ୍ଲୀ,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ ପାଇଁ ଆଇସିସି ପକ୍ଷରୁ ଜାରି ହୋଇଛି ମ୍ୟାଚ୍‌ସୂଚୀ। ଦୀର୍ଘ ୧୦ ବର୍ଷ ପରେ ଟି-୨୦ ବିଶ୍ୱକପ ଭାରତକୁ ଫେରିଛି। ୨୦୨୬ ଟି-୨୦ ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ କରୁଛନ୍ତି। ବିଶ୍ୱକପ ମ୍ୟାଚ୍‌ସୂଚୀ ଘୋଷଣା ସମୟରେ ଆଇସିସି ପକ୍ଷରୁ ରୋହିତ ଶର୍ମାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେ ୨୦୨୬ ଟି-୨୦ ବିଶ୍ୱକପର ଆମ୍ବାସାଡାର ଭାବେ ନିଯୁକ୍ତି ପାଇଛନ୍ତି।

୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଜିତିଥିଲା। ଏହାପରେ ରୋହିତ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିଲେ। ସେ ଅବସର ଘୋଷଣା କରିଥିବାରୁ ତାଙ୍କୁ ଆଇସିସି ଅଧ୍ୟକ୍ଷ ଜୟ ଶାହ ୨୦୨୬ ବିଶ୍ୱକପ ପାଇଁ ଆମ୍ବାସାଡାର ଭାବେ ଦାୟିତ୍ୱ ଦେଇଛନ୍ତି।

ଆଇସିସିର ଘୋଷଣା ଅନୁଯାୟୀ, ଟି-୨୦ ବିଶ୍ୱକପ ଆସନ୍ତା ବର୍ଷ ଫେବୃଆରୀ ୭ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ପାକିସ୍ତାନ ଓ ନେଦରଲ୍ୟାଣ୍ଡ ପରସ୍ପରକୁ କଲୋମ୍ବୋରେ ଭେଟିବେ। ଏହି ମ୍ୟାଚ୍‌ଟି ଦିନ ୧୧ଟାରେ ଖେଳାଯିବ। ସେହିପରି ଅପରାହ୍ନ ୩ଟାରେ ୱେଷ୍ଟଇଣ୍ଡିଜରେ ମୁକାବିଲା ବାଂଲାଦେଶ ସହ କୋଲକାତାରେ ହେବ। ପ୍ରଥମ ଦିନ ଭାରତ ମଧ୍ୟ ଖେଳିବ। ଏହି ମ୍ୟାଚ୍‌ଟି ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ। ଭାରତ ତା’ର ପ୍ରଥମ ମ୍ୟାଚରେ ଆମେରିକାକୁ ମୁମ୍ବାଇରେ ଭେଟିବ। ପ୍ରତିଦିନ ୩ଟି ଲେଖାଏ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଦିନ ୧୧ଟା, ଦ୍ୱିତୀୟ ମ୍ୟାଚ୍ ଅପରାହ୍ନ ୩ଟା ଓ ସନ୍ଧ୍ୟା ୭ଟାରେ ତୃତୀୟ ମ୍ୟାଚ୍ ହେବ।

ଖେଳ ସୂଚୀ ଅନୁଯାୟୀ ଟି-୨୦ ବିଶ୍ୱକପରେ ପୁଣି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। କିନ୍ତୁ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ ପାକିସ୍ତାନ। ଫେବୃଆରୀ ୧୫ରେ କଲୋମ୍ବୋରେ ଖେଳାଯିବ ଟି-୨୦




ବିଶ୍ୱକପର ସବୁଠାରୁ ବଡ ମୁକାବିଲା। ଫେବୃଆରୀ ୧୫ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଭାରତ ଓ ପାକିସ୍ତାନ। ଉଭୟ ଭାରତ ଓ ପାକିସ୍ତାନ ଟି-୨୦ ବିଶ୍ୱକପର ଗୋଟିଏ ଗ୍ରୁପରେ ରହିଛନ୍ତି।

ଟି-୨୦ ବିଶ୍ୱକପର ମ୍ୟାଚ୍‌ଗୁଡିକ ପାଇଁ ଭାରତର ୫ଟି ସହରକୁ ବଛା ଯାଇଛି। ସେହିପରି ଫାଇନାଲ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମାର୍ଚ୍ଚ ୮ରେ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ଯଦି ପାକିସ୍ତାନ ଫାଇନାଲକୁ ଯିବ, ତା’ହେଲେ ମ୍ୟାଚ୍‌ଟି ଭାରତ ବଦଳରେ କଲୋମ୍ବରେ ଖେଳାଯିବ।

ଗ୍ରୁପ ଏରେ ଭାରତ ଓ ପାକିସ୍ତାନ ସହ ଆମେରିକା, ନେଦରଲ୍ୟାଣ୍ଡ ଓ ନାମ୍ବିଆ ରହିଛନ୍ତି। ଭାରତ ତା’ର ବିଶ୍ୱକପ ଅଭିଯାନ ଫେବୃଆରୀ ୭ରୁ ଆମେରିକା ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ କରିବ। ଫେବୃଆରୀ ୭ରେ ଭାରତ ଓ ଆମେରିକା ମୁମ୍ବାଇରେ ମୁହାଁମୁହିଁ ହେବେ। ଫେବୃଆରୀ ୧୨ରେ ଭାରତ ଦିଲ୍ଲୀରେ ନାମ୍ବିଆ ବିପକ୍ଷରେ ଦ୍ୱିତୀୟ ଲିଗ ମ୍ୟାଚ୍ ଦିଲ୍ଲୀରେ ଖେଳିବ। ଫେବୃଆରୀ ୧୫ରେ ପାକିସ୍ତାନ ଓ ଶେଷ ଲିଗ ମ୍ୟାଚ୍ ଦଳ ଅହମଦାବାଦରେ ନେଦରଲ୍ୟାଣ୍ଡକୁ ଭେଟିବ।

ଇଟାଲୀର କ୍ରିକେଟର ଏହି ବଡ ମଞ୍ଚରେ ଡେବ୍ୟୁ କରିବାର ସୁଯୋଗ ପାଇଛି। ୪ଥର ଫିଫା ବିଶ୍ୱକପ ଜିତିଥିବା ଇଟାଲୀ ପ୍ରଥମଥର କ୍ରିକେଟରର କୌଣସି ବିଶ୍ୱକପରେ ନଜର ଆସିବ। ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଓ ନେପାଳ ସହ ଗ୍ରୁପ ସିରେ ରହିଛି ଇଟାଲୀ।

ବିଶ୍ୱର ଟପ ୨୦ଟି ଟିମକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପରେ ୫ଟି ଲେଖାଏ ଦଳ ରହିଛନ୍ତି। ଗ୍ରୁପରେ ଥିବା ସବୁ ଦଳ ପରସ୍ପର ସହ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତି ଗ୍ରୁପର ଶ୍ରେଷ୍ଠ ୨ ଟିମ ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ ସୁପର ୮କୁ ଯିବେ। ଏଠାରେ ୪ଟି ଲେଖାଏ ଦଳକୁ ନେଇ ଦୁଇଟି ଗ୍ରୁପ କରାଯିବ। ପ୍ରତି ଗ୍ରୁପରୁ ୨ଟି ଲେଖାଏ ଦଳ ସେମି ଫାଇନାଲକୁ ଯିବେ। ଶେଷରେ ୨ଟି ଟିମ ମଧ୍ୟରେ ମାର୍ଚ୍ଚ ୮ରେ ଖେଳାଯିବ ଫାଇନାଲ।

ଯଦି ପାକିସ୍ତାନ ଓ ଶ୍ରୀଲଙ୍କା ସେମି ଫାଇନାଲ ଯିବେ, ତା’ହେଲେ ଘରୋଇ ପରିବେଶରେ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବ ସିଂହଳ ଟିମ। ଯଦି ଶ୍ରୀଲଙ୍କା ସେମିକୁ ଯାଉଛି କିନ୍ତୁ ପାକିସ୍ତାନ ଯାଉ ନାହିଁ, ତା’ହେଲେ ସିଂହଳ ଟିମ ତା’ର ନକଆଉଟ ମ୍ୟାଚ୍ କୋଲକାତାରେ ଖେଳିବ। କିନ୍ତୁ ଯଦି ଭାରତ ସେମିକୁ ଯାଉଛି ଓ ସେଠାରେ ଦଳର ମୁକାବିଲା ଶ୍ରୀଲଙ୍କା ସହ ହେବ, ତା’ହେଲେ ଉକ୍ତ ମ୍ୟାଚ୍ ଦ୍ୱିତୀୟ ସେମି ଭାବେ ମୁମ୍ବାଇରେ ଖେଳାଯିବ।

ଯଦି ଭାରତ ଓ ପାକିସ୍ତାନ ଉଭୟ ସେମିକୁ ଯାଉଛନ୍ତି ଓ ପରସ୍ପରକୁ ଭେଟିବାର ସମ୍ଭାବନା ରହିଛି, ତା’ହେଲେ ଏହା ପ୍ରଥମ ସେମି ଫାଇନାଲ ଭାବେ କଲୋମ୍ବୋରେ ଅନୁଷ୍ଠିତ ହେବ। ଯଦି ପାକିସ୍ତାନ ଓ ଶ୍ରୀଲଙ୍କା ଉଭୟ ସେମିକୁ ଯୋଗ୍ୟତା ଅର୍ଜନ କରିପାରିବେ ନାହିଁ, ତା’ହେଲେ ପ୍ରଥମ ସେମି ଫାଇନାଲ କୋଲକାତାରେ ଓ ଦ୍ୱିତୀୟ ସେମି ମୁମ୍ବାଇରେ ଖେଳାଯିବ।

## ଗୌହାଟୀ ଟେଷ୍ଟରେ ଟିମ୍ ଇଣ୍ଡିଆର ପରାଜୟ ନିଶ୍ଚିତ !



**ଗୌହାଟୀ,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଗୌହାଟିରେ ଚାଲିଛି। ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଉପରେ ପ୍ରାଧାନ୍ୟ ବିସ୍ତାର କରିଛି। ବ୍ୟାଟିଂ ଏବଂ ବୋଲିଂ ଉଭୟରେ ଚମତ୍କାର ପ୍ରଦର୍ଶନ କରିଛି। ଟିମ୍ ଇଣ୍ଡିଆ ଆଗରେ ଚତୁର୍ଥ ଦିନରେ ୫୪୯ ରନ୍‌ର ଟାର୍ଗେଟ ଥିଲା। ତେବେ ଟିମ୍ ଇଣ୍ଡିଆ ଚତୁର୍ଥ ଦିନ ଖେଳ ସୁଦ୍ଧା ୧୫.୫ ଓଭରରେ ୨ ୱିକେଟ ହରାଇ ୨୭ ରନ୍ କରିଛି।

ଜଶସ୍ୱୀ ଜୟସ୍ୱାଲ ୨୦ ବଲ ଖେଳି ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ସେହିପରି କେଏଲ୍ ରାହୁଲ ୨୯ ବଲରେ ୬ ରନ୍ କରି ଫେରିଥିଲେ। ଧାର୍ଯ୍ୟ ଲକ୍ଷ୍ୟକୁ ଟିମ୍ ଇଣ୍ଡିଆକୁ ୧୦୮ ଓଭରରେ ହାସଲ କରିବାକୁ ପଡିବ। ଚତୁର୍ଥ ଦିନ ଶେଷ ସୁଦ୍ଧା ଦଳ ୧୫.୫ ଓଭର ଖେଳି ସାରିଥିବାରୁ ଆଉ ୯୨.୧ ଓଭରରେ ଅବଶିଷ୍ଟ ୫୨୨ ରନ୍ ସଂଗ୍ରହ କରିବାକୁ ପଡିବ। ପ୍ରଶଂସକ ବିଶ୍ୱାସ କରନ୍ତି ଯେ, ଏହି ଟାର୍ଗେଟ ଟିମ୍ ଇଣ୍ଡିଆ ପିଛା କରାଯାଇପାରିବ। ତେବେ ଟେଷ୍ଟ ରନ ଚେଜ୍‌ରେ ଭାରତର ରେକର୍ଡ ଅତ୍ୟନ୍ତ ଖରାପ ଏବଂ ଏହା ଦେଖାଯାଉଛି ଯେ ଟିମ୍ ଇଣ୍ଡିଆର ପରାଜୟ ନିଶ୍ଚିତ। ଯଦି ଟିମ୍ ଇଣ୍ଡିଆ ନିଜର ସମ୍ମାନ ବଞ୍ଚାଇବାକୁ ଚାହେଁ, ତେବେ ଇତିହାସକୁ ଓଲଟାଇବାକୁ ପଡିବ।

ଭାରତ ଇତିହାସର ସବୁଠାରୁ ସଫଳ ଟେଷ୍ଟ ଦଳ ମଧ୍ୟରୁ ଗୋଟିଏ। ଏହା ସତ୍ତ୍ୱେ, ଦଳ ସର୍ବଦା ବଡ଼ ଟାର୍ଗେଟ ପିଛା କରିବାକୁ ସଂଘର୍ଷ କରିଛନ୍ତି। ଟିମ୍ ଇଣ୍ଡିଆର ସର୍ବାଧିକ ରନ୍ ପିଛା ହେଉଛି ୪୦୩। ଯାହା ୧୯୭୬ ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ହୋଇଥିଲା। ଏହା ବ୍ୟତୀତ, ୨୦୦୮ରେ ଭାରତୀୟ ଦଳ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ ୩୮୭ ରନ୍‌ର ଏକ ବିଶାଳ ଟାର୍ଗେଟକୁ ସଫଳତାର ସହ ପିଛା କରିଥିଲା। ବର୍ତ୍ତମାନ ଦଳ ୫୨୨ ରନ୍ ଟାର୍ଗେଟର ସମ୍ମୁଖୀନ ହୋଇଛି ଏବଂ ଦୁଇଟି ୱିକେଟ ହରାଇଛି। ଏତେ ବଡ଼ ଟାର୍ଗେଟ ପିଛା କରିବା ଅସମ୍ଭବ ଏବଂ ଟିମ୍ ଇଣ୍ଡିଆର ପରାଜୟ ନିଶ୍ଚିତ ମନେ ହେଉଛି।

## ମୋ ସହ ଲାଗିଲେ ବିଜେପିର ମୂଳଦୁଆ ଦୋହଲାଇ ଦେବି: ମମତା ବାନାର୍ଜୀ

**କୋଲକାତା,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୋ ସହ ଲାଗିଲେ ବିଜେପିର ମୂଳଦୁଆ ଦୋହଲାଇ ଦେବି। ଏଭଳି କହି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ(ଟିଏମସି) ସୁପ୍ରିମୋ ମମତା ବାନାର୍ଜୀ ପୁଣିଥରେ ନିର୍ବାଚନ କମିଶନ ଏବଂ ବିଜେପି ଉପରେ ବର୍ଷିଛନ୍ତି। ବନଗାଁରେ ଏକ ରାଲିକୁ ସମ୍ବୋଧିତ କରି ସେ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ କମିଶନ ଏକ ନିରପେକ୍ଷ ସଂସ୍ଥା ହୋଇ ରହିନାହିଁ। ସେ ଏବେ ‘ବିଜେପି କମିଶନ’ ହୋଇଯାଇଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଅସନ୍ତୁଷ୍ଟ ମମତା ବାନାର୍ଜୀ ବିଜେପିକୁ ଖୋଲା ଚେତାବନୀ ଦେଇ ସାରା ଭାରତରେ ଦଳର ମୂଳଦୁଆ ଦୋହଲାଇ ଦେବାର ଧମକ ଦେଇଛନ୍ତି। ଦିଦି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଏକ ଚିଠି ଲେଖି ନିର୍ବାଚନ ସମ୍ବନ୍ଧୀୟ ଦୁଇଟି ନିର୍ଦ୍ଦେଶନାମା ଉପରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

ତାଙ୍କ କହିବା ମୁତାବକ, ଏସଆଇଆର ପରେ ଯେତେବେଳେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ ହେବ, ଲୋକମାନେ ନିର୍ବାଚନ କମିଶନ ଏବଂ ବିଜେପି ଦ୍ୱାରା ସୃଷ୍ଟି ହୋଇଥିବା ‘ବିପର୍ଯ୍ୟୟ’ର ସାମ୍ନା କରିବେ। ବିଜେପି ରାଜନୈତିକ ସ୍ତରରେ ଆମ ସହିତ ପ୍ରତିଯୋଗିତା କରିପାରିବ ନାହିଁ କିମ୍ବା ଆମକୁ ପରାସ୍ତ କରିପାରିବ ନାହିଁ। ଯଦି ବିଜେପି ପଶ୍ଚିମବଙ୍ଗରେ ମୋତେ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତେବେ ମୁଁ ସାରା ଭାରତରେ ଦଳର ମୂଳଦୁଆ ଦୋହଲାଇ ଦେବି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ମଧ୍ୟ ଦାବି କରିଛନ୍ତି ଯେ, ବିହାର ନିର୍ବାଚନ ଫଳାଫଳ ଏସଆଇଆରର ଫଳାଫଳ ଥିଲା ଏବଂ ବିରୋଧୀ ସେଠାରେ ବିଜେପିର ଷଡଯନ୍ତ୍ରକୁ ଜାଣିପାରି ନଥିଲେ। ଯଦି ଏସଆଇଆର ଦୁଇରୁ ତିନି ବର୍ଷ ମଧ୍ୟରେ କରାଯାଏ, ତେବେ ଆମ ସରକାର ସମସ୍ତ ସମ୍ଭାବ୍ୟ ସମ୍ବଳ ସହିତ ପ୍ରକ୍ରିୟାକୁ ସମର୍ଥନ କରିବ।

ବିଜେପି ମଧ୍ୟ ମମତା ବାନାର୍ଜୀଙ୍କ ବୟାନକୁ ନେଇ ପ୍ରତିକ୍ରିୟା ଦେଇଛି। ପଶ୍ଚିମବଙ୍ଗର ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଏସଆଇଆର ସାରା ଭାରତରେ ହେବାର କାର୍ଯ୍ୟକ୍ରମ ଅଛି। ଏହା ବର୍ତ୍ତମାନ ୧୨ଟି ରାଜ୍ୟରେ ଚାଲିଛି। କିନ୍ତୁ ମମତା ବାନାର୍ଜୀ କାହିଁକି ଏହାକୁ ଏତେ ବିରୋଧ କରୁଛନ୍ତି? କାରଣ ସେ ବର୍ତ୍ତମାନର ଭୋଟର ତାଲିକା ଆଧାରରେ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି, ଯାହା ଆଉ ସମ୍ଭବ ନୁହେଁ। ପଶ୍ଚିମବଙ୍ଗରେ ୮ଟି ସ୍ଥାନରେ ଜଣେ ମହିଳାଙ୍କ ନାମ ଦେଖାଯାଉଛି।

## ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରସଙ୍ଗରେ ହାଇକୋର୍ଟଙ୍କ ଜବାବ ତଲବ

**କଟକ,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ । ଅନୁପ୍ରବେଶକାରୀ ଚିହ୍ନଟ ଏବଂ ଦେଶାନ୍ତର ସଂପର୍କିତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଏହି ପ୍ରସଙ୍ଗରେ ତୁରନ୍ତ ଟାସ୍କଫୋର୍ସ ଗଠନ ସଂପର୍କରେ ହାଇକୋର୍ଟ ତଥ୍ୟ ଲୋଡ଼ିଛନ୍ତି । ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି।

## ଦୁଇ ପୁରୁଣା ୱାରେଣ୍ଟି ଗିରଫ

**ମାର୍ଶାଘାଇ,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ମାର୍ଶାଘାଇ ପୁଲିସ ଭିନ୍ନଭିନ୍ନ ଭାବରେ ଦୁଇଜଣଙ୍କୁ ଗିରଫକରି କୋର୍ଟ ଚାଲଣ କରିଛି। ଜିଆର କେଶ ୨୦୦୯ ମସିହାର ମାର୍ଶାଘାଇ ଥାନା ତେରଗାଁ ଗ୍ରାମର କୃଷ୍ଣ ସେଠୀଙ୍କ ପୁଅ ସନ୍ତୋଷ ସେଠୀକୁ ଗିରଫ କରିଥିବା ବେଳେ ୨୦୧୪ ମସିହା କେଶରେ ୱାରେଣ୍ଟରେ ମାର୍ଶାଘାଇ ଥାନା ସାନଗାଁ ଗ୍ରାମର ଉଗ୍ରସେନ ଦାସଙ୍କୁ ଗିରଫ କରିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

### ପ୍ରଥମ ପୃଷ୍ଠାରୁ...

#### ଧାର୍ଯ୍ୟ ଟାରିଫଠାରୁ...

ଅନୁମୋଦନ କରିଥିବା ହାରାହାରି ଟାରିଫ ଠାରୁ ୩୬ ପଇସା ଅଧିକ। ସେହିପରି ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟକୁ ୧୮.୭୯% ଅନୁମୋଦନ କରିଥିବାବେଳେ ଟାଟା ଉତ୍ତମ କାର୍ଯ୍ୟଦକ୍ଷତା ପଦର୍ଶନ କରି କ୍ଷତିକୁ ୧୬.୭୦%କୁ କମାଇ ଦେଇଛି। ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯% ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୧୩% ହୋଇଛି। ଅର୍ଥାତ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡିଶା ବିଦ୍ୟୁତସେବାରେ ନିୟୋଜିତ ସମୁଦାୟ ୨୬୫୯ଟି (୧୪୭୩୩ ଏମଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୬୩୦ଟିକୁ (୬୧%) ମିଟରିଙ୍ଗ ହୋଇଛି। ସେହିପରି ୯୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫% ଅର୍ଥାତ ୭୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡିକୁ ୧୦୦ କେଭିଏ କିମ୍ବା ତଦୁର୍ଦ୍ଧ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉପଭୋକ୍ତା ସୂଚିକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦% ହୋଇଛି। ବିଦ୍ୟୁତ ବ୍ୟାହତ ସମସ୍ୟା ଉତ୍ତର ଓଡିଶାରେ (ଟିପିଏନଓଡିଏଲ) ସବୁଠାରୁ ଅଧିକ ହୋଇଛି। ୨୦୨୪-୨୫ ବର୍ଷରେ ଓଡିଶାର ବିଦ୍ୟୁତ ବ୍ୟାହତ ସମସ୍ୟା ମାସକୁ ହାରାହାରି ୩୧ଥର ଓ ୨୩ ଘଣ୍ଟା ହୋଇଥିବାବେଳେ ଉତ୍ତର ଓଡିଶାରେ ୪୪ଥର ଓ ୨୭ ଘଣ୍ଟା ହୋଇଛି। ବିଦ୍ୟୁତ ଦୁର୍ଘଟଣାରେ ମୋଟ ୧୭୪ଟି ଜୀବନ ଯାଇଛି। ସେଥିରୁ ୮୬ ଜଣ ମଣିଷ ହୋଇଥିବାବେଳେ ୮୮ ଜଣ ପଶୁ।

ଗ୍ରୀଡ୍‌କୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରୀଡ୍‌କୋ ୪୨୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟି ଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟି ଟଙ୍କା। ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରୀଡ୍‌କୋ ୩୪୭ କୋଟି ଲାଭ କରିଛି। ଟାଟା ବିତରଣ କମ୍ପାନୀଗୁଡିକୁ ଗ୍ରୀଡ୍‌କୋ ୟୁନିଟ ପିଛା ୩ ଟଙ୍କା ୩୬ ପଇସା ହିସାବରେ ୩୫୧୦୪ ନିୟୁତ ୟୁନିଟ ବିକ୍ରୟ କରିଥିବାବେଳେ ଖୋଲା ବଜାରରେ ୟୁନିଟ ପିଛା ୪ ଟଙ୍କା ୩୪ ପଇସା ହିସାବରେ ୬୨୮୨ ୟୁନିଟ ବିକ୍ରୟ କରିଛି ଓ ଅବଶିଷ୍ଟ ୧୧୦୧ ୟୁନିଟ ପରିବହନ କ୍ଷତି ହୋଇଛି। ତେବେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଯେହେତୁ ପୂର୍ବ ବର୍ଷରେ (୨୦୨୪-୨୫) ଗ୍ରୀଡ୍‌କୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୬୫ କୋଟି ଟଙ୍କା ଅଦାୟ କରିଛନ୍ତି ତେଣୁ ଆସନ୍ତା ବର୍ଷର ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଟାଟା ଉପଭୋକ୍ତାଙ୍କଠାରୁ ଅଧିକ ଅଦାୟ କରିଥିବା ରାଜସ୍ୱକୁ ସୁଧସହ ଫେରସ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଆସନ୍ତା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆୟୋଗ ସମ୍ମୁଖରେ ଯୁକ୍ତି ରଖିବେ। ତେଣୁ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତ ମୂଲ୍ୟ (ଟାରିଫ) ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି।

#### ଶିମିଳିପାଳରେ ବଢ଼ିଛି...

ଦେଇଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ଶିମିଳିପାଳରେ ୨୭ଟି ବାଘ ରହିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୩୨ରେ ପହଞ୍ଚିଛି। ସେହିପରି ଶିମିଳିପାଳରେ ୯ଟି ଛୋଟ ବାଘ ଛୁଆ ଥିବା ଜଣାପଡିଛି। ଯଦିଓ ପ୍ରତି ଚାରି ବର୍ଷରେ ଥରେ ବ୍ୟାଘ୍ର ସର୍ଭେ ରିପୋର୍ଟ ଜାତୀୟ ବ୍ୟାଘ୍ର ଗଣନା ତଥ୍ୟ ଅନୁଯାଇ ଆସନ୍ତା ବର୍ଷ ଜୁନ୍ ମାସରେ ଆସିବ। ବନ ବିଭାଗର ପର୍ଯ୍ୟାୟକ୍ରମେ କରାଯାଉଥିବା ଆଭ୍ୟନ୍ତରୀଣ ସର୍ଭେରୁ ଏଭଳି ତଥ୍ୟ ସାମ୍ନାକୁ ଆସିଥିବା ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କହିଛନ୍ତି।

#### ପ୍ରତି ୧୦ ମିନିଟରେ...

ସର୍ବାଧିକ ସଂଖ୍ୟକ ମାମଲା ରେକର୍ଡ ହୋଇଛି। ଏହି ସଂଖ୍ୟା ପ୍ରାୟ ୨୨ ହଜାର ରହିଥିଲା। ରିପୋର୍ଟରେ କୁହାଯାଇଛି ଯେ, ଘରଗୁଡ଼ିକ ମହିଳା ଏବଂ ଝିଅମାନଙ୍କୁ ହତ୍ୟା କରିବା ପାଇଁ ସବୁଠାରୁ ବିପଜ୍ଜନକ ସ୍ଥାନ ହୋଇ ରହିଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଡିଜିଟାଲ୍ ଦୁନିଆ ମହିଳା ସୁରକ୍ଷାକୁ ଆହୁରି ଜଟିଳ କରିଛି। ପ୍ରଯୁକ୍ତିବିଦ୍ୟାର ବର୍ଦ୍ଧିତ ବ୍ୟବହାର ଯୋଗୁ ନୂତନ ଅପରାଧ ମଧ୍ୟ ଦେଖାଦେଇଛି। ସେସବୁ ମଧ୍ୟରେ ସହମତିହୀନ ଚିତ୍ର ସେୟାରିଂ, ଡକ୍ସିଂ ଏବଂ ଡିପ୍ ଫେକ୍ ଭିଡିଓ ରହିଛି।

ଏହି ରିପୋର୍ଟରେ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟରେ ମହିଳା ବିରୋଧୀ ହିଂସାର ପରିବର୍ତ୍ତନଶୀଳ ରୂପକୁ ଚିହ୍ନିତ କରୁଥିବା ଆଇନ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଅପରାଧୀମାନେ ହତ୍ୟା ପର୍ଯ୍ୟନ୍ତ ବୃଦ୍ଧି ପାଇବା ପୂର୍ବରୁ ସେମାନଙ୍କୁ ଦାୟୀ କରିବା ପାଇଁ ଏପରି ଆଇନ ଆବଶ୍ୟକ।

ଏହି ରିପୋର୍ଟରେ କୁହାଯାଇଛି ଯେ, ନାରୀ ହତ୍ୟା ଏକ ବିଶ୍ୱବ୍ୟାପୀ ମହାମାରୀ ପାଲଟିଛି। ଯେ ପର୍ଯ୍ୟନ୍ତ ସମାଜ, ଆଇନ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ମିଳିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ମହିଳାମାନଙ୍କ ପ୍ରତି ବିପଦ ହ୍ରାସ ପାଇବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

#### ବିଜେଡ଼ି ଏବେ...

ଯାହା କହିଛନ୍ତି ଠିକ କହିଛନ୍ତି ବୋଲି ଶ୍ରୀ ସାମନ୍ତରାୟ କହିଥିଲେ। ଟିକେଟ ଦେବାକୁ କହି ଦଳ ତାଙ୍କୁ ନିର୍ବାଚନ ମଣ୍ଡଳୀ ବୁଲାଇଥିଲା । କିନ୍ତୁ ଦଳ ଶ୍ରୀମୟୀଙ୍କୁ ଟିକେଟ ଦେଲାନାହିଁ । ଶ୍ରୀମୟୀ ଯେଉଁସବୁ କଥା କହିଛନ୍ତି, ସେଥିରେ ସତ୍ୟ ରହିଛି ବୋଲି ଦେବାଶିଷ ସାମନ୍ତରାୟ କହିଛନ୍ତି । କେବଳ ତାହା ନୁହେଁ ଦଳର ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଏକ ପ୍ରକାର ନିର୍ଯାତନା ଦେଇଛି ବୋଲି ସେ କହିଛନ୍ତି । କେବଳ ଏତିକି ନୁହେଁ ଦେବାଶିଷ ପ୍ରଫୁଲ୍ଲ ମଲିକଙ୍କୁ ଦଳରୁ ନିଲମ୍ବିତ କରିବା କଥା ନେଇ ମଧ୍ୟ ମୁହଁ ଖୋଲିଥିଲେ । ଶ୍ରୀ ସାମନ୍ତରାୟ କହିଥିଲେ, ପ୍ରଫୁଲ୍ଲ ମଲିକଙ୍କୁ ସସପେଣ୍ଡ କରିବା ଠିକ ନୁହେଁ। ସେ ଜଣେ ବରିଷ୍ଠ ନେତା, ବିଜେଡ଼ି ପାଇଁ ବହୁତ କାମ କରିଛନ୍ତି । ପ୍ରଫୁଲ୍ଲଙ୍କୁ ବିଜେଡ଼ିରୁ ସସପେଣ୍ଡ କରିବା ଭୁଲ ନିଷ୍ପତ୍ତି ବୋଲି ଶ୍ରୀ ସାମନ୍ତରାୟ ମତ ଦେଇଥିଲେ । ସେହିପରି ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଭିକେ ପାଣ୍ଡିଆନକୁ ଟାର୍ଗେଟ କରି ଦଳର ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିସ୍ଫୋରକ ବୟାନ ଦେଇଥିଲେ । ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ନେତାମାନଙ୍କୁ ଓ ରାଜ୍ୟବାସୀଙ୍କୁ ନ ଜଣାଇବା ପାଣ୍ଡିଆନଙ୍କ ବଡ଼ ଭୁଲ ଓ ଦଳ ପାଇଁ କ୍ଷତି ବୋଲି ଶ୍ରୀ ସାମନ୍ତରାୟ କହିଥିଲେ ।

#### କୁକୁର କାମୁଡ଼ି...

ଗୁରୁତ୍ୱ ଦେଉଛନ୍ତି। ଅନ୍ୟପଟେ ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ କିଛି ଦିନ ତଳେ ଏକ ବଡ ରାୟ ଶୁଣାଇଥିଲେ। ସରକାରଙ୍କ ପ୍ରଚେଷ୍ଟା ଓ ନ୍ୟାୟାଳୟର ଆଇନ କିନ୍ତୁ କିଛି ଫରକ ପଡୁନାହିଁ।

#### ରାଷ୍ଟ୍ରପତିଙ୍କ ପାଇଁ...

ବୋମା ନିଷ୍କ୍ରିୟକାରୀ ଦଳ ରହିବେ। ରୁଟ୍‌ଲାଇନ ଲାଗି ୧୫୦ ଟ୍ରାଫିକ କନଷ୍ଟେବଳ ସମେତ ୫ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କୁ ନିୟୋଜିତ କରାଯିବ। ରାଜଭବନରେ ରାଷ୍ଟ୍ରପତିଙ୍କ ରାତି ରହଣି ବ୍ୟବସ୍ଥା ଥିବାରୁ ସୁରକ୍ଷା ଭୁବନେଶ୍ୱରକୁ କଡ଼ା ସୁରକ୍ଷା ବଳୟରେ ରଖାଯିବ। ଆସନ୍ତାକାଲି କାରକେଡ୍ ରିହରସାଲ କରାଯିବ ବୋଲି ଜଣାପଡ଼ିଛି।

#### ଚକ୍‌ଲେଟ୍ ଦେବା...

କରିବାରେ କଷ୍ଟ ଅନୁଭବ କରିବାରୁ ଘରେ ସବୁ କଥା କହିଥିଲା। ଏହାପରେ ଘଟଣା ସଂପର୍କରେ ପରିବାର ଲୋକ ଜାଣିପାରିଥିଲେ। ଗତକାଲି ଘଟଣା ସଂପର୍କରେ ଜଣାପଡିବା ପରେ ଆଜି ୩ ପୀଡିତାଙ୍କ ପରିବାର ଏମଭି-୭୯ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣା ସଂପର୍କରେ ପୁଲିସ ନିକଟରେ ଅଭିଯୋଗ ହେବାପରେ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଘଟଣାସ୍ଥଳରେ ପହଁଚି ଛାନଭିନ ଆରମ୍ଭ କରିଛନ୍ତି। ମଂଗଳବାର ମଧ୍ୟାହ୍ନ ସମୟରେ ଏମଭି-୧୨୬ ଜଂଗଲରେ ଅଭିଯୁକ୍ତ ଲୁଚିଥିବାବେଳେ ତାକୁ ପୁଲିସ କାବୁ କରି ଥାନାରେ ଅଟକ ରଖି ପଚରା ଉଚରା କରୁଥିବାର ଜଣାପଡିଛି। ଅଭିଯୁକ୍ତ ଆନ୍ଧ୍ରରେ ଜଣେ ଠିକାଦାର ପାଖରେ ରହି କାମ କରୁ ଥିବାବେଳେ ପରିବାର ମଧ୍ୟ ସେଠାରେ ରହୁଛନ୍ତି। ସେ କିଛି ଦିନ ହେଲା ଘରକୁ ଆସି ଏକୁଟିଆ ରହୁଥିଲା। ଅଭିଯୁକ୍ତ ଜଣଙ୍କ ପୀଡିତାଙ୍କ ସଂପର୍କୀୟ ହୋଇଥିବାବେଳେ ତାକୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ମଧ୍ୟ ଏମଭି-୭୨ ଅଂଚଳରେ ଦୁଇଜଣ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଏହି ଘଟଣା ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଥିବାବେଳେ ବର୍ତମାନ ୩ଜଣ ନାବାଳିକା ଶିଶୁଙ୍କୁ ଦୁଷ୍କର୍ମ ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି।

#### ଲାଞ୍ଚ ନେଇ...

ଫଳରେ ଶ୍ରୀ ବେହେରା ୧୫ ହଜାରରୁ ୧୨ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଜମି ମାଲିକ ଏ ସଂକ୍ରାନ୍ତରେ ଭିଜିଲାନ୍ସରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ମଙ୍ଗଳବାର ଏଆରଆଇ କାର୍ଯ୍ୟାଳୟରେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇ ଗିରଫ କରିଥିଲେ। ତାଙ୍କୁ ଗିରଫ ପରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁଇଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ଯାରିରହିଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଯାରି ରହିଛି।

#### କେରଳରେ ମୃତ...

ଆମ୍ବୁଲାନ୍ସ ଯୋଗେ ପୁଅର ଶବକୁ ଗାଁକୁ ଆଣିଥିଲେ । ଗାଁରେ ଶବ ପହଂଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଶବ ସତ୍କାର କରାଯାଇଛି । ସୂଚନା ଥାଉକି ଅର୍ଜୁନ ଅନାଦିଙ୍କର ଏକମାତ୍ର ପୁଅ । ପୁଅକୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

#### ଜୀବନ ନେବାକୁ...

ପ୍ରସଙ୍ଗକୁ ଏଡ଼ାଇ ନଯାଇ ଉଭୟ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଅସୁରକ୍ଷିତ କୋଠାବାଡ଼ିର ସମୀକ୍ଷା କରିବା ସହିତ ସେସବୁକୁ ତୁରନ୍ତ ଉଚ୍ଛେଦ ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ସଚେତନ ମହଲରେ ମତପ୍ରକାଶ ପାଇଛି।

## ଏନ୍‌ପିଏସ୍-ୟୁପିଏସ୍‌କୁ ବିରୋଧ କରି ଦିଲ୍ଲୀରେ ବିଶାଳ ସମାବେଶ

**ନୂଆଦିଲ୍ଲୀ,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ନେସନାଲ ମୋଭମେଣ୍ଟ ଫର୍ ଓଲ୍ଡ ପେନସନ ସ୍କିମ ସଂଗଠନ (ଏନ୍‌ଏମଓପିଏସ)ର ଆନ୍ଦୋଳନ ଡାକରାରେ ଆଜି ନୂଆଦିଲ୍ଲୀସ୍ଥିତ ଜନ୍ତର ମନ୍ତରଠାରେ ସବୁ ରାଜ୍ୟର କର୍ମଚାରୀମାନେ ଏନପିଏସ, ୟୁପିଏସ ହଟାଇ ପୁରୁଣା ପେନସନ ଲାଗୁ ନେଇ ଏକାଠି ହୋଇଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ୨୦୦୪ ମସିହାରୁ ଓ ରାଜ୍ୟ ସରକାର ୨୦୦୫ ମସିହାରୁ ପୁରୁଣା ପେନସନ ବ୍ୟବସ୍ଥା ଉଚ୍ଛେଦ କରି ନେସନାଲ ପେନସନ ସିଷ୍ଟମ (ଏନପିଏସ) ଲାଗୁ କରିଥିଲେ, ଯେଉଁଥିରେ କି କର୍ମଚାରୀମାନେ ବେତନର ୧୦ ପ୍ରତିଶତ ଦେବେ ଓ ସରକାର ୧୪ ପ୍ରତିଶତ ପ୍ରଦାନ କରିବେ ଏବଂ ଏହା ବିଭିନ୍ନ ସେୟାର ମାର୍କେଟରେ ବିନିଯୋଗ ହେବ। ଯାହାକି କର୍ମଚାରୀମାନେ ଅବସର ପରେ ପେନସନ ଭାବେ ପାଇବେ। ପର ମୁହୂର୍ତ୍ତରେ ଦେଖାଗଲା କି ସେୟାର ମାର୍କେଟର ଅସ୍ଥିରତା ପାଇଁ ବହୁ କର୍ମଚାରୀମାନେ ଅବସର ପରେ ମାସିକ ମାତ୍ର ୧୦୦୦ରୁ ୧୫୦୦ ପର୍ଯ୍ୟନ୍ତ ବେତନ ପାଇବା ପାଇଁ ଯୋଗ୍ୟ ହେଲେ। ଏହା ବିରୁଦ୍ଧରେ ପୂର୍ବ ବର୍ଷମାନଙ୍କରେ ଏନ୍‌ଏମଓପିଏସର ବାରମ୍ବାର ଆନ୍ଦୋଳନ ଓ ବିଭିନ୍ନ ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଚଳିତ ବର୍ଷ ଏପ୍ରିଲ ମାସରେ ୟୁନିଫାଇଏଡ ପେନସନ ସ୍କିମ୍ (ୟୁପିଏସ) ଲଗୁ କରିଥିଲେ। ଯେଉଁଥିରେ କି କର୍ମଚାରୀମାନେ ବେତନର ୧୦ ପ୍ରତିଶତ ଦେବେ ଓ ସରକାର ୧୮.୫ ପ୍ରତିଶତ ପ୍ରଦାନ କରିବେ ଏବଂ ଏହା ବିଭିନ୍ନ ସେୟାର ମାର୍କେଟରେ ବିନିଯୋଗ ହେବ। ଅବସର ପରେ କର୍ମଚାରୀମାନେ ଶେଷ ଦରମାର ୫୦ ପ୍ରତିଶତ ପେନସନ ଆକାରରେ ସେଥିରୁ ପାଇବେ କିନ୍ତୁ କର୍ମଚାରୀମାନେ ସେମାନଙ୍କ ପ୍ରଦତ୍ତ ଭାଗ କିଛି ପାଇବେ ନାହିଁ। ଏହିସବୁ କାରଣ ଯୋଗୁ ଏଯାବତ୍ ମାତ୍ର ୩ ପ୍ରତିଶତ କର୍ମଚାରୀ ଏନ୍‌ପିଏସରୁ ୟୁପିଏସକୁ ବାଛିଛନ୍ତି। ରାଜନେତାମାନେ ଥରେ ବିଧାୟକ କିମ୍ବା ସାଂସଦ ହେବା ପରେ ସେମାନେ ପୁରୁଣା ପେନସନ ପାଇବା ପାଇଁ ହକଦାର ହୋଉଥିବା ବେଳେ କର୍ମଚାରୀଟିଏ ୩୦ ବର୍ଷ ଚାକିରି କରିବା ପରେ ମଧ୍ୟ ଏଥିରୁ ବଞ୍ଚିତ ହେଉଛି।

ପ୍ରକାଶଥାଉକି ସବୁ ରାଜ୍ୟ ପୁରୁଣା ପେନସନ ପାଇଁ ଯୋରଦାର ବିରୋଧ କରୁଥିବା ବେଳେ କିଛି ରାଜ୍ୟ ଯଥା ଛତିଶଗଡ, ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ହିମାଚଳ ପ୍ରଦେଶରେ ଏହା ଲାଗୁ ହୋଇସାରିଲାଣି ଓ କିଛି ରାଜ୍ୟରେ ପୁରୁଣା ପେନସନ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କମିଟି ଗଢ଼ାଯାଇ କର୍ମଚାରୀମାନଙ୍କ କ୍ଷେତ୍ରରେ ଏହା ଲାଗୁକରିବାକୁ ଅଗ୍ରସର ହେଉଛନ୍ତି। ଓଡ଼ିଶାର ମଧ୍ୟ କର୍ମଚାରୀମାନେ ପୁରୁଣା ପେନସନ୍ ଯୋଜନା ଲାଗୁ ନେଇ ଆଶାବାଦୀ ଅଛନ୍ତି। ଓଡିଶାରୁ ବିଜୟ ମଲ୍ଲଙ୍କ ନେତୃତ୍ୱରେ ପ୍ରିୟବ୍ରତ ପ୍ରଧାନ, ରଞ୍ଜନ ମହାନ୍ତି, ପ୍ରଦୀପ ଜେନା, ଚନ୍ଦ୍ର ଖୁଲ, ତାପସ ରଞ୍ଜନ ନାଥ, ହରିଶ ଚନ୍ଦ୍ର ଦାସ, ହୃଷିକେଶ ଦାସ ସହ ଶତାଧିକ କର୍ମଚାରୀ ଓ ଶିକ୍ଷକ ନୂଆଦିଲ୍ଲୀର ଜନ୍ତର ମନ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଘର କାନ୍ଥ ଭାଙ୍ଗୁଥିବା ବେଳେ ବିମ୍ ପଡି ଶ୍ରମିକ ମୃତ

**ନିଆଳି,୨୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅନ୍ତର୍ଗତ ପହଂଗା ପଂଚାୟତ ମେଥିବୁଦାରେ ଘରର କାନ୍ଥ ଭାଙ୍ଗୁଥିବା ସମୟରେ କାନ୍ଥ ଉପରେ ଥିବା ବିମ୍ ଜଣେ ଶ୍ରମିକଙ୍କ ପଡ଼ି ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଉଛନ୍ତି ସେହି ଗ୍ରାମର ପ୍ରମୋଦ କୁମାର ମଲିକ (୫୨)। ସୂଚନା ମୁତାବକ ମେଥିବୁଦାର ଦେବେନ୍ଦ୍ର ସାହୁଙ୍କ ଘରେ ଶ୍ରମିକ ଭାବେ ପ୍ରମୋଦ ଅନ୍ୟ ଶ୍ରମିକଙ୍କ ସହ କାମ କରୁଥିଲେ। ଘରର କାନ୍ଥ ଭାଙ୍ଗିବା ସମୟରେ ବିମ୍‌ଟି ପ୍ରମୋଦଙ୍କ ଉପରେ ପଡିଥିଲା, ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରମୋଦଙ୍କ ପରିବାର କହିଲେ ସେ ଓ ତାଙ୍କ ପତ୍ନୀ। ତାଙ୍କର କୌଣସି ସନ୍ତାନ ନାହାନ୍ତି।

## ସନ୍ତୋଷ ସେଠୀ ଜିଲ୍ଲା ଠିକାଦାର ସଂଘ ସଭାପତି

**କେନ୍ଦ୍ରାପଡ଼ା,୨୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଠିକାଦାର ସଂଘର ସଭାପତି ଭାବେ ଠିକାଦାର ସନ୍ତୋଷ କୁମାର ସେଠୀ ମନୋନୀତ ହୋଇଛନ୍ତି। ତାଙ୍କୁ ରାଜ୍ୟ ସଂଘ ସଭାପତି ପ୍ରଭାତ ଦାଶ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ଏଠାରେ ଏକ ମଣ୍ଡପରେ ଏକ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ସେ ଜିଲା ପ୍ରଶାସନକୁ ନିବେଦନ କରିବେ ବୋଲି କହିଥିଲେ। ଠିକାଦାର ଓ ଜିଲା ପ୍ରଶାସନ ମଧ୍ୟରେ ଏକ ସେତୁ ଭାବେ ସେ କାର୍ଯ୍ୟ କରିବେ। ସେହିପରି ସମସ୍ତ ଠିକାଦାର ଯେପରି ସମାଜର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ସେଥିପାଇଁ ସେ ଠିକାଦାରମାନଙ୍କୁ ସଚେତନ କରିବେ। କୌଣସି ଠିକାଦାର ଯେପରି ସମାଜରେ ବଦନାମ ନ ହେବେ ସେ ନେଇ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହାସହ ନୂତନ ଜିଲା ସଭାପତି ଶ୍ରୀ ସେଠୀ ରାଜ୍ୟ ସଭାପତି ପ୍ରଭାତ କୁମାର ଦାଶ, ସଂପାଦକ ଭାଗ୍ୟଧର ଦାଶ ପ୍ରମୁଖଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ଜିଲା ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ